RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-193 ◆THURSDAY ◆8 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୯୩ ◆ଗୁରୁବାର ◆୮ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଦୀପିକାଙ୍କ ନୂଆ ପଦକ୍ଷେପ

▶ପୃଷ୍ଠା ୨ ଦେଖନ୍ତୁ...

# ଏପ୍ରିଲରୁ ଓଡ଼ିଶାରେ ଜନଗଣନା

## ପ୍ରଥମେ ହେବ ଗୃହ ତାଲିକା, ଆସବାବପତ୍ର ଗଣନା

■ ଭୁବନେଶ୍ୱର, ୭।୧ (ସମିସ): ସାରା ଦେଶରେ ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟମାନେ ନିଜର ସୁବିଧା ଅନୁସାରେ ୩୦ ଦିନ ମଧ୍ୟରେ ଗୃହ ତାଲିକା ଓ ଘର ଗଣନା କରିପାରିବା ନେଇ ନିର୍ଦ୍ଦେଶ ରହିଥିବା ବେଳେ ଓଡ଼ିଶାରେ ଏପ୍ରିଲରୁ ମେ ମାସ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ଏନେଇ ବୁଧବାର ଲୋକସେବା ଭବନରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ସୂଚନା ଅନୁସାରେ ଗତ ଡିସେମ୍ବର ୩୧ ତାରିଖ ସୁଦ୍ଧା ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟ ସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ

**୨୦୦ ଘର ପାଇଁ ନିଯୁକ୍ତି ପାଇବେ ଜଣେ ଅଧିକାରୀ**

**ନାଗରିକ ଚାହିଁଲେ ୱେବସାଇଟରେ ଦେଇପାରିବେ ତଥ୍ୟ**



ଭାବେ କାର୍ଯ୍ୟ କରିବେ। ଶିକ୍ଷକ, ରାଜ୍ୟ ସରକାର ଓ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଜନଗଣନାକାରୀ (ଏନ୍ୟୁମେରେଟର) ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ। ଜନଗଣନା ପାଇଁ ପୂର୍ବରୁ ମାଷ୍ଟର ଟ୍ରେନର ଏବଂ କ୍ଷେତ୍ରସ୍ତରୀୟ ପ୍ରଶିକ୍ଷଣକଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ।

ଜନଗଣନା ନିର୍ଦ୍ଦେଶକ ନିଖିଲ ପଣ୍ଡନ କଲ୍ୟାଣ କହିଛନ୍ତି ଯେ ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏଁ ଅଧିକାରୀ ନିୟୋଜିତ ହେବେ। ପ୍ରତି ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ଲେଖାଏଁ ସୁପରଭାଇଜର ନିୟୋଜିତ ହେବେ। ଜଣେ ଜନଗଣନା ଅଧିକାରୀଙ୍କୁ ସରକାର ୨୫ ହଜାର ଟଙ୍କା ପ୍ରଦାନ କରିବେ। ବ୍ୟବସ୍ଥା ଅନୁଯାୟୀ ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ, ୱେବସାଇଟ ଜରିଆରେ ପଞ୍ଜିକୃତ ମଧ୍ୟ କରିପାରିବେ। ସମସ୍ତ ପ୍ରକ୍ରିୟା ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନ ସଟ ମଧ୍ୟ ବ୍ୟବହାରକାରୀ ନେଇପାରିବେ ନାହିଁ ବୋଲି ▶ପୃଷ୍ଠା-୭

# 'ଏସ୍ମା'କୁ ଓମ୍ସାର ବେଖାତିର

## ଦାବି ପୂରଣ ନ ହେବା ଯାଏଁ ଜାରି ରହିବ ଆନ୍ଦୋଳନ: ସଂଘ

■ ଭୁବନେଶ୍ୱର, ୭।୧ (ସମିସ): ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ମଙ୍ଗଳବାର ରାଜ୍ୟ ସରକାର ଏସ୍ମା ଲଗାଇଥିବା ବେଳେ ଏହାକୁ ଭ୍ରୂକ୍ଷେପ କରିନାହିଁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍ସା)। ବୁଧବାର ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ୨ ଘଣ୍ଟା ଓପିଡି ସେବା ବର୍ଜନ କରିଛି ସଂଘ। ଏହାସହ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଂଘ କ୍ଷୋଭ ପ୍ରକାଶ କରିବା ସହ ସମାଲୋଚନା କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମଦିନରେ ଡାକ୍ତରମାନଙ୍କୁ ଏସ୍ମା ଉପହାର ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ହିତକର ନୁହେଁ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ଡାକ୍ତର ମିଶ୍ର କହିଛନ୍ତି ଯେ ରାଜ୍ୟରେ ୧୫୦୦୦ ଡାକ୍ତରଙ୍କ ସ୍ଥାନରେ ମାତ୍ର ୬୦୦୦ ଡାକ୍ତର ରୋଗୀସେବା କରୁଛନ୍ତି। ଆମକୁ ଆମର ନ୍ୟାଯ୍ୟ ପଦୋନ୍ନତି, ପ୍ରୋତ୍ସାହନ ରାଶି ମିଳୁନାହିଁ। ଆମେ କିପରି ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇ ଆସୁଛୁ, ତାହା ଜନତାଙ୍କୁ ସୂଚିତ କରିବାକୁ ଚାହୁଁଥିଲୁ। ସେଥିପାଇଁ ଆମେ ଜରୁରୀକାଳୀନ ସେବା ବନ୍ଦ କରି ନ ଥିଲୁ। ପ୍ରଥମେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବା ପରେ ଏକ ଘଣ୍ଟା ଓପିଡି ସେବା ବର୍ଜନ କରିଥିଲୁ। ମାତ୍ର ସରକାର ଆମ ଦାବି ପ୍ରତି କର୍ଣ୍ଣପାତ ନ କରିବା କାରଣରୁ ବାଧ୍ୟ ହୋଇ ୨ ଘଣ୍ଟା ଓପିଡି ସେବା ବର୍ଜନ ନିଷ୍ପତ୍ତି ନେଇଥିଲୁ। ମାତ୍ର ସରକାର ଆମ ଦାବି ଗ୍ରହଣ କରିବା ପରିବର୍ତ୍ତେ ଆମ ଉପରେ ଏସ୍ମା ଲଗାଇଦେଲେ। ଗଣତନ୍ତ୍ର ପାଇଁ ଏହା ହିତକର ନୁହେଁ। ରାଜ୍ୟ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିକୁ ଓମ୍ସା। ନାପସନ୍ଦ କରୁଛି ବୋଲି ଡାକ୍ତର ମିଶ୍ର ▶ପୃଷ୍ଠା-୭

**ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ଶୁଭସୂଚନା ନୁହେଁ**

**ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଡାକ୍ତରଙ୍କୁ 'ଏସ୍ମା' ଉପହାର**

# ଗଞ୍ଜେଇ ମାଫିଆର ୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କଲା ଅର୍ଥ ମନ୍ତ୍ରଣାଳୟ

■ ଫୁଲବାଣୀ, ୭।୧ (ସମିସ): ବେଆଇନ ଗଞ୍ଜେଇ କାରବାରରେ ସଂପୃକ୍ତ ଥିବା ଏବଂ ଏଥିରୁ ବିପୁଳ ଅର୍ଥ ଠୁଳ କରିଥିବା ଅଭିଯୋଗରେ ଜଣେ ଗଂଜେଇ ମାଫିଆର ୫ କୋଟି ଟଙ୍କାର ସମ୍ପତି ବାଜ୍ୟାପ୍ତି କରିଛି ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ। ମାଫିଆ ସମେତ ସମ୍ପର୍କୀୟ ୫ ଜଣଙ୍କ ବେଆଇନ ସମ୍ପତ୍ତି ମଧ୍ୟ ଜବତ ହୋଇଛି। ବହୁ ଆକାଉଣ୍ଟ ଅଚଳ ପାଇଁ ଫୁଲବାଣୀ ସଦର ଥାନାକୁ ନିର୍ଦ୍ଦେଶ ଦେଇଛି ବିଭାଗ।

ସୂଚନା ପ୍ରକାରେ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗର ଚିଠି ସିଏ/କେଓଏଲ/ଏନଡିପିଏସ/ଏ୨୫୬/୨୦୨୫-୨୬/୧୦୯୮-୧୧୧୬ ଅନୁଯାଇ ଫୁଲବାଣୀ ସଦର ଥାନାର ପୁଲିସ ୪ ଜୁନ ୨୦୨୫ ତାରିଖରେ ବିଶେସ ସୂତ୍ରରୁ

**ସମ୍ପର୍କୀୟଙ୍କ ଆକାଉଣ୍ଟ ଅଚଳ**

**ବହୁ ଦାମୀ କାର ବାଇକ୍ ଜବତ**

ଖବର ପାଇ ଦିନ ପ୍ରାୟ ୧୨ଟାରେ ଧୋବଣିଖୋଲରେ ଏକ ଟ୍ରକ୍ ରେଜିଷ୍ଟ୍ରେସନ୍ ନମ୍ବର ଓଡି-୦୨-ବିଡବ୍ଲୁ-୦୭୨୦ ରୁ ୫୧୬ କିଲୋଗ୍ରାମ ଗଂଜେଇ ଜବ୍ତ କରିଥିଲା। ଏହି ଘଟଣାରେ ମିଥୁନ ନାୟକ ଏବଂ ଜ୍ୟୋତି ଜ୍ୟୋତିଷ ▶ପୃଷ୍ଠା-୭

## ପୂରଣ ହେଲା ଗୋଟିଏ ଦାବି; ଆଉ ତିନିଟି ବିଚାରାଧୀନ

# ସରକାରଙ୍କୁ ମିଲରଙ୍କ ୧୫ ଦିନିଆ ମହଲତ

■ ଭୁବନେଶ୍ୱର, ୭।୧ (ସମିସ): ସର୍ତ୍ତମୂଳକ ଭାବେ ସରକାରଙ୍କୁ ୧୫ ଦିନିଆ ମହଲତ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିଛି ମିଲର ସଂଘ। ଫଳରେ ଗତ ୩ ଦିନ ହେବ ବନ୍ଦ ରହିଆସିଥିବା ଧାନ କିଣା ଗୁରୁବାରଠାରୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମିଲର୍ସ ସଂଘ କହିଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିକଟରେ ୪ ଦଫା ଦାବି ରଖାଯାଇଥିଲା। ଏଥି ମଧ୍ୟରୁ ଗୋଟିଏ ଦାବି ସରକାର ମାନି ନେଇଛନ୍ତି। ବାକି ଦାବିଗୁଡ଼ିକ ପୂରଣ ପାଇଁ ସରକାର ୧୫ ଦିନ ସମୟ ମାଗିଛନ୍ତି। ତେଣୁ ସରକାରଙ୍କୁ ସମୟ ଦିଆଯାଇଛି ଓ ଏହି ଦାବି ପୂରଣ ନେଇ ସରକାର ପଦକ୍ଷେପ ନେବେ ବୋଲି

**ଆନ୍ଦୋଳନ ସ୍ଥଗିତ, ଆଜିଠାରୁ ସ୍ୱାଭାବିକ ହେବ ଧାନକିଣା**

ସଂଘ ଆଶାବାଦୀ ରହିଛି। ସଂଘ ଆହୁରି କହିଛି, ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ୍ୟ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଆଜିକୁ ୩ ଦିନ ହେଲାଣି ଆମର ଧାରଣା ଚାଲିଥିଲା। ବିଭାଗୀୟ ମନ୍ତ୍ରୀ ଆମର ଗୋଟିଏ ଦାବିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ମକର ସଂକ୍ରାନ୍ତି ଥିବାରୁ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ମିଲ୍ ସ୍ୱାଭାବିକ ହେବ ବୋଲି ସଂଘ କହିଛି।

ବର୍ତ୍ତମାନ ରାଜ୍ୟରେ ୧୪୧୮ ରାଇସ ମିଲ କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କ ଉପରେ ୩୩୦ କୋଟି ଟଙ୍କା ବାକି ପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇ ଆର୍ଥିକ ବର୍ଷର ପ୍ରାୟ ୧୫୦ କୋଟି ବାକି ଟଙ୍କା ସରକାର ପୈଠ କରିବାକୁ ପ୍ରତିଶୃତି ଦେଇଛନ୍ତି। ମଣ୍ଡିରୁ ମିଲକୁ ଧାନ ଆସିବା ଏବଂ ▶ପୃଷ୍ଠା-୭

# ଆହୁରି ୩ ଦିନ କଲବଲ କରିବ ଶୀତ

## ୧୦ ଡିଗ୍ରୀ ତଳେ ରାଜ୍ୟର ୨୩ ସହର

■ ଭୁବନେଶ୍ୱର, ୭।୧ (ସମିସ): ରାଜ୍ୟରେ ଜାରି ରହିଛି ଅସହ୍ୟ ଶୀତ। ଗତ ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୬-୭ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟର ୨୩ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ୩୮ ଟି ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଜି. ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ରାତିରୁ ବୁଧବାର ସକାଳ ମଧ୍ୟରେ ଜି.ଉଦୟଗିରି ୩ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡା ୪.୧, ଫୁଲବାଣୀ ୫, ରାଉରକେଲା ୫.୧, ଝାରସୁଗୁଡା ୫.୪, ଦାରିଙ୍ଗବାଡ଼ି ୬, ସୁନ୍ଦରଗଡ଼ର କିରେଇ ୭.୪, କେନ୍ଦୁଝର ୭.୬,

**ଶିମିଳିପାଳରେ ଶୂନ ଡିଗ୍ରୀକୁ ଖସିଲା ପାରଦ**

ସୁନ୍ଦରଗଡ ୭.୮, ଭବାନୀପାଟଣା ୭.୮, ଚିପିଲିମା ୭.୭, ଅନୁଗୁଳ ୮, କୋରାପୁଟ ୮.୫, ବଲାଙ୍ଗୀର ୮.୫, ବାରିପଦା ୮.୬, ଢେଙ୍କାନାଳ ୮.୬, ▶ପୃଷ୍ଠା-୭

# ରାଜ୍ୟ ଓଏଏସ୍ ସଂଘରେ 'ବରିଷ୍ଠ'- 'କନିଷ୍ଠ' ବିଭେଦ

## ସଂଘକୁ ବିଭାଜିତ କଲା ରାଜନଗର ବିଡିଓଙ୍କୁ ଆକ୍ରମଣ ଘଟଣା

■ ଭୁବନେଶ୍ୱର, ୭।୧ (ସମିସ): କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ବିଡିଓଙ୍କୁ ଆକ୍ରମଣ ଘଟଣାକୁ ୭ ଦିନ ବିତିବାକୁ ବସିଛି। ଏହି ଆକ୍ରମଣ ଘଟଣାର ସିସିଟିଭି ଫୁଟେଜ୍ ରାଜ୍ୟବ୍ୟାପୀ ଘୁରି ବୁଲୁଛି। ଜଣେ ମହିଳା ସରକାରୀ ଅଧିକାରୀଙ୍କୁ ଏକାଧିକ ବ୍ୟକ୍ତି ଘେରିଯାଇ ଭୟଭୀତ କରାଇବା ସହ ଆକ୍ରମଣ କରିବାକୁ ଉଦ୍ୟମ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମାତ୍ର ଏହି ଘଟଣାରେ ରାଜ୍ୟ ଓଏଏସ୍ ସଂଘର ରହସ୍ୟମୟ ନିରବତା ସବୁଠାରୁ ବଡ଼ ପ୍ରଶ୍ନ ଭାବରେ ଉଭା ହୋଇଛି।

**କର୍ମକର୍ତ୍ତାଙ୍କ ଆଭିମୁଖ୍ୟକୁ ନେଇ ସଂଗଠନରେ ଅସନ୍ତୋଷ**

ରାଜ୍ୟର ଏକ ପ୍ରମୁଖ ସ୍ଥାନରେ ଜଣେ ମହିଳା ଓଏଏସ୍ ଅଧିକାରୀଙ୍କୁ ଏଭଳି ଆକ୍ରମଣ ଉଦ୍ୟମରେ ରାଜ୍ୟ ଓଏଏସ୍ ସଂଘ କାହିଁକି ପାଟି ଫିଟାଉନାହିଁ, ତାହାକୁ କନିଷ୍ଠ ବର୍ଗ ଅଧିକାରୀଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଏମ୍ସିରେ ଜଣେ ବରିଷ୍ଠ ଓଏଏସ୍ଙ୍କୁ ମାଡ଼ ଘଟଣାରେ ସଂଘ ଏକାଠି ହୋଇ ପ୍ରତିବାଦ କରିଥିବାବେଳେ ରାଜନଗର ବିଡ଼ିଓଙ୍କ ଆକ୍ରମଣ ଘଟଣାରେ ତାହାର ବିପରୀତ ଦେଖିବାକୁ ମିଳୁଛି। ବରିଷ୍ଠ ଅଧିକାରୀ ଓ କନିଷ୍ଠ ଅଧିକାରୀଙ୍କ ପ୍ରତି ସଂଘର ଭିନ୍ନଭିନ୍ନ ଆଭିମୁଖ୍ୟ ▶ପୃଷ୍ଠା-୭






# ଯୁବକଙ୍କ ଆକ୍ରମଣରେ ବାପାଙ୍କ ସମେତ ଦୁଇ ମୃତ


■ ରାଇରଙ୍ଗପୁର/କରଞ୍ଜିଆ, ୭।୧ (ସମିସ): ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। କରଞ୍ଜିଆ ଥାନା ଅନ୍ତର୍ଗତ କୁଶପଦା ଗ୍ରାମରେ ଘଟିଛି ଏପରି ହୃଦୟ ବିଦାରକ ଘଟଣା। ମୃତକଦ୍ୱୟ ହେଲେ ବାପା ପ୍ରଫୁଲ୍ଲ ପାତ୍ର ଓ ପଡ଼ୋଶୀ ଗଣେଶ୍ୱର ପାତ୍ର।

ସୂଚନା ଥାଉକି, ସେହି ଗ୍ରାମର ଯୁବକ ମଣ୍ଟୁ ପାତ୍ର ବୁଧବାର ଅପରାହ୍ଣ ୪ଟାରେ ଏକ କୁରାଢ଼ିରେ ପଡ଼ୋଶୀ ଗଣେଶ୍ୱର ପାତ୍ର, ବାପା ପ୍ରଫୁଲ୍ଲ ପାତ୍ର ଓ ନିଜ ଭାଇକୁ ଆକ୍ରମଣ କରିଛି। ଘଟଣାସ୍ଥଳରେ ଗଣେଶ୍ୱର ପାତ୍ର ଓ ବାପା ପ୍ରଫୁଲ୍ଲ ପାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ଭାଇ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ କରଞ୍ଜିଆ ଥାନା ପୁଲିସ ପହଞ୍ଚି ଯୁବକଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ତେବେ କାହିଁକି ଏପରି ଜଘନ୍ୟ କାଣ୍ଡ ଘଟାଇଲା ସେ ନେଇ ଅଧିକ ତଦନ୍ତ ଜାରି ରଖିଛି କରଞ୍ଜିଆ ଥାନା ପୁଲିସ।




ଆଜି ଆସିଥିଲେ

# ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ର



ଓଡ଼ିଶୀର ପୁନରୁତ୍ଥାନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଇବାରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା । ପଦ୍ମ ବିଭୂଷଣ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ । ସେ ପ୍ରାୟ ୨୦୦ ଏକକ ପ୍ରଦର୍ଶନ ଓ୫୦ଟି ନୃତ୍ୟ ନାଟିକା ସଂଯୋଜନ କରିଛନ୍ତି । ବିଶ୍ୱସ୍ତରରେ ଓଡ଼ିଶୀ ନୃତ୍ୟକୁ ପ୍ରଚାର ଓ ପ୍ରସାର କରାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ । କେଳୁଚରଣ ପୁରୀ ଜିଲ୍ଲା ରଘୁରାଜପୁରରେ ଏକ ଶିଳ୍ପୀ ପରିବାରରେ ୧୯୨୬ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଚିନ୍ତାମଣି ମହାପାତ୍ର ଜଣେ ଚିତ୍ରଶିଳ୍ପୀ ଓ ମର୍ଦ୍ଦଳ ବାଦକ ଥିଲେ । ପିଲାଦିନରୁ କେଳୁଚରଣ ଗୋଟିପୁଅ ନାଚପ୍ରତି ଆକର୍ଷିତ ହୋଇଥିଲେ । ତାଙ୍କ ପିତାଙ୍କୁ କିନ୍ତୁ ପୁଅର ଗୋଟିପୁଅ ନୃତ୍ୟ କରିବା ପସନ୍ଦ ନ ଥିଲା । ସେ ତାଙ୍କୁ ଏଥିରୁ ନିବୃତ୍ତ କରି ପୁରୀର 'କୁଞ୍ଜ ବିହାରୀ ରାସ ଲୀଳା' ଦଳରେ ଛାଡ଼ି ଦେଇଥିଲେ । କେଳୁଚରଣ ଏହି ଦଳରେ ପାଖାପାଖି ୧୦ ବର୍ଷ ରହିଥିଲେ । ପିତାଙ୍କ ଦେହାନ୍ତ ପରେ ସେ ଦଳ ଛାଡ଼ି ଗାଁକୁ ଜୀବିକା ନିର୍ବାହ ପାଇଁ ପଳାଇ ଆସିଥିଲେ । ତାଙ୍କ କଳାକାର ମନ ମାନି ନ ଥିଲା । ଏହାପରେ ସେ ଗାଁ ଛାଡ଼ି କଟକ ପଳାଇ ଆସିଥିଲେ । କଟକ ଆସି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ ଯୋଗ ଦେଇଥିଲେ । ଏହାପରେ ସେ ଅନ୍ନପୂର୍ଣ୍ଣା-ବି' ଦଳରେ ଯୋଗ ଦେଲେ । ଏଠାରେ ଗୁରୁ ପଙ୍କଜ ଚରଣ ଦାସଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୃତ୍ୟ ପ୍ରତିଭାର ବିକାଶ ହୋଇଥିଲା । ନୃତ୍ୟ ନାଟିକା 'ଭସ୍ମାସୁର'ରେ 'ନଟରାଜ' ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ଗୁରୁ କେଳୁଚରଣ । ଏଥିରେ ମୋହିନୀ ଭୂମିକାରେ ଅଭିନୟ କରିଥିଲେ ଲକ୍ଷ୍ମୀପ୍ରିୟା । ଏହାପରେ ଲକ୍ଷ୍ମୀପ୍ରିୟା କେଳୁଚରଣଙ୍କ ଯୁଗଳବନ୍ଦୀ ଆରମ୍ଭ ହୋଇଥିଲା । ସେ ୨୮ ବର୍ଷ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ । ଏହାପରେ ଉଭୟ ପୁରୀ ଚାଲିଗଲେ । ପୁରୀରେ ମାହାରୀ ଓ ଗୋଟିପୁଅ ନୃତ୍ୟ ଉପରେ ଗବେଷଣା କରି ସେସବୁକୁ ଆୟତ୍ତ କରି ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ । ୧୯୫୩ ମସିହାରେ ସେ କଟକ କଳାବିକାଶ କେନ୍ଦ୍ରରେ ଯୋଗଦେଲେ । କଳାବିକାଶ କେନ୍ଦ୍ରରେ ସେ ଦୀର୍ଘ ୧୫ ବର୍ଷ ଓଡ଼ିଶୀ ଶିକ୍ଷାଦାନ କରି ବହୁ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଥିଲେ । ସଂଯୁକ୍ତା ପାଣିଗ୍ରାହୀ, ମିନତି ମିଶ୍ର, ପ୍ରିୟମ୍ବଦା ମହାନ୍ତି ଆଦିଙ୍କୁ ବ୍ୟକ୍ତିଗତ ଭାବେ ଓଡ଼ିଶୀ ନୃତ୍ୟଶିକ୍ଷା ପ୍ରଦାନ କରିଥିଲେ । ବହୁ ବିଦେଶୀ ଶିଷ୍ୟ କଟକ ଆସି ଗୁରୁ କେଳୁଚରଣଙ୍କ ଘରେ ରହି ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲେ । ସେ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ସହିତ ଦଶବର୍ଷ ଧରି ଜଡ଼ିତ ଥିଲେ । ୧୯୯୫ ମସିହାରେ ସେ ଓଡ଼ିଶୀ ଗବେଷଣା କେନ୍ଦ୍ର ଛାଡିବା ପରେ ନିଜସ୍ୱ ଅନୁଷ୍ଠାନ 'ସୃଜନ'ର ଆରମ୍ଭ କରିଥିଲେ । ଓଡ଼ିଶୀ ନୃତ୍ୟର ଏହି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟଙ୍କୁ ଦେଶବାସୀ ସମ୍ମାନିତ କରିଥିଲେ ପଦ୍ମବିଭୂଷଣରେ । ଓଡ଼ିଶୀ ନୃତ୍ୟ ପ୍ରତି ନିଷ୍ଠାପର ଅବଦାନ ପାଇଁ ତାଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍, ମଧ୍ୟପ୍ରଦେଶ ସରକାରଙ୍କଠାରୁ କାଳିଦାସ ସମ୍ମାନ, ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୦୪ ମସିହା ଅପ୍ରେଲ ୭ ତାରିଖରେ କେଳୁଚରଣ ଇହଧାମ ତ୍ୟାଗ କରିଥିଲେ ।

# ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର



ନିରୁତା ଜୀବନରେ ହାସ୍ୟରସ ଭରି ଜୀବନକୁ ହାସ୍ୟମୟ କରିବାରେ କବି ଯଦୁମଣି ମହାପାତ୍ର ଥିଲେ ସିଦ୍ଧହସ୍ତ । ରୀତିଯୁଗରେ ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟର ଥିଲେ ସେ ସ୍ରଷ୍ଟା । ଉପସ୍ଥିତ ବୁଦ୍ଧି ଦ୍ୱାରା ଶବ୍ଦ ସଂଯୋଜନା କରି ବ୍ୟଙ୍ଗ ମାଧ୍ୟମରେ କୌଣସି ଘଟଣାକୁ ଉପସ୍ଥାପନା କରିବାରେ ସେ ସିଦ୍ଧହସ୍ତ ଥିଲେ । ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଘଣ୍ଟର ଧ୍ୱନୀ ଭଳି ତାଙ୍କ କବିତା ସମସ୍ତଙ୍କୁ ସତର୍କ କରାଇ ଦେଉଥିବାରୁ ଯଦୁମଣି ନିଜକୁ ନିଜେ 'ଉତ୍କଳ ଘଣ୍ଟ' ନାମରେ ପରିଚୟ ଦେଉଥିଲେ ବୋଲି ଲୋକମତ ରହିଛି । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କୁ ଅନୁକରଣ କରି ସେ ତାଙ୍କର ରଚନାଶୈଳୀକୁ ସ୍ୱତନ୍ତ୍ର ଓ ମୌଳିକ କରି ପାରିଥିଲେ । ସେ ତାଙ୍କ ହାସ୍ୟ ରସାତ୍ମକ ଲେଖା ମଧ୍ୟରେ ଜଣେ ନିର୍ବାକ ଲୋକକୁ ବି ହସେଇ ପାରୁଥିଲେ । ଗ୍ରାମୀଣ ଶବ୍ଦର ପ୍ରୟୋଗ କରି ସେ ପ୍ରତି ପାଠକଙ୍କ ନିକଟତର ହୋଇଥିଲେ ଓ ସାଧାରଣ ଲୋକଙ୍କ ମନରେ ଆନନ୍ଦ ସୃଷ୍ଟି କରିପାରୁଥିଲେ । ଯଦୁମଣି ୧୭୮୧ ମସିହା ଆଜିର ଦିନରେ ଗଞ୍ଜାମ ଜିଲ୍ଲା ଆଠଗଡ଼ରେ ଜନ୍ମଗ୍ରହଣ କରିଥିଲେ । କବି ଗଞ୍ଜାମର ଆଠଗଡ଼ଠାରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ କର୍ମମୟ ଜୀବନ ନୟାଗଡ଼ର ଇଟାମାଟିଠାରେ ହିଁ ବିତିଥିଲା । ତାଙ୍କ ପିତାଙ୍କ ନାମ ଥିଲା ମୁକୁନ୍ଦ ମହାପାତ୍ର ଏବଂ ମା'ଙ୍କ ନାମ ଶୋଭାଦେଇ । ପିଲାଦିନରୁ ସେ ସଂସ୍କୃତ ଭାଷାର କାବ୍ୟ, ନାଟକ, ଅମରକୋଷ ଆଦି ପାଠ କରିଥିଲେ । ସ୍ଥପତି ପରିବାରରେ ଜନ୍ମ ହୋଇଥିବାରୁ ଦେବ ବିଗ୍ରହମାନଙ୍କର ରୂପ ଚିତ୍ରଣ, କାଠ ଓ ପ୍ରଥର ବିଗ୍ରହ ନିର୍ମାଣ, ପଟ୍ଟଚିତ୍ର ଅଙ୍କନ ଆଦିରେ ମଧ୍ୟ ସେ ଧୁରନ୍ଧର ଥିଲେ । ସେ ବିଭିନ୍ନ ରାଗରାଗିଣୀ, ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ ଜଣାଣ ଓ ଗୀତ, କବିତା ମାନ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ସାହିତ୍ୟ ସୃଷ୍ଟି ମଧ୍ୟରେ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଏବଂ 'ରାଘବ ବିଳାସ' ହେଉଛି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । କବି ହେବା ପାଇଁ ପିଲାଦିନରୁ ଯଦୁମଣିଙ୍କର ପ୍ରବଳ ଆଗ୍ରହ ଥିଲା । ଗାଁ ଚାଟଶାଳୀରେ ଶିକ୍ଷା ଶେଷ କରି ସଂସ୍କୃତ ଶିକ୍ଷା ପାଇଁ ସେ ମାନଧାତାପୁର ଗ୍ରାମର ଜଣେ ସଂସ୍କୃତ ପଣ୍ଡିତଙ୍କ ନିକଟକୁ ଯାଇଥିଲେ । ସେଠାରେ ଶିକ୍ଷା ସମାପ୍ତ ପରେ ସେ ସଂସ୍କୃତରେ ଉଚ୍ଚଶିକ୍ଷା ପାଇଁ ଘୁମୁସର ନିକଟବର୍ତ୍ତୀ ବିଷ୍ଣୁଚକ୍ର ଗ୍ରାମକୁ ଗଲେ । ସେଠାରେ ସେ ପଞ୍ଚମୁଖୀ ଭଗବାନ କବିରାଜ ବାହିନୀପତି ନାମକ ବିଖ୍ୟାତ ସଂସ୍କୃତ ପଣ୍ଡିତଙ୍କ ପାଖରୁ ଶିକ୍ଷା ଲାଭ କରିଥିଲେ । ସେଠାରୁ ଯଦୁମଣି 'ହୟଗ୍ରୀବ' ମନ୍ତ୍ର ପ୍ରାପ୍ତ ହୋଇ ସାଧନା ଆରମ୍ଭ କରିଥିଲେ । ଯଦୁମଣି ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତାଙ୍କ ଦରବାରରେ ରାଜକବି ଥିଲେ । କବି ଯଦୁମଣି ହାସ୍ୟକବି ଭାବେ ଖୁବ୍ ପରିଚିତ ଥିଲେ । ୧୮୬୬ ମସିହା ଜୁଲାଇ ୨ ତାରିଖରେ କବି ଯଦୁମଣିଙ୍କର ଦେହାନ୍ତ ହୋଇଥିଲା ।

# ଗାଈଙ୍କୁ ଜଗିବ ରୋବଟ୍



ବଡ଼ ବଡ଼ କାରଖାନାରେ ଏବେ ରୋବଟ୍ ଲୋକଙ୍କୁ ସାହାଯ୍ୟ କରୁଥିବା ବେଳେ ଏଣିକି ଏହା ଚାଷୀଙ୍କ ସହାୟକ ମଧ୍ୟ ପାଲଟିବ । ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ 'ସ୍ୱାଗ୍‌ବଟ୍' ନାମକ ଏକ ସ୍ମାର୍ଟ ରୋବଟ୍ ବିକଶିତ କରିଛନ୍ତି । ଏହା କୌଣସି ସାଧାରଣ ରୋବଟ୍ ନୁହେଁ, ବରଂ ଏହା କ୍ଷେତ ସହିତ ଗାଈଙ୍କ ଦେଖାଶୁଣା ବି କରିବ । ଏହି ସ୍ମାର୍ଟ ରୋବଟ୍ କେବଳ ଗୋରୁଗାଈଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସହଜରେ ନେବ ନାହିଁ, ବରଂ ଜମିର ସ୍ଥିତି, ଘାସର ଗୁଣବତ୍ତା ଏବଂ ପ୍ରାଣୀଙ୍କ ଗତିବିଧି ଉପରେ ବି ନଜର ରଖିବ । ଏଆଇ ଏବଂ ସେନସର୍ ଟେକ୍ନୋଲୋଜି ଯୋଗୁଁ ଏହା ଚାଷ ଓ ପଶୁପାଳନ ଜଗତରେ ନୂଆ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଏହା ହେଉଛି ଏକ ନାଲି ରଙ୍ଗର ଚାରି ଗୋଡ଼ ବିଶିଷ୍ଟ ରୋବଟ୍ । ଏହା ଗାତ ତଥା ଆବଡ଼ାଖାବଡ଼ା ରାସ୍ତା ଏବଂ କାଦୁଅରେ ବି ସହଜରେ ଚାଲିପାରିବ । ଏଥିରେ ଏଆଇ ଏବଂ ସ୍ମାର୍ଟ ସେନସର୍ ଲାଗିଛି । ସେହିପରି ମଣିଷର ସହାୟତା ବିନା ଏହି ରୋବଟ୍ କ୍ଷେତରେ ବୁଲିପାରିବ ଏବଂ ଗାଈ ପଲଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେଇପାରିବ । ଏହାବାଦ୍ ଏହି ରୋବଟ୍ ଘାସର ଗୁଣବତ୍ତା ତଥା ମାଟିର ଆର୍ଦ୍ରତାକୁ ଆଡଭାନ୍ସ ସେନସର୍ ମାଧ୍ୟମରେ ଜାଣିପାରିବ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଗାଈଗୋରୁଙ୍କୁ ଆବଶ୍ୟକତାକୁ ଅଧିକ ଚରିବାକୁ ମଧ୍ୟ ରୋକିପାରିବ । ସାଧାରଣତଃ ଗାଈ ଗୋଟିଏ ସ୍ଥାନରେ ଅଧିକ ଘାସ ଚରିଲେ, ସେହି ସ୍ଥାନର ମାଟି ଖରାପ ହୋଇଯାଏ । ତେଣୁ ସମୟ ପୂର୍ବରୁ ଉକ୍ତ ରୋବଟ୍ ଗାଈଙ୍କୁ ଚରିବା ଲାଗି ଅନ୍ୟତ୍ର ଛାଡ଼ିଦିଏ । ଏହା ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଧ୍ୟାନ ଦିଏ । ଗାଈଗୋରୁ ରୋଗାକ୍ରାନ୍ତ କିମ୍ବା ଆହତ ହୋଇଥିଲେ, ଏହି ରୋବଟ୍ ତୁରନ୍ତ ଏହି ତଥ୍ୟ ଚାଷୀର ଫୋନ୍ ତଥା କମ୍ପ୍ୟୁଟରକୁ ପଠାଇଦିଏ । ସେହିପରି ଗର୍ଭବତୀ ଗାଈଙ୍କୁ ଭଲ ଘାସ ଥିବା ସ୍ଥାନରେ ନେଇ ଚରାଏ । ଏହିପ୍ରକାରେ ଉକ୍ତ ରୋବଟ୍ ଚାଷୀଙ୍କ ସମୟ ବଞ୍ଚାଇବା ସହ ଏହା ସ୍ୱଳ୍ପ ସମ୍ବଳରେ ଅଧିକ ଉତ୍ପାଦନ କରିବାରେ ମଧ୍ୟ ସାହାଯ୍ୟ କରିପାରିବ ।

# ଦୀପିକାଙ୍କ ନୂଆ ପଦକ୍ଷେପ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଡ୍ୟୁକୋନ ତାଙ୍କର ୪୦ତମ ଜନ୍ମଦିନ ଅବସରରେ ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ ନୂଆ ପିଢ଼ିର କଳାକାରଙ୍କୁ ସୁଯୋଗ ଦେବା ଲାଗି ଏକ କାର୍ଯ୍ୟକ୍ରମ ଲଞ୍ଚ୍ କରିଛନ୍ତି । ଏହାର ନାଁ ରଖିଛନ୍ତି 'ଦ ଅନସେଟ୍ ପୋଗ୍ରାମ୍' । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏଥିରେ ନୂଆପିଢ଼ିର କଳାକାରଙ୍କୁ ସୁଯୋଗ ଦେବା । ବିଶେଷକରି ଭାରତୀୟ ସିନେମା, ଟିଭି ଏବଂ ବିଜ୍ଞାପନ ଦୁନିଆରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ରଖିଥିବା ଯୁବପ୍ରତିଭାମାନଙ୍କୁ ସୁଯୋଗ ଦେବା । ତେବେ ସେମାନଙ୍କ ପ୍ରତିଭା ଯେପରି ଲୋକଲୋଚନକୁ ଆସିପାରିବ, ଏଥିପାଇଁ ଏହି ପ୍ଲାଟ୍‌ଫର୍ମ ତିଆରି କରାଯାଇଥିବା ସେ କହିଛନ୍ତି । ଏହାର ପ୍ରଥମ ପର୍ଯ୍ୟାୟରେ ସାଉଣ୍ଡ, ଆର୍ଟ, ଡ୍ରେସ୍ ଡିଜାଇନ୍, ହେୟାର ଷ୍ଟାଇଲିଂ, ମେକ୍‌ଅପ୍ ଏବଂ ପ୍ରଡକସନ ଭଳି କାମ ସାମିଲ ରହିବ । ଏନେଇ ଦୀପିକା ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବି ସେୟାର୍ କରି କହିଛନ୍ତି, 'ବର୍ଷେ ହେବ ଦେଶ ତଥା ଦେଶ ବାହାରର ପ୍ରତିଭାଶାଳୀ କଳାକାରମାନଙ୍କୁ ଦେଖିବା ତଥା ଶୁଣିବା ଲାଗି ଏକ ମଞ୍ଚ ପ୍ରଦାନ କରିବା ବାବଦରେ ମୁଁ ଚିନ୍ତା କରୁଥିଲି । ଏବେ ଏହି କାର୍ଯ୍ୟକ୍ରମର ଘୋଷଣା କରି ଖୁବ୍ ଖୁସି ଲାଗୁଛି ।' ଅନ୍ୟପଟେ 'ଅନ୍‌ସେଟ୍‌ପୋଗ୍ରାମ ଡଟ୍‌ଇନ୍'ରେ ଏହାକୁ ଦେଖି ହେବ । ଏହା ମାଧ୍ୟମରେ ଲୋକେ ନିଜର କାମ ପଠାଇପାରିବେ ଏବଂ ଇଣ୍ଡଷ୍ଟ୍ରୀର ଜଣାଶୁଣା ଲୋକଙ୍କ ସହ କାମ କରିବାର ସୁଯୋଗ ପାଇପାରିବେ ବୋଲି ଦୀପିକା କହିଛନ୍ତି । ଦୀପିକା ଶେଷ ଥର ପାଇଁ 'ସିଂଘମ୍ ଏଗେନ୍' ଫିଲ୍ମରେ ନଜର ଆସିଥିଲେ ।

# ଆଜିର ଇତିହାସ

- ୧୭୯୦- ପଥମ ଥର ପାଇଁ ଦେଶକୁ ସମ୍ବୋଧନ କଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍ ।
- ୧୮୮୪-ସମାଜ ସଂସ୍କାରକ କେଶବଚନ୍ଦ୍ର ସେନ୍‌ଙ୍କ ଜନ୍ମ ।
- ୧୯୨୯- ନେଦରଲ୍ୟାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମାଧ୍ୟମରେ ପ୍ରଥମ ଟେଲିଫୋନ୍ ସମ୍ପର୍କ ସ୍ଥାପନ ।
- ୧୯୪୨- ପ୍ରସିଦ୍ଧ ବ୍ରିଟିଶ୍ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଂଙ୍କ ଜନ୍ମ ।
- ୨୦୦୮ - ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଷଷ୍ଠ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଘାଟନ କଲେ ।

# ଝିଟିପିଟି ପରି ମୁହଁ



ଅନେକ ଲୋକ ସେମାନଙ୍କର ଅଦ୍ଭୁତ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି । କିଏ ବାଲି, ଇଟା ଖାଇ ତ ଆଉ କିଏ ଇଞ୍ଜିନ୍ ତେଲ ପିଇ ଦୃଷ୍ଟି ଆକର୍ଷଣ କରିଥାନ୍ତି । ହେଲେ ଇଣ୍ଡୋନେସିଆର ମୁରାଙ୍ଗ ପରିବାରରେ ସମସ୍ତଙ୍କ ଚେହେରାରେ ଏକ ଅଜବ ପରିବର୍ତ୍ତନ ଦେଖାଯାଏ । ଏହି ପରିବାରର ସଦସ୍ୟମାନଙ୍କ ମୁହଁ ସବୁଦିନ ବଦଳୁଥାଏ । ସ୍ଥାନୀୟ ଲୋକେ ସେମାନଙ୍କୁ ମଣିଷ ପରିବର୍ତ୍ତେ ଝିଟିପିଟି ଭାବନ୍ତି । ଏହି ପରିବାରର ସୂର୍ଯ୍ୟ ମୁରାଙ୍ଗଙ୍କ ଚେହେରା ପିଲାଦିନରୁ ସ୍ୱାଭାବିକ ଥିଲା । ୧୨ ବର୍ଷ ବୟସରେ ହଠାତ୍ ତାଙ୍କ ଚେହେରାରେ ପରିବର୍ତ୍ତନ ହୋଇଥିଲା । ତାଙ୍କ ଆଖି ବାହାରକୁ ବାହାରି ଆସିବା ସହ ଚର୍ମ ପୂରା କଠିନ ହୋଇ ଯାଇଥିଲା । ସେ ଅବିକଳ ଝିଟିପିଟି ପରି ଦେଖାଯାଇଥିଲେ । ତେବେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ତାଙ୍କ ଶରୀରରେ ଏଭଳି ପରିବର୍ତ୍ତନ ହେଉଥିଲା । ଏହି ସମସ୍ୟା କେବଳ ସୂର୍ଯ୍ୟଙ୍କର ଥିଲା ତାହା ନୁହେଁ, ତାଙ୍କ ପିଲାମାନଙ୍କ ସହ ବି ଏଭଳି ହେବାକୁ ଲାଗିଲା । କେବେ ନାକର ଆକାର ବଦଳୁଥିଲା ତ ଆଉ କେବେ ଥୋଡ଼ି, ଆଖିରେ ମଧ୍ୟ ପରିବର୍ତ୍ତନ ହେଉଥିଲା । ତେଣୁ ଆଖପାଖରେ ଲୋକେ ସେମାନଙ୍କୁ ଦେଖି ଭୟ କରୁଥିଲେ । ଏହି ପରିବାରର ଲୋକେ ରାତିରେ ଝିଟିପିଟି ହୋଇ ଯାଉଥିବା ଗୁଜବ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଚାରିତ ହେବାକୁ ଲାଗିଲା । ତେଣୁ ଏହି ପରିବାରର ଲୋକଙ୍କ ପାଖକୁ ଯିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟ କରନ୍ତି । ଅନ୍ୟପଟେ ଡାକ୍ତର ଏହି ସମସ୍ୟାକୁ ବଂଶାନୁଗତ ରୋଗ ବୋଲି କହୁଛନ୍ତି । ଏହି ପରିବାରର ଲୋକେ ଏକ ଦୁର୍ଲଭ ବଂଶାନୁଗତ ରୋଗରେ ପୀଡ଼ିତ ବୋଲି ଡାକ୍ତର କହୁଛନ୍ତି । ଏହି ରୋଗରେ ଚେହେରା, ଅସ୍ଥି ଏବଂ ତ୍ୱଚାରେ ଅସାଧାରଣ ଭାବେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ବର୍ତ୍ତମାନ ଏହି ରୋଗର ନାଁ କିମ୍ବା ଏହାର ଚିକିତ୍ସା ପଦ୍ଧତି ବିଷୟରେ କିଛି ଜଣାପଡ଼ିନି । ତେଣୁ କାହିଁକି ଚେହେରା ପରିବର୍ତ୍ତନ ହେଉଛି ଏହା ଏବେ ବି ରହସ୍ୟ ଘେରରେ ରହିଛି । ଅନ୍ୟପଟେ ମୁରାଙ୍ଗ ପରିବାରର କାହାଣୀ ଅନେକଙ୍କ ପାଇଁ ଭୟ ସୃଷ୍ଟି କରିଛି ।

# ପାଣିରେ ଭାସୁଥିବା ମୁଦ୍ରା



ମୁଦ୍ରା ବା କଏନକୁ ପାଣିରେ ଫିଙ୍ଗିଲେ ଏହା ବୁଡ଼ିଯାଏ । ଏହା ଏକ ସାଧାରଣ କଥା । ହେଲେ ଦୁନିଆରେ ଏମିତି ଏକ ମୁଦ୍ରା ରହିଛି ଯାହା ପାଣିରେ ପଡ଼ିଲେ ବି ଭାସିଥାଏ । ଏମିତି ଏକ ମୁଦ୍ରା ଜାପାନରେ ଦେଖିବାକୁ ମିଳେ । ଏହା ପାଣିରେ ଭାସିବା ପଛରେ ବୈଜ୍ଞାନିକ କାରଣ ଅଛି । ସାଧାରଣତଃ ଜାପାନ ନୂଆ ନୂଆ ଟେକ୍ନୋଲୋଜି ପ୍ରୟୋଗରେ ସବୁବେଳେ ଆଗରେ ରହିଥାଏ । ଏବେ ଜାପାନର ଏହି ମୁଦ୍ରାକୁ ନେଇ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ହେଉଛି । ଜାପାନର ୧ ୟେନ୍‌ର ମୁଦ୍ରାର ସ୍ୱତନ୍ତ୍ରତା ହେଉଛି ଏହା ବହୁତ ହାଲୁକା । ଏହାର ଓଜନ ମାତ୍ର ୦.୯୯୯୨ ଗ୍ରାମ୍ । ଏହାର ବ୍ୟାସ ୨୦.୦୦ ମିଲିମିଟର ହୋଇଥିବାବେଳେ ଓସାର ୧.୪୬ ମିଲିମିଟର । ଏହି ମୁଦ୍ରାଟି ଆଲମୁନିୟମ୍‌ରେ ତିଆରି ହୋଇଥିବାରୁ ଏହା ବେଶ୍ ହାଲୁକା ହୋଇଥାଏ, ଏଥିପାଇଁ ସହଜରେ ପାଣିରେ ବୁଡ଼ି ନଥାଏ । ପାଣି ଉପରେ ଏହି ମୁଦ୍ରାକୁ ରଖିଲେ ଏହା ଭାସିବାକୁ ଲାଗିଥାଏ । ଯଦି ମୁଦ୍ରାଟି ଉପରେ ଅତ୍ୟଧିକ ବଳ ପ୍ରୟୋଗ କରାଯାଏ, ତେବେ ଏହା ପାଣି ଭିତରକୁ ଚାଲିଯାଏ । ୧୮୭୦ ମସିହାରେ ୧ ୟେନ୍ ମୁଦ୍ରା ରୂପା ଏବଂ ସୁନାରେ ତିଆରି କରାଯାଉଥିଲା । ସେତେବେଳେ ମୁଦ୍ରାର ଓଜନ ଅଧିକ ରହୁଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଲୁମିନିୟମ୍‌ର ଘନତ୍ୱ ୨.୭ ଗ୍ରାମ୍ ପ୍ରତି ସେଣ୍ଟିମିଟର ହୋଇଥାଏ । ପାଣିର ଘନତ୍ୱ ୧ ଗ୍ରାମ୍ ପ୍ରତି ସେଣ୍ଟିମିଟର ତେଣୁ ୧ ୟେନ୍ ଏତେ ହାଲୁକା ଯେ, ଏହା ପାଣିରେ ବୁଡ଼ି ପାରେନାହିଁ । ଜାପାନରେ ମୋଟ୍ ୫ ପ୍ରକାର ମୁଦ୍ରା ପ୍ରଚଳିତ । ତନ୍ମଧ୍ୟରେ ୧ ୟେନ୍, ୫ ୟେନ୍, ୧୦ ୟେନ୍, ୫୦ ୟେନ୍, ୫୦୦ ୟେନ୍ ରହିଛି । ଏଥିରୁ ୧ ୟେନ୍ ଏବଂ ୫ୟେନ୍ ମୁଦ୍ରା ଭେଣ୍ଡିଂ ମେସିନ୍‌ରେ ବ୍ୟବହାର କରା ଯାଇପାରେ ନାହିଁ । ଅନ୍ୟ ମୁଦ୍ରାଗୁଡ଼ିକ ସାଧାରଣତଃ ଦୈନନ୍ଦିନ କିଣାବିକାରେ ବ୍ୟବହାର କରାଯାଏ ।

# ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ନୂତନ ଦାୟିତ୍ୱ ମିଳିପାରେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ ବିତିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ନିଜ ସାମର୍ଥ୍ୟ ମୁତାବକ ଅନ୍ୟମାନଙ୍କୁ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ପରିଶ୍ରମର ଫଳ ମିଳିବ । ନିଜ ଲୋକ ଶତ୍ରୁ ସାଜି ପାରନ୍ତି । ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପତି-ପତ୍ନୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

# କୃଷି ଯନ୍ତ୍ରପାତି ସବ୍‌ସିଡି ଭେଳିକି

## ମେଳା ସରିଲା; ମାତ୍ର ଟାର୍ଗେଟ୍ ଦେଲେନି ସରକାର

ଭୁବନେଶ୍ୱର, ୭ ।୧(ସମିସ): କୃଷି କାର୍ଯ୍ୟରେ କୃଷକଙ୍କୁ ସହଯୋଗ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାରକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ବ୍ଲକ୍ ଓ ଜିଲ୍ଲା ସ୍ତରରେ କୃଷି ଯନ୍ତ୍ରପାତି ମେଳା କରି କୃଷକଙ୍କୁ ଆଧୁନିକ ଯନ୍ତ୍ରପାତି ପ୍ରତି ଆକୃଷ୍ଟ କରୁଛନ୍ତି। ଚାଷ ପାଇଁ ବ୍ୟବହୃତ ଯନ୍ତ୍ରପାତି କିଣିବାରେ ରିହାତି (ସବ୍‌ସିଡି) ଦେବାର ବ୍ୟବସ୍ଥ ମଧ କରିଛନ୍ତି। ମାତ୍ର ଦୀର୍ଘ ମାସରୁ ଚାଷୀଙ୍କୁ ଯନ୍ତ୍ରପାତି ଯୋଗାଇବାକୁ କୌଣସି ଟାର୍ଗେଟ୍ ଉପଲବ୍ଧ ନାହିଁ। ଅର୍ଥାତ୍ ଟାର୍ଗେଟ୍ ନ ଥିବାରୁ ଚାଷୀମାନେ ରିହାତି ଦରରେ ଯନ୍ତ୍ରପାତି କିଣିପାରୁ ନାହାନ୍ତି। ଫଳରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷ କରିବାକୁ ଅପେକ୍ଷା କରିଥିବା ଚାଷୀ ସବ୍‌ସିଡି ଟାର୍ଗେଟ୍‌କୁ ଚାତକ ପରି ଚାହିଁ ରହିଛନ୍ତି।

ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବ୍ଲକ୍ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସମେତ ଜିଲ୍ଲା ସ୍ତରୀୟ ମେଳା ମଧ୍ୟ ସରିଛି। ଟ୍ରାକ୍ଟର, ପାୱାରଟିଲର୍, ରୋଟାଭେଟର୍, ପାଣି ପମ୍ପ ପରି ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି। କୃଷକମାନେ ସେସବୁ ବୁଲି ଦେଖିବା ସହ ତାହାର ଉପଯୋଗ ସମ୍ପର୍କରେ ଜାଣିଛନ୍ତି। ମାତ୍ର ମେଳା ସରିଥିଲେ ମଧ ସରକାର ମେଳା ଟାର୍ଗେଟ୍ ଦେଇ ନ ଥିବାରୁ ବହୁ ଚାଷୀ ସେମାନଙ୍କ ଆବଶ୍ୟକ ଯନ୍ତ୍ରପାତିକୁ ରିହାତିରେ କିଣି ପାରି ନାହାନ୍ତି। ରିହାତି ଦରକୁ ବାଦ୍ ଦେବା ପରେ ଆବଶ୍ୟକ ଅର୍ଥ ପୈଠ କରି ଡିଲର୍ ଠାରୁ ମେସିନାରୀ କିଣିବାର ପ୍ରାବଧାନ ରହିଛି। ଏଣୁ ଆଗୁଆ ଯନ୍ତ୍ରପାତି ଦେଇ ପରେ ସବ୍‌ସିଡି ଆବେଦନ କରିବାକୁ ଡିଲର୍‌ମାନେ ରିସ୍କ ବୋଲି ଭାବୁଛନ୍ତି। ଫଳରେ ରିହାତିରେ ଚାଷୀଙ୍କୁ ମେସିନାରୀ ଦେବାକୁ ସେମାନେ କୁଣ୍ଠାବୋଧ କରୁଛନ୍ତି। ଏପରିକି ମେଳା ସମୟରେ ଅନେକ ଚାଷୀ ଡିଲର୍‌ଙ୍କ ଠାରୁ ସମ୍ପୂର୍ଣ୍ଣ ଦାମ୍ ଦେଇ ମେସିନାରୀ କିଣିଛନ୍ତି। ସରକାର ଟାର୍ଗେଟ୍ ଦେବା ପରେ ବୁକ୍ କରି ସେମାନଙ୍କ ବ୍ୟାଙ୍କ ଖାତାକୁ ସବ୍‌ସିଡି ଅର୍ଥ ପଠାଯିବ ବୋଲି ଡିଲର୍‌ମାନେ କହୁଛନ୍ତି। ଫଳରେ ଗରୀବ ଚାଷୀମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି।

ପୂର୍ବରୁ ବାର୍ଷିକ ଟାର୍ଗେଟ୍ ସମେତ ମେଳା ଆରମ୍ଭ ସମୟରେ ଜିଲ୍ଲା ୱାରୀ ଟାର୍ଗେଟ୍ ଦିଆଯାଉଥିଲା। ଫଳରେ ମେଳାରୁ ଯନ୍ତ୍ରପାତି ଦେଖି କିଣିବାକୁ ଚାହୁଁଥିବା ଚାଷୀ ସବସିଡିରେ ମେସିନାରୀ କିଣି ପାରୁଥିଲେ। ଚଳିତ ବର୍ଷ ମେଳା ସମୟରେ ସରକାର ଟାର୍ଗେଟ୍ ଦେଇ ନ ଥିବାରୁ ମେଳା କେବଳ ଯନ୍ତ୍ରପାତି ଦେଖିବା ପାଇଁ ଉଦ୍ଦିଷ୍ଟ, କିଣିବା ପାଇଁ ନୁହେଁ ବୋଲି ଚାଷୀମାନେ କ୍ଷୋଭର ସହ ମତବ୍ୟକ୍ତ କରିଛନ୍ତି। ସେହିପରି ଟ୍ରାକ୍ଟର, ରୋଟାଭେଟର୍, ପାୱାର ଟିଲର୍‌ର ଚାହିଦା ବହୁ ଅଧିକ ରହିଛି। ସମସ୍ତ ଟାର୍ଗେଟ୍ ସରିବା ସହ ଅଗ୍ରୀମ ବୁକିଂ ମଧ ହେଲାଣି। ଏଣୁ ସରକାର ସମସ୍ତ ୬୬ ପ୍ରକାର ଯନ୍ତ୍ରପାତି କ୍ରୟ ପାଇଁ ତୁରନ୍ତ ଟାର୍ଗେଟ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ସପ୍ତାହରେ ଟ୍ରାକ୍ଟର ପାଇଁ ରାଜ୍ୟ ଭିତ୍ତିକ ଟାର୍ଗେଟ୍ ଦିଆଯିବ। ଏହି ସମୟରେ ଚାଷୀମାନେ ନୂତନ କ୍ରୟ ପାଇଁ ବୁକ୍ କରିପାରିବେ। ମାତ୍ର ରୋଟାଭେଟର୍, ପାଣି ପମ୍ପ ପରି ଅନ୍ୟ ଯନ୍ତ୍ରାଂଶ ଟାର୍ଗେଟ୍ କେବେ ଦିଆଯିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣା ପଡ଼ିଛି।

# ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ସଙ୍ଗମ ସାହୁଙ୍କ ଶପଥ



କଟକ,୭।୧(ସମିସ): ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ସଙ୍ଗମ କୁମାର ସାହୁ ବୁଧବାର ଶପଥ ଗ୍ରହଣ କରିଛନ୍ତି। ବିହାର ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଜଷ୍ଟିସ ସାହୁଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥଗ୍ରହଣ ସମାରୋହରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ପାଟନା ହାଇକୋର୍ଟର ସମସ୍ତ ବିଚାରପତି, ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ, ଓଡିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର, ପୂର୍ବତନ ସଭାପତି ବିଜୟ କୁମାର ଦାଶ, ବିଭୂତିଭୂଷଣ ଚୌଧୁରୀଙ୍କ ସହିତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ଓଡ଼ିଶା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ ସାହୁଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ ୨୦୨୫, ଡିସେମ୍ବର ୧୮ରେ ସୁପାରିସ କରିଥିଲା। ଗତ ଜାନୁଆରୀ ୧ରେ ତାଙ୍କ ନିଯୁକ୍ତି ନେଇ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୪, ଜୁଲାଇ ୨ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

# ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

କଟକ ,୭ ।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅନ୍ତର୍ଗତ ପେଟଛେଲା ରାଜସ୍ୱ ମଣ୍ଡଳର ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆରଆଇ) ଗୁଣନିଧି ବେହେରା ଆଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଦେଇଛନ୍ତି। ଆରଆଇ ଥିବା ବେଳେ ଶ୍ରୀ ବେହେରା ଜଣେ ଅଗ୍ନିବିପନ୍ନ ବ୍ୟକ୍ତିଙ୍କୁ ତାଙ୍କର ସରକାରୀ ସହାୟତା ରାଶି ପ୍ରଦାନ କରିବା ପାଇଁ ତହସିଲଦାରଙ୍କ ଆଗରେ ଚିହ୍ନଟ କରିବା ବଦଳରେ ଲାଞ୍ଚ ଦାବି କରିଥିଲେ। ସହାୟତା ପାଇବା ପାଇଁ ଜଣେ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଭିଜିଲାନ୍ସ ଦ୍ୱାରା ଦାଖଲ ଚାର୍ଜସିଟ୍ ଏବଂ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ତାଙ୍କୁ ଦୁର୍ନୀତି ନିବାରଣ ଆଇନ (୧୯୮୮) ଧାରା ୧୩(୨) ଏବଂ ୭ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ବର୍ତ୍ତମାନ ଅବସରପ୍ରାପ୍ତ ଗ୍ରହଣ କରିସାରିଥିବାରୁ ଭିଜିଲାନ୍ସ ବିଭାଗ ତାଙ୍କର ପେନସନ ବନ୍ଦ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିବ ବୋଲି କହିଛି। ଏହି ମାମଲାକୁ ପ୍ରାକ୍ତନ ଇନ୍ସପେକ୍ଟର ପି.କେ.ରାଉତରାୟ ତଦନ୍ତ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସର୍ବେଶ୍ୱର ବାରିକ, କ୍ଷୀରୋଦଚନ୍ଦ୍ର ପଣ୍ଡା ଓ ଏପିପି ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ପ୍ରଦୂଷଣ ପ୍ରମାଣପତ୍ର ପ୍ରସଙ୍ଗରେ ବିଜୁ ଯୁବ ଛାତ୍ର ଜନତାର ଆନ୍ଦୋଳନ ଡକରା




- ଚାଲାଣ ଥିଲେ ପଲ୍ୟୁସନ ସାର୍ଟିଫିକେଟ ନ ମିଳିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ
- ସରକାରଙ୍କ ତୋଗଲକି ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଦହଗଞ୍ଜ କରୁଛି
- ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

ଭୁବନେଶ୍ୱର,୭।୧(ସମିସ): ରାଜ୍ୟରେ ଯାନବାହାନର ପଲ୍ୟୁସନ ସାର୍ଟିଫିକେଟ୍‌କୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ସରକାରଙ୍କ ଏହି ଆକ୍ରୋଶମୂଳକ ପଦକ୍ଷେପକୁ ନେଇ ରାଜ୍ୟବାସୀଙ୍କ ମନରେ ସରକାରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟବାସୀଙ୍କ ଏହି ଅସନ୍ତୋଷକୁ ଦୂର କରିବା ଲକ୍ଷ୍ୟରେ ବିଜୁ ଯୁବ ଛାତ୍ର ଜନତା ଦଳ ଗୁରୁବାର ଠାରୁ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି।

ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ ଦଳର ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ତୋଗଲକି ନିଷ୍ପତ୍ତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ଜାନୁଆରୀ ୮ ତାରିଖ ଦିନ ସକାଳ ୧୦ ଘଟିକାରେ ଆରଟିଓ-୧ ଭୁବନେଶ୍ୱର ଅଫିସ ସମ୍ମୁଖରେ ଏକ ବିଶାଳ ଗଣଧାରଣା କାର୍ଯ୍ୟକ୍ରମ ଆୟୋଜିତ ହେବ। ଚାଲାଣ ଥିଲେ ପଲ୍ୟୁସନ ସାର୍ଟିଫିକେଟ ନ ମିଳିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ। ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଏହି ଗଣଧାରଣା ଆୟୋଜିତ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନ କାର୍ଯ୍ୟ ଜାରି ରଖିବ। ରାଜ୍ୟ ସରକାର ଏହି ବେଆଇନ ନିଷ୍ପତ୍ତି ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ।

ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାରଙ୍କର ଏପରି ବେଆଇନ ନିଷ୍ପତ୍ତି ବିରୋଧରେ ଗୁରୁବାର ସକାଳେ ହେବାକୁ ଯାଉଥିବା ଗଣଧାରଣା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ବହୁସଂଖ୍ୟାରେ ଯୋଗଦେବାକୁ ଉଭୟେ ନିବେଦନ କରିଛନ୍ତି।

# ଶିମିଳିପାଳରେ କୁମ୍ଭୀର ଗଣନା

ବାରିପଦା,୭।୧(ସମିସ): ଶିମିଳିପାଳ ଅଭୟାରଣ୍ୟରେ ମଙ୍ଗଳବାରଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ୮ତାରିଖ ପର୍ଯ୍ୟନ୍ତ ତିନିଦିନିଆ କୁମ୍ଭୀର ଗଣନା ପ୍ରକ୍ରିୟା ଜାରି ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କୁମ୍ଭୀର ଗଣନା ପ୍ରକ୍ରିୟାରେ ଶିମିଳିପାଳ ଅଭୟାରଣ୍ୟ ଏବଂ ଶିମିଳିପାଳ ପାଦଦେଶରେ ନଦୀ ଓ ନାଳ ଆଦି ୮ଟି ଜଳଉତ୍ସର ୨୦ଟି ସ୍ଥାନରେ କରାଯାଉଛି। ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଳନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀ କୂଳ ସମେତ ରାମତୀର୍ଥସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ପ୍ରାୟ ୨୬ଟି ବିସ୍ତାରିତ ସ୍ଥାନରେ କୁମ୍ଭୀର ଗଣନା କରାଯାଉଥିବା



ବୋଲି ସୂଚନା ମିଳିଛି। ଉକ୍ତ ଗଣନାରେ ଉତ୍ତର ଓ ଦକ୍ଷିଣ ଶିମିଳିପାଳର ଗୋଟିଏ ରେଞ୍ଜକୁ ମିଶାଇ ସମୁଦାୟ ୧୬ଟି ରେଞ୍ଜରେ ଗଣନା ହେଉଛି। ପ୍ରତି ରେଞ୍ଜରେ କୁମ୍ଭୀର ଗଣନା ପାଇଁ ବନ କର୍ମଚାରୀ ନିୟୋଜିତ କରାଯାଇଛି। ପ୍ରତି ଟିମ୍‌ରେ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀ ରହିବେ। ସମୁଦାୟ ୩୦ ଟିମ୍‌ରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉକ୍ତ କୁମ୍ଭୀର ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ପ୍ରଜାତିର କୁମ୍ଭୀର ଦେଖାଯାଇଥା'ନ୍ତି। ଏନେଇ ବନ କର୍ମଚାରୀଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀଙ୍କ ଉପସ୍ଥିତିରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ରେଞ୍ଜର ବନ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ୨୦୨୧ ଗଣନାରେ ୮୧ଟି, ୨୦୨୨ ଗଣନାରେ ୮୩ଟି, ୨୦୨୩ ଗଣନାରେ ୮୬ଟି କୁମ୍ଭୀର ଶିମିଳିପାଳ ଅଭୟାରଣ୍ୟରେ ଥିବାବେଳେ ୨୦୨୪ ଗଣନାରେ ୪ଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ୍ ୮୨ଟି କୁମ୍ଭୀର ରହିଥିବାର ଜଣାପଡ଼ିଥିଲା। ଚଳିତ ବର୍ଷ ଗଣନାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ବନ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

■ ନାବାଳିକା ସହ ପ୍ରେମ ସମ୍ପର୍କକୁ ନେଇ କଙ୍ଗାରୁ କୋର୍ଟ

# ଉଲଗ୍ନ କରି ମାଡ଼ ମାରି ରକ୍ତାକ୍ତ

ରାଇରଙ୍ଗପୁର,୭।୧(ସମିସ): ନାବାଳିକା ସହ ଯୁବକଙ୍କ ପ୍ରେମ ସମ୍ପର୍କ ଘଟଣାକୁ ନେଇ କଙ୍ଗାରୁ କୋର୍ଟ ହୋଇଛି। ଲୋକେ ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ଼ମାରି ରକ୍ତାକ୍ତ କରିଛନ୍ତି। ଏହାପରେ ଦଉଡ଼ିରେ ହାତ ବାନ୍ଧି ରାସ୍ତାରେ ଉଲଗ୍ନ କରି ବୁଲାଇଛନ୍ତି। ଏଭଳି ଏକ ଘଟଣା ବହଳଦା ଥାନା ଅଞ୍ଚଳରେ ଘଟିଛି।

ସୂଚନା ଅନୁଯାୟୀ, ଜନୈକା ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀଙ୍କ ଜଣେ ଯୁବକଙ୍କ ସହିତ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା। ଯାହାକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଥାନାରେ ମାମଲା ହୋଇଥିଲା। ଗତ ଜାନୁଆରୀ ୨ ତାରିଖରେ ଉଭୟ ଯୁବକ ଓ ଯୁବତୀ ଭେଟ କରିବାକୁ ଆସିଥିବାବେଳେ ଯୁବତୀଙ୍କ ସମ୍ପର୍କୀୟମାନେ ଦେଖି ଅଟକାଇଥିଲେ। ଯୁବକଙ୍କ କାର୍‌କୁ ଭାଙ୍ଗିବା ସହ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଉଲଗ୍ନ କରି ତାଙ୍କ ହାତକୁ ଦଉଡ଼ିରେ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ବୁଲାଇଥିଲେ। ଯାହାର ଭିଡିଓ ମୋବାଇଲରେ ଉତ୍ତୋଳନ କରିଥିବାବେଳେ ମୋବାଇଲ୍‌ରୁ ମୋବାଇଲ୍ ଘୂରି ବୁଲୁଛି। ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଏହିପରି ସର୍ବସାଧାରଣ ସମ୍ମୁଖରେ ଲଜ୍ଜିତ କରିବା ଘଟଣା ନେଇ ଯୁବକଙ୍କ ପରିବାର ଲୋକେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହାର ନକଲ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ମାନବାଧିକାରୀ କମିଶନ ଓ ହାଇକୋର୍ଟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ଘଟଣା ନେଇ ବହଳଦା ଥାନା ପୁଲିସ ପକ୍ଷରୁ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ କହିଛନ୍ତି। ତେବେ ଘଟଣାରେ ଅନ୍ୟ ସମସ୍ତ ସମ୍ପୃକ୍ତଙ୍କୁ ତୁରନ୍ତ ଗିରଫ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଉକ୍ତ ଘଟଣାରେ ଲୋକେ ଆଇନ ହାତକୁ ନେଇ ଆକ୍ରମଣ କରିବା ଅତି ନିନ୍ଦନୀୟ ଅଟେ।

**ଦଉଡ଼ିରେ ହାତ ବାନ୍ଧି ବୁଲାଇଲେ**

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ

# ସଂସ୍କୃତି ସର୍ବଦା ଗତିଶୀଳ ଓ ସମୟ ସହିତ ବିକଶିତ ହୁଏ: ଭେଙ୍କୟା




ଭୁବନେଶ୍ୱର,୭ ।୧(ସମିସ):ସାମାଜିକ ସମନ୍ୱୟ, ପରିବେଶଗତ ସ୍ଥିରତା, ଶ୍ରମର ମର୍ଯ୍ୟାଦା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଭଳି ପ୍ରକୃତ ମାନବୀୟ ମୂଲ୍ୟବୋଧ ସହିତ ଜଡ଼ିତ ରହିଲେ ସଂସ୍କୃତି ପ୍ରକୃତରେ ବିକଶିତ ହୁଏ ବୋଲି କହିଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ। ବୁଧବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କହିଛନ୍ତି ଯେ ଓଡ଼ିଶା ଭାରତର ସଭ୍ୟତା ବିକାଶରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ଯେଉଁଠାରେ ସଂସ୍କୃତିକୁ ସର୍ବଦା ସାମୂହିକ ଜୀବନକୁ ଗଠନ କରୁଥିବା ଏକ ଜୀବନ୍ତ ଶକ୍ତି ଭାବରେ ଦେଖାଯାଇଥାଏ। ରୀତିନୀତି ଏବଂ ପ୍ରଥାରୁ ଆରମ୍ଭ କରି ସ୍ଥାପତ୍ୟ, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ କାରିଗରୀ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି ଦୈନନ୍ଦିନ ଜୀବନକୁ ଆଚ୍ଛନ୍ନ କରିଛ। ଏହି ପୃଷ୍ଠଭୂମିରେ ସାଂସ୍କୃତିକ ଅଧ୍ୟୟନ ପାଇଁ ସମର୍ପିତ ଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଓଡିଶାରେ ପ୍ରତିଷ୍ଠିତ ହେବା ଉପଯୁକ୍ତ ପଦକ୍ଷେପ ବୋଲି ଶ୍ରୀ ନାଇଡୁ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଉତ୍ତରାଧିକାରୀ ଏବଂ ଏହାର ଭବିଷ୍ୟତର ରୂପକାର। ପରମ୍ପରାକୁ ସମ୍ମାନ ଦେବା ସହିତ ଶିକ୍ଷା ଦ୍ୱାରା ନବସୃଜନକୁ ଗ୍ରହଣ କରିବା, ପ୍ରଶ୍ନ କରିବା, ସର୍ଜନା କରିବା ଏବଂ ସେବା କରିବା ଛାତ୍ରମାନଙ୍କ ଦାୟିତ୍ୱ। ସଂସ୍କୃତି ସର୍ବଦା ଗତିଶୀଳ ଏବଂ ସମୟ ସହିତ ବିକଶିତ ହୁଏ। ବିଶ୍ୱବିଦ୍ୟାଳୟର ଦାୟିତ୍ୱ କେବଳ ସଂସ୍କୃତିର ସଂରକ୍ଷଣରେ ସୀମିତ ନୁହେଁ ବରଂ ଗବେଷଣା, ଡକ୍ୟୁମେଣ୍ଟେସନ୍, ସୃଜନଶୀଳ ପରୀକ୍ଷଣ ଏବଂ ଶୈକ୍ଷିକ ଆଲୋଚନା ମାଧ୍ୟମରେ ପରମ୍ପରାର ଅର୍ଥପୂର୍ଣ୍ଣ ପୁନଃବ୍ୟାଖ୍ୟାନ ପର୍ଯ୍ୟନ୍ତ ବିସ୍ତାରିତ । ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ, ପ୍ରସାର କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀ ସମ୍ପୃକ୍ତିକୁ ପ୍ରଶଂସା କରିବା ସହିତ ଶୈକ୍ଷିକ ଉତ୍କର୍ଷତା, ନୈତିକତା ଏବଂ ସୃଜନଶୀଳ ସମ୍ବେଦନଶୀଳତାର ସନ୍ତୁଳନ ସୁନିଶ୍ଚିତ ଦିଗରେ ଶିକ୍ଷକମାନଙ୍କୁ ମାର୍ଗଦର୍ଶକ ଏବଂ ମଶାଲବାହକ ଭାବରେ ଶ୍ରୀ ନାଇଡୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦବୋଧନ ଦେଇ ସଂସ୍କୃତିକୁ ଏକ ଦ୍ରୁତ ପରିବର୍ତ୍ତିତ, ପ୍ରଯୁକ୍ତିବିଦ୍ୟା ଚାଳିତ ବିଶ୍ୱରେ ନବସୃଜନ, ଉଦ୍ୟୋଗ ଏବଂ ସ୍ଥାୟୀ ଜୀବିକାର ବାହକ ଭାବରେ ଦେଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ କେବଳ ପରମ୍ପରାର ରକ୍ଷକ ନୁହଁନ୍ତି ବରଂ ସମ୍ଭାବ୍ୟ ସାଂସ୍କୃତିକ ଉଦ୍ୟୋଗୀ ଏବଂ ନବସୃଜନକାରୀ। ସଂସ୍କୃତି କେବଳ ସଂରକ୍ଷଣ କରିବାର ବସ୍ତୁ ନୁହେଁ, ଏହା ଏକ ଜୀବନ୍ତ ସମ୍ପଦ ଯାହା ନିଯୁକ୍ତି, ସାମାଜିକ ସଂହତି ଏବଂ ସ୍ଥାୟୀ ବିକାଶ ସୃଷ୍ଟି କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରତିଭା ରାୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ରେଜିଷ୍ଟ୍ରାର ଅନାମିକା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିମିଳିପାଳରେ ପାରଦ ଶୂନ୍ ଡିଗ୍ରୀ

- ୨ ଦିନର କମିଲା ୮ ଡିଗ୍ରୀ
- ଶୀତରେ ଥରୁଛି ସାରା ମୟୂରଭଞ୍ଜ
- କୋହଲା ପବନରେ ବଢୁଛି ଶୀତ



ବାରିପଦା,୭।୧(ସମିସ): ଶିମିଳିପାଳରେ ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ଶୂନ୍(୦) ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି। ଗତ ୪୮ ଘଣ୍ଟା ମଧ୍ୟରେ ପାରଦ ୮ ଡିଗ୍ରୀ ତଳକୁ ଖସି ଶୂନ୍ ଡିଗ୍ରୀ ତାପମାତ୍ରାରେ ପହଞ୍ଚିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ କହିଛନ୍ତି। ତାପମାତ୍ରା କମିବାର ମଜା ପର୍ଯ୍ୟଟକ ନେଉଛନ୍ତି। ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଦିନତମାମ ଘଣ୍ଟାକୁ ୧୫ରୁ ୧୭ କି.ମି. ବେଗରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ହାଡ଼ଭଙ୍ଗା ଶୀତକଷ୍ଟ ଜିଲ୍ଲାତମାମ ଅନୁଭୂତ ହେଉଛି। ଏପରିକି କୋହଲା ପାଗ ସହିତ କୁହୁଡ଼ି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୀତର ପ୍ରଭାବ ପାଇଁ ଦିନରାତି ଲୋକେ ଶୀତବସ୍ତ୍ର ଘୋଡ଼ାଇ ହୋଇ ରହୁଛନ୍ତି। ସନ୍ଧ୍ୟା ସମୟରେ ନିଆଁ ଜାଳି ଶୀତକଷ୍ଟ ଲାଘବ କରୁଛନ୍ତି।

ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୫ରୁ ୮ ଡିଗ୍ରୀ ପାଖାପାଖି ରହୁଥିବାବେଳେ ଶିମିଳିପାଳର ଉପରବାର୍‌ହା କାମୁଡ଼ା ରେଞ୍ଜରେ ସୋମବାର ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ଓ ଚହଲାରେ ୯ଡିଗ୍ରୀ ଥିବାବେଳେ ମଙ୍ଗଳବାର ପାରଦ ଖସିଯାଇ ୩ଡିଗ୍ରୀରେ ପହଞ୍ଚିଥିଲା। ମାତ୍ର ମଙ୍ଗଳବାର ରାତିରେ ଉପରବାର୍‌ହା କାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ଶୂନ୍(୦) ଡିଗ୍ରୀ ହୋଇଛି। ବିଭିନ୍ନ ସ୍ଥାନରେ ସକାଳେ ଘାସ ଓ ଗଛପତ୍ରରେ ପଡ଼ିଥିବା ତୁହିନର ଆସ୍ତରଣ ତୁଷାରପାତର ଭ୍ରମ ସୃଷ୍ଟି କରିଛି। ତାପମାତ୍ରା ଶୂନ୍ ଡିଗ୍ରୀ ସେଲ୍‌ସିଅସକୁ ଖସିଯିବା ଫଳରେ ଏକ ବିସ୍ମୟକର ମୋଟା ତୁହିନର ଚାଦର ଘାସ, ଗଛ ଡାଳପତ୍ର ଓ ବିଭିନ୍ନ ସ୍ଥାନରେ ତୁଷାରପାତର ଭ୍ରମ ସୃଷ୍ଟି କରିଛି। ଶିମିଳିପାଳରେ ଏପରି ତୁହିନର ଆସ୍ତରଣ (ଫ୍ରଷ୍ଟ) ଦୃଶ୍ୟ ଶୀତଳ ଲହରୀ ସମୟରେ ସୃଷ୍ଟି ହୋଇଛି। ଯାହା ପ୍ରକୃତିର ଏକ ଅପୂର୍ବ ସୌନ୍ଦର୍ଯ୍ୟ। ଗତ ୨୪ ଘଣ୍ଟା ମଧ୍ୟରେ ଚହଲାରେ ସର୍ବନିମ୍ନ ତାପମାତ୍ରା ୨ଡିଗ୍ରୀ ଥିବାବେଳେ ବରେହିପାଣି ଓ ଗୁଡ଼ଗୁଡ଼ିଆରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ଡିଗ୍ରୀ ଏବଂ କିଆଝୋରୀରେ ୧୧ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଛି।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

- ରାଜ୍ୟ ସ୍ତରୀୟ ସମାରୋହରେ ରାଜ୍ୟପାଳ ହେବେ ମୁଖ୍ୟ ଅତିଥି
- ଡାକବାଜି ଯନ୍ତ୍ର ମାଧ୍ୟମରେ ସାରା ରାଜଧାନୀରେ ବାଜିବ ରାମଧୁନ୍
- ଆଲୋକମାଳାରେ ସଜ୍ଜିତ ହେବ କେନ୍ଦ୍ର ଓ ରାଜ୍ୟ ସରକାରୀ କୋଠା

ଭୁବନେଶ୍ୱର,୭ ।୧(ସମିସ): ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆସନ୍ତା ୨୬ ତାରିଖରେ ପାଳନ ହେବାକୁ ଥିବା ରାଜ୍ୟ ସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍ ଅଭିଭାଦନ ଗ୍ରହଣ କରିବେ। ସମାରୋହକୁ ସରସସୁନ୍ଦର କରିବା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ରରେ ରାମ୍‌ଧୁନ୍ ପରିବେଷଣ କରାଯିବ। ଏଥିସହିତ ରାଜଧାନୀର ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ କୋଠାଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯିବ। ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ପରିପ୍ରେକ୍ଷୀରେ ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି, ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବବେଗର ପ୍ରତୀକ। ଏହି ସମାରୋହକୁ ଶୃଙ୍ଖଳିତ, ଆଧୁନିକ ଓ ଆକର୍ଷଣୀୟ ଭାବରେ ପାଳନ କରିବାକୁ ଶ୍ରୀ ଶର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେଡ୍, ସାଜସଜ୍ଜା, ଆମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା, ସୁରକ୍ଷା, ସମୟାନୁବର୍ତ୍ତିତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବା ସହ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ ଓ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସକାଳେ ରାମଧୁନ୍ ପରିବେଷଣ କରାଯିବ। ସେହିପରି ପତାକା ଉତ୍ତୋଳନ ସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଉତ୍ସବ ସ୍ଥଳର ସାଜସଜ୍ଜା ଓ ପ୍ରଜ୍ଞାପନ ମେଢ଼ ଆଦି ବିଷୟକୁ ଗୁରୁତ୍ୱ ଦିଆଯିବା ସହ ସାଧାରଣତନ୍ତ୍ର ଦିବସ ପାଳନକୁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଅଧିକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ବୃଦ୍ଧି କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭତ୍ତା ହିତାଧିକାରୀଙ୍କ ପାଇଁ ସୀମିତ ସରକାରୀ ଟାର୍ଗେଟ ବାଧକ

# ଭତ୍ତା ପାଇଁ ଦିନ ଗଣୁଛନ୍ତି ୧୪୭୮ ଆବେଦନ ହିତାଧିକାରୀ

- ଅପେକ୍ଷା ତାଲିକାରେ ୧୪୧ ବାର୍ଦ୍ଧକ୍ୟ ଓ ୬୯ ଦିବ୍ୟାଙ୍ଗ
- ଭତ୍ତା ପାଇବାକୁ ଅନ୍ୟ ଜଣଙ୍କ ମୃତ୍ୟୁକୁ ଅପେକ୍ଷା
- ସରକାରୀ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଦାବି

ବିଶୋଇ, ୭।୧(ସମିସ): ଟାର୍ଗେଟ ଅନୁଯାୟୀ ଖାଲି ସ୍ଥାନ ନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାସିକ ପେନସନ ଯୋଜନାରୁ ବଞ୍ଚିତ ହୋଇ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଜଣେ ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ ସେହି ଖାଲି ପଡ଼ିଥିବା ସ୍ଥାନରେ ଅପେକ୍ଷା ତାଲିକାରେ ଆଗରେ ରହିଥିବା ଅନ୍ୟ ଜଣେ ହିତାଧିକାରୀଙ୍କୁ ପ୍ରବେଶ କରାଯାଉଛି। ଫଳରେ ଜଣେ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ରାଜ୍ୟରେ ସମାଜିକ ସୁରକ୍ଷା ବିଭାଗରେ ଏଭଳି ଏକ ସମ୍ବେଦନଶୀଳ ବ୍ୟବସ୍ଥାକୁ ନେଇ ଏବେ ରାଜ୍ୟବ୍ୟାପୀ ଚିନ୍ତା ଘାରିଛି। ଏଥିପ୍ରତି ରାଜ୍ୟ ସରକାର ନଜର ଦେଇ ସରକାରୀ ସ୍ତରରେ ଏହି ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ହୋଇଛି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକରେ ବର୍ତ୍ତମାନ ୧୩ଟି ପଞ୍ଚାୟତରେ ୧୧ ହଜାର ୨ ଶହ ଜଣ ହିତାଧିକାରୀ ପେନସନ ଯୋଜନାରେ ସାମିଲ ହୋଇ ମାସିକ ଭତ୍ତା ପାଉଛନ୍ତି। ମଧୁବାବୁ, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ବିଧବା ପେନସନ ଯୋଜନା (ଆଇଜିଏମ୍‌ବିପି), ରାଷ୍ଟ୍ରୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସ୍‌ଏପି) ପ୍ରମୁଖ ପେନସନ ଯୋଜନାରେ ସାମିଲ କରିବା ପାଇଁ ସମସ୍ତ ବ୍ଲକ ସ୍ତରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଏହାବ୍ୟତୀତ କିଛି ହିତାଧିକାରୀ ନିଜେ ମଧ୍ୟ ଜନସେବା କେନ୍ଦ୍ରରେ ପେନସନ ପାଇଁ ଆବେଦନ କରୁଛନ୍ତି। ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ଅବିବାହିତା ମହିଳା ବିଭାଗରେ ବର୍ତ୍ତମାନ ସୁଦ୍ଧା ଏହି ବ୍ଲକରେ ୧୪୭୮ ଜଣ ହିତାଧିକାରୀ ଆବେଦନ କରିଛନ୍ତି। ଏନଏସ୍‌ଏପିରେ ୧୮୮ ଜଣ, ମଧୁବାବୁ ପେନସନ ଯୋଜନାରେ ୧୬୩ ଜଣ ହିତାଧିକାରୀଙ୍କ ୮୦ ବର୍ଷରୁ ଅଧିକ ବୟସ ରହିଥିବାବେଳେ ଏ ସମସ୍ତ ହିତାଧିକାରୀ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଉଛନ୍ତି। ସେହିପରି ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବା ମଧୁବାବୁ ଯୋଜନାରେ ୯୩ ଜଣ, ଆଇଜିଏମ୍‌ବିପି ଯୋଜନାରେ ୨୮ ଜଣ ଦିବ୍ୟାଙ୍ଗ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ପାଉଛନ୍ତି। ପରିତାପର ବିଷୟ ଟାର୍ଗେଟ ସଂଖ୍ୟା ପୂରଣ ହୋଇଯାଇଥିବାରୁ ଅନେକ ୮୦ ବର୍ଷରୁ ଅଧିକ ବୟସ୍କ ହିତାଧିକାରୀ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ଦୀର୍ଘବର୍ଷ ଧରି ବଞ୍ଚିତ ହୋଇଆସୁଛନ୍ତି। ଜୀବନର ଶେଷ ପାହାଚରେ ଥାଇ ମଧ୍ୟ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ତାଙ୍କୁ ଅନ୍ୟ କାହାର ମୃତ୍ୟୁ ପାଇଁ ଅପେକ୍ଷା କରିବାକୁ ପଡୁଛି। ବିଶୋଇ ବ୍ଲକରେ ୧୪୧ ହିତାଧିକାରୀ ଏବେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ସରକାରୀ ନଥିପତ୍ରର ଅପେକ୍ଷା ତାଲିକାରେ ରହିଛନ୍ତି।

ଏନ୍‌ଏସ୍‌ଏପି ୭୦ ଜଣ, ମଧୁବାବୁ ପେନସନ ଯୋଜନାରେ ୮୧ ଜଣ ହିତାଧିକାରୀଙ୍କ ବୟସ ୮୦ ବର୍ଷରୁ ଅଧିକ ହୋଇଥିଲେ ସୁଦ୍ଧା ଟାର୍ଗେଟ ଅନୁଯାୟୀ, ଫାଙ୍କା ସ୍ଥାନ ନ ଥିବାରୁ ଏମାନେ ବର୍ଦ୍ଧିତ ଭତ୍ତା ଟଙ୍କା ଯୋଜନାରେ ଅପେକ୍ଷା ତାଲିକାରେ ରହିଛନ୍ତି। ଫଳରେ ଏହି ବୟସ୍କ ହିତାଧିକାରୀ ୩୫୦୦ ଟଙ୍କା ଭତ୍ତା ପାଇବା ସ୍ୱପ୍ନ ପାଳଟିଥିବାବେଳେ ପୂର୍ବଭଳି ୧୦୦୦ ଟଙ୍କା ଭତ୍ତା ପାଇ ସନ୍ତୁଷ୍ଟ ହେବାକୁ ପଡୁଛି। ବର୍ଦ୍ଧିତ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରେ କାହାର ମୃତ୍ୟୁ ଘଟିବା ପରେ ଫାଙ୍କା ପଡ଼ିଥିବା ସେହି ସ୍ଥାନରେ ଅପେକ୍ଷା ତାଲିକାରେ ଥିବା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରାଯାଉଛି। ଅପେକ୍ଷା ତାଲିକାରେ ଥିବା ଜଣେ ବୃଦ୍ଧ ହିତାଧିକାରୀ ନିଜର ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଅନ୍ୟ ଜଣଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ଏକବର୍ଷ ମଧ୍ୟରେ କିଛି ହାତଗଣତି ହିତାଧିକାରୀ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ ହୋଇପାରୁଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସେହି ସମାନ ବ୍ୟବସ୍ଥା ଦିବ୍ୟାଙ୍ଗ ଭତ୍ତା କ୍ଷେତ୍ରରେ ମଧ୍ୟ ଦେଖାଯାଇଛି। ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବା ସମୁଦାୟ ୬୯ ଜଣ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ଫାଙ୍କା ସ୍ଥାନ ନ ଥିବାରୁ ଏମାନେ ମଧ୍ୟ ଅପେକ୍ଷା ତାଲିକାରେ ରହିଛନ୍ତି। ସେହିପରି ପେନସନ ଯୋଜନାରେ ବ୍ଲକର ସମୁଦାୟ ୧୪୭୮ ହିତାଧିକାରୀ ଆବେଦନ କରିଥିଲେ ସୁଦ୍ଧା କେବେ ପେନସନ ଯୋଜନାରେ ସାମିଲ ହେବେ, ସେନେଇ ଦିନ ଗଣୁଛନ୍ତି। ଏ ନେଇ ବିଶୋଇ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ଆବେଦନ ପତ୍ର ବ୍ଲକ ସ୍ତରରେ ଯାଞ୍ଚ କରାଯାଇ ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଏ। ସେଠାରେ ହିତାଧିକାରୀ ପେନସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା ସହିତ ଭତ୍ତା ପାଇବା ପାଇଁ ଅନୁମତି ଦିଆଯାଏ। ଟାର୍ଗେଟ ପୂରଣ ହୋଇଯାଇଥିବାରୁ ନୂତନ ହିତାଧିକାରୀଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇ ନ ପାରି ଅପେକ୍ଷା ତାଲିକାରେ ରଖିବାକୁ ପଡୁଛି। ପରବର୍ତ୍ତୀ ସମୟରେ କୌଣସି ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ, ନଚେତ ଅନ୍ୟକୌଣସି କାରଣ ପାଇଁ ସ୍ଥାନ ଫାଙ୍କା ପଡ଼ିଲେ ଅପେକ୍ଷା ତାଲିକାରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ତେଣୁ ଏଥିପ୍ରତି ରାଜ୍ୟ ସରକାର ଉଦାସୀନତା ମନୋଭାବ ରଖି ହିତାଧିକାରୀଙ୍କ ସଂଖ୍ୟାଙ୍କୁ ଦୃଷ୍ଟିରେ ରଖି ନୂତନ ଲକ୍ଷ୍ୟଧାର୍ଯ୍ୟ ଦେଲେ ରାଜ୍ୟରେ ସମସ୍ତ ହିତାଧିକାରୀ ପେନସନ ଯୋଜନାରେ ସାମିଲ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଉଛି।

### ● ନିୟମିତ ଶିକ୍ଷକ ମାଗୁଛନ୍ତି ଆଧାର କାର୍ଡ

## ମାନସିକ ଚାପ ଯୋଗୁଁ ସ୍କୁଲକୁ ଯାଉନାହାନ୍ତି ପିଲା

ପିଙ୍ଗୁ, ୭।୧(ସମିସ): ଯେ ହେଉଛି କପ୍ତିପଦା ବ୍ଲକର ଶାଳଚୁଆ ପଞ୍ଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ଚିରୁପଦା (ମାଝୀସାହି)ର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ରାବଣ ହାଁସଦାଙ୍କର ୧୧ ବର୍ଷ ବୟସର ପୁତ୍ର ସଞ୍ଜୀବ ଓ ୭ ବର୍ଷ ବୟସର ପୁତ୍ର ରଣଜିତ୍ ଆଜକୁ ଗୋଟିଏ ବର୍ଷ ଧରି ବିଦ୍ୟାଳୟକୁ ଯାଉ ନ ଥିବାର କଥା ଗଣମାଧ୍ୟମକୁ ପରିବାର ଲୋକେ ଜଣାଇଛନ୍ତି। ଏ ବାବଦରେ ସିଧାସଳଖ ରାବଣ ହାଁସଦାଙ୍କୁ ପଚାରିବାରୁ ସେ କହିଲେ ଗ୍ରାମ ନିକଟରେ ଥିବା ସରକାରୀ ବିଦ୍ୟାଳୟରେ ତାଙ୍କର ଦୁଇପୁତ୍ର ନାମ ଲେଖାଇଛନ୍ତି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ପିଲାମାନଙ୍କୁ ନିୟମିତ ଆଧାର କାର୍ଡ ମାଗିବାରୁ ମାନସିକ ଚାପରେ ଆଜକୁ ବର୍ଷେ ହେଲାଣି ପିଲାଏ ବିଦ୍ୟାଳୟ ଯାଉନାହାନ୍ତି। ତେବେ ବିଦ୍ୟାଳୟ ଉପସ୍ଥାନ ଖାତାରେ ଏହି ପିଲାମାନଙ୍କର ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣା ନ ଥିବାର କହିଛନ୍ତି। ସେହିପରି ପରିବାରକୁ ମିଳିଥିବା ରାସନକାର୍ଡରେ ପିଲାଙ୍କ ନାମ ଯୋଡ଼ାଯାଇ ପାରୁ ନ ଥିବାରୁ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ଉକ୍ତ ଦୁଇପୁତ୍ର ବଞ୍ଚିତ ଥିବାର ଜଣାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ସାଧାରଣରେ ଦାବି ହେଉଛି।

## କେଶଡିହା ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା/ମହୁଲଡିହା, ୭।୧(ସମିସ): ମଙ୍ଗଳବାର ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେଶଡିହା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିବସ୍ୱରୂପ ଦଲେଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପିଏଆଇଟିଡିଏ କରଞ୍ଜିଆରୁ ଚିତ୍ତରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ରତିକାନ୍ତ ବୈଦ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ମିଟୁଆଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ଚମକପୁର ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ସମ୍ମାନିତ ଅତିଥି ଭାବେ କେଶଡିହା ସରପଞ୍ଚ ବିନୋଦିନୀ ନାୟକ, ମିଟୁଆଣି ସିଆର୍‌ସିସି ବିଶେଶ୍ୱର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଦିକନ୍ଦ ନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋଡ଼ି ହୋଇ ମହିଳା ମୃତ

ଶୁଳିଆପଦା, ୭।୧(ସମିସ): ଶୁଳିଆପଦା ବ୍ଲକ ବଡ଼ଭାଲିଆ ପଞ୍ଚାୟତ ଅଧୀନ କୁଲାଦହଣୀ ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ନାଏକଙ୍କ ଝିଅ କଇଁତ ନାଏକ (୬୩) ଗତକାଲି ସନ୍ଧ୍ୟାରେ ପ୍ରବଳ ଜାଡ଼ରୁ ରକ୍ଷା ପାଇବା ପାଇଁ ନିଆଁରେ ସେକି ହେଉଥିବାବେଳେ ଅସାବଧାନତା ବଶତଃ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ପରିବାର ଲୋକ ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜକୁ ନେଇଥିଲେ। ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଗୌଡ଼ଗାଁରେ ଧାନମଣ୍ଡି ଉଦ୍‌ଘାଟିତ

ପିଙ୍ଗୁ, ୭।୧(ସମିସ): କପ୍ତିପଦା ବ୍ଲକ ଅଧୀନରେ ଜାମଡିହା ଲାମ୍ପସ ଅଧୀନ ଗୌଡ଼ଗାଁରେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ସମ୍ମାନିତ ଅତିଥି ଭାବରେ ଏଆର୍‌ସିଏମ୍ ସୁକୁରାମ ସିଂ, କପ୍ତିପଦା ବିଡିଓ, କପ୍ତିପଦା ତହସିଲ୍‌ଦାର, ୪ନଂ ଜୋନ୍‌ର ଜିଲ୍ଲା ପରିଷଦ, ଗୌଡ଼ଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ, ଝିଙ୍କପଦା ପଞ୍ଚାୟତର ପିଇଓ, ଲାମ୍ପସର ପରିଚାଳନା ନିର୍ଦ୍ଦେଶକ ଅଜିତ୍ କୁମାର ସାମଲ ଯୋଗଦେଇଥିଲେ। ପୂଜକଙ୍କ ମନ୍ତ୍ରପାଠ ପୂର୍ବକ ମୁଖ୍ୟ ଅତିଥିଙ୍କ ଉପସ୍ଥିତିରେ ଫିତାକାଟି ଧାନମଣ୍ଡି ଉଦ୍‌ଘାଟନ କରି ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବର୍ଦ୍ଧିତ କ୍ରୟ ମୂଲ୍ୟରେ ଧାନ କିଣିବା ଓ ଏଫ୍‌ଏକ୍ୟୁ ଧାନ ମଣ୍ଡିଙ୍କୁ ନେଇ ଆସିବା ଓ ଚଳିତ ବର୍ଷ ଚାଷୀଙ୍କଠାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ କିଣାଯିବା ପ୍ରକାଶ କରିଥିଲେ। ଶେଷରେ ସଭାପତି ପ୍ରତାପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମଣ୍ଡି ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆର୍‌ଏମ୍‌ସି କର୍ମଚାରୀ ଲାମ୍ପ୍‌ସ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ ବିଜେପି କର୍ମୀ

କରଞ୍ଜିଆ, ୭।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ୫୪ତମ ଜନ୍ମଦିନ କରଞ୍ଜିଆ ବିଜେପି ପକ୍ଷରୁ ପାଳନ କରାଯାଇଛି। ନଗର ମଣ୍ଡଳ ସଭାପତି ସମ୍ବିଧାନ ମହାପାତ୍ରଙ୍କ ନେତୃତ୍ୱରେ କରଞ୍ଜିଆ ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଂଶୁମାନ ବର୍ମା ମହାନ୍ତଙ୍କ ସଂଯୋଜନାରେ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଆଶିଷ ମହାନ୍ତ, ବରିଷ୍ଠ ସଦସ୍ୟ କୃପାସିନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଟାଏକ୍ୱୋଣ୍ଡୋରେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ସଫଳତା

ବେତନଟୀ, ୭।୧(ସମିସ): ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ବେତନଟୀ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳ ହୋଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ପଦକ ଜିତି ରାଜ୍ୟରେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ପ୍ରବୀର ସୋରେନ ଓ ପୂର୍ଣ୍ଣାୟିନୀ ଜେନା ସ୍ୱର୍ଣ୍ଣପଦକ, ସମରଜିତ ନାୟକ, ହିମାଦ୍ରୀ ମହାନ୍ତ, ଆୟୁଷ୍ମାନ ମହାନ୍ତି ରୌପ୍ୟ, ହାର୍ଦ୍ଦିକ ବଳ, ଏଲିନା ମହାନ୍ତ, କାର୍ତ୍ତିକ ବେହେରା ବ୍ରୋଞ୍ଜ ପଦକ ହାସଲ କରି ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଜନମନ ବେହେରା ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ବେହେରାଙ୍କ ସହିତ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

### ମାନିଲେନି ହାଇକୋର୍ଟଙ୍କ ନିର୍ଦ୍ଦେଶ

# କଷ୍ଟ ସରିଲା; ଶୁଣିଲାନି ଶିକ୍ଷା ବିଭାଗ



ମହୁଲଡିହା, ୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ନୂଆଗାଁସ୍ଥ ନୂଆଗାଁ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କୁ ବେନିୟମ ଭାବେ ପ୍ରଧାନଶିକ୍ଷୟିତ୍ରୀ ପଦବୀରୁ ହଟାଇବା ଓ ଦୀର୍ଘଦିନ ଧରି ନିଲମ୍ବିତ ରଖାଯିବା କାରଣରୁ ସେ ଉଚ୍ଚ ଅଦାଲତର ଆଶ୍ରୟ ନେଇ ହାଇକୋର୍ଟ ଆଦେଶ ବଳରେ ( ୩ ବର୍ଷ ୧ ମାସ ୧୯ ଦିନ ପରେ) ୨୦୨୫ ଜାନୁଆରୀ ୬ ତାରିଖରେ ଯୋଗଦାନ କଲେ। ସିନିୟର ହୋଇଥିବାରୁ କୋର୍ଟ ପ୍ରଧାନଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ପ୍ରମିଳାଙ୍କୁ ସହକାରୀ ଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିବାକୁ ତତ୍କାଳୀନ ପ୍ରଧାନଶିକ୍ଷକ ବାଧ୍ୟ କଲେ। ଉଚ୍ଚ ଅଦାଲତ ନିଲମ୍ବନ ସମୟର ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ସ୍କୁଲ ବିଲ କଲାନାହିଁ। ଅଥଚ ଅନ୍ୟ ଜଣେ କନିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦେ ୨୦୨୫ ଅଗଷ୍ଟ ୭ରେ ଡିଇଓଙ୍କ ଆଦେଶ ବଳରେ ପ୍ରଧାନ ଶିକ୍ଷୟିତ୍ରୀ ହେଲେ। ଏହାକୁ ସୁଯୋଗ ଭାବି ଅପର୍ଣ୍ଣା ଦେ ନିଜ ବାଟ ସଫା କରିବାକୁ ପ୍ରମିଳା ସାହୁଙ୍କୁ ପ୍ରଥମେ ଦସ୍ତଖତ ପାଇଁ ବାରଣ କରି ୧୭.୯.୨୦୨୫ରେ ନିଲମ୍ବନ କଲେ। ସ୍କୁଲରେ ବୈଧ ପରିଚାଳନା କମିଟି ନ ଥାଇ ସୁଦ୍ଧା କମିଟି ନିର୍ଦ୍ଦେଶରେ ଏପରି କରିଥିବା ଦର୍ଶାଇଲେ। ନିଲମ୍ବନ ଆଦେଶ ବେଆଇନ ଦର୍ଶାଇ ପ୍ରମିଳା ଡିଇଓ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସତ୍ତ୍ୱେ ନ୍ୟାୟ ନ ପାଇବାରୁ ସମସ୍ୟା ସମାଧାନ ନ ହେଲେ ଆତ୍ମାହୁତି ପାଇଁ ୧୫ ଦିନ ସମୟ ଦେଲେ। ଅକ୍ଟୋବର ୨୭ରେ ଆତ୍ମାହୁତି ପାଇଁ ତାରିଖ ଧାର୍ଯ୍ୟ ଥିବାବେଳେ ଗଣମାଧ୍ୟମରେ ପ୍ରମୁଖ ସ୍ଥାନ ପାଇଥିଲା।

ରାତିଅଧିଆ ୨୪.୧୦.୨୦୨୫ରେ ଡିଇଓ ଚିଠି ନଂ ୧୩୪୦୫ରେ ନିଲମ୍ବନ ବେଆଇନ କହି ଅଗ୍ରାହ୍ୟ କଲେ। ପ୍ରମିଳାଙ୍କ ଯୋଗଦାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ। ପ୍ରମିଳାଙ୍କ ଯୋଗଦାନ ସତ୍ତ୍ୱେ ତାଙ୍କୁ ଦରମା ଦିଆଗଲାନାହିଁ। ପୁନଶ୍ଚ ପ୍ରମିଳାଙ୍କ ଦରମା ବିଲ୍ ପଠାଇବା ପାଇଁ ଡିଇଓଙ୍କୁ ପୁନର୍ବାର ଚିଠି, (ନଂ୧୫୩୩୯, ୨।୧୨।୨୦୨୫) କରିବାକୁ ପଡ଼ିଲା। ଅଥଚ ଏଯାବତ ତାଙ୍କ ବିଲ ପଠାଗଲାନାହିଁ। ଇତିମଧ୍ୟରେ ସମ୍ପୃକ୍ତ ସ୍କୁଲରୁ ପ୍ରମିଳା ସାହୁ ଓ ଅପର୍ଣ୍ଣା ଦେଙ୍କୁ (ଚିଠି ନଂ ୧୫୭୪୪, ୮।୧୨।୨୦୨୫)ରେ ଅନ୍ୟ ସ୍କୁଲରେ ନିୟୋଜନ କଲେ। ମାତ୍ର ଯେଉଁ ଚିଠି ଆଧାରରେ ଡିଇଓ (ଚିଠି ନଂ ୧୧୩୪୧, ୨୨।୧୦।୨୦୨୧) ପ୍ରମିଳା ସାହୁଙ୍କୁ ପ୍ରଧାନଶିକ୍ଷୟିତ୍ରୀ ପଦରୁ ନିଷେଧ କରିଥିଲେ, ହାଇକୋର୍ଟ ତାକୁ ରଦ୍ଦ କରି ୧୬.୧୦.୨୦୨୫ରେ ୮ ସପ୍ତାହ ମଧ୍ୟରେ ଅବସ୍ଥାପିତ କରିବାକୁ ଆଦେଶ ଦେଇଥିଲେ। ଏହି ଆଦେଶ କାର୍ଯ୍ୟକାରୀ କରିବାକୁ ପ୍ରମିଳା ସାହୁ ଆତ୍ମାହୁତି ଧମକ ଦେଇଥିଲେ। ଅକ୍ଟୋବର ୨୭ ତାରିଖରେ ବାରିପଦାରେ ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ବାରିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜରୁରୀ ବୈଠକ ବସି ହାଇକୋର୍ଟ ନିର୍ଦ୍ଦେଶ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରମିଳାଙ୍କୁ ଆତ୍ମାହୁତିରୁ କ୍ଷାନ୍ତ କରିଥିଲେ।

ଇତିମଧ୍ୟରେ ଉଚ୍ଚ ଅଦାଲତ ଦେଇଥିବା ସମୟ ସୀମା ସରିଛି, ମାତ୍ର ନ୍ୟାୟ ମିଳିଲାନି ପ୍ରମିଳାଙ୍କୁ। ଏବେ ପ୍ରମିଳାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି। ପ୍ରମିଳା ଦୀର୍ଘ ୨୪ ବର୍ଷ ପ୍ରଧାନଶିକ୍ଷୟିତ୍ରୀ ଥାଇ ସ୍କୁଲ ଗଢ଼ିବା ପରେ ତାଙ୍କୁ ହଟାଇବାକୁ ଚକ୍ରାନ୍ତ ଚାଲିଛି। ଅଭିମନ୍ୟୁଙ୍କ ଭଳି ଚକ୍ରବ୍ୟୁହରେ ଏକାକୀ ଲଢୁଛନ୍ତି ପ୍ରମିଳା। ସତରେ କ'ଣ ନ୍ୟାୟ ଏତେ ଅପହଞ୍ଚ କି ବୋଲି ଠାକୁରମୁଣ୍ଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବିଇଓଙ୍କ ଅମାନବିକତା ଓ ପ୍ରଶାସନର ଉଦ୍ୟମ ବିଫଳ ହେବା ପରେ ଏବେ ପ୍ରମିଳାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି। ପ୍ରମିଳାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ମୋର ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ରହିଛି। ମୋତେ ନିଶ୍ଚୟ ନ୍ୟାୟ ମିଳିବ ବୋଲି ମୁଁ ଆଶାବାଦୀ ଅଛି କହିଛନ୍ତି।


## ଟ୍ୟାକ୍ସ ବାର୍ ଆସୋସିଏସନ ପକ୍ଷରୁ ଶୋକସଭା

ବାରିପଦା, ୭।୧(ସମିସ): ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦାସଙ୍କ ବିୟୋଗରେ ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ଆୟକର ଓ ବାଣିଜ୍ୟ କର ବାବଦରେ ତାଙ୍କର ପୂର୍ଣ୍ଣ ଦକ୍ଷତା ଥିଲା। ସଭାପତି ଅନ୍ତର୍ଯ୍ୟାମୀ ସାହୁ ସ୍ମୃତିଚାରଣ କରିଥିଲେ। ତାଙ୍କ ବିୟୋଗ ଖବର ପାଇ ବାରିପଦା ସହର, ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ, ବାଣିଜ୍ୟକର କାର୍ଯ୍ୟାଳୟ ଓ ଆୟକର କାର୍ଯ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଶୋକସଭାରେ ସଭାପତି ଶ୍ରୀ ସାହୁ, ସମ୍ପାଦକ ବିରେନ୍ଦ୍ର ସାହୁ, ଆଭାସ ପାତ୍ର, ଅମିତ ବେହେରା, ନରୋତ୍ତମ ପାତ୍ର, ଗୋପାଳ ପାଣି, ସରୋଜ ଶତପଥୀ, ମିହିର ମହାନ୍ତି, ଚତୁର୍ଭୁଜ ପାତ୍ର, ପ୍ରକାଶ ସାହୁ, ବିଶ୍ୱଜିତ ମହାନ୍ତି, ଦେବାଶିଷ ପାତ୍ର, ସତ୍ୟନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।













## ମହିଳା ସ୍ୱେଚ୍ଛାସେବୀଙ୍କ ସ୍ୱତନ୍ତ୍ର ତାଲିମ ଶିବିର ଉଦ୍‌ଯାପିତ




କପ୍ତିପଦା, ୭।୧(ସମିସ): ନୂଆସାହିସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୩ ତାରିଖରୁ ଆରମ୍ଭ ହେଇଥିବା ମହିଳା ସ୍ୱେଚ୍ଛାସେବୀମାନଙ୍କର ତିନିଦିନିଆ ସ୍ୱତନ୍ତ୍ର ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ଦିବସର ପ୍ରାରମ୍ଭରେ ଶିବିରାର୍ଥୀମାନେ ପୂର୍ବଦିନ ପରି ଯୋଗ ପ୍ରଶିକ୍ଷକ ଚନ୍ଦ୍ରମୋହନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଯୋଗ ସମ୍ବନ୍ଧୀୟ ବିଭିନ୍ନ କ୍ରିୟା କୌଶଳ ସହିତ ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଶିବିରର୍ଥୀମାନଙ୍କ ଦ୍ୱାରା ନୂଆସାହି ବଜାରସ୍ଥିତ ମନ୍ଦିର ବେଢ଼ାରେ ଓ ବଜାର ପରିସରରେ ସଫେଇ କାର୍ଯ୍ୟ କରାଯିବା ସହିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ତତ୍‌ସହିତ ବିନା ହେଲ୍‌ମେଟରେ ଯାତାୟାତ କରୁଥିବା ବାଇକ୍ ଆରୋହୀମାନଙ୍କୁ ବାଇକ୍‌ରେ ଯାତାୟାତ ସମୟରେ ହେଲ୍‌ମେଟ ବ୍ୟବହାର ସହିତ ନିରାପଦ ଗାଡ଼ି ଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀମାନଙ୍କର ପ୍ରଶିକ୍ଷକ ଡ. ନିରୋଦ ବରଣ ଖୁଣ୍ଟିଆଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଥିଲା। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଯୋଗଦେଇଥିବା ଶିବିରାର୍ଥୀମାନଙ୍କଠାରୁ ୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଲିପିକା ବେହେରା ସଭାପତିଭାବେ କାର୍ଯ୍ୟକ୍ରମ ତୁଲାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ, ମୁଖ୍ୟବକ୍ତା ଭାବେ ରାଜ୍ୟ ପ୍ରଶିକ୍ଷକ ଡ. ନିରୋଦ ବରଣ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବରେ ପ୍ରାକ୍ତନ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଦିଲ୍ଲୀପ ପରମାଣିକ ଓ ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ବିଜେତାମାନଙ୍କୁ ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ତିନିଦିନର ବିବରଣୀ ପାଠ କରିଥିବାବେଳେ ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶୋଇ ପଞ୍ଚାୟତ ସମିତି ସାଧାରଣ ବୈଠକ

# ଶିକ୍ଷା, ଶିଶୁ ବିକାଶ ଓ ଯୋଗାଣ ବିଭାଗ ଉପରେ ଗୁରୁତ୍ୱାରୋପ

ବିଶୋଇ,୭।୧(ସମିସ):



ବିଶୋଇ ପଞ୍ଚାୟତ ସମିତିର ଦଶମ ସାଧାରଣ ବୈଠକ ସ୍ଥାନୀୟ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବ୍ଲକ୍ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଡିଓ ସାଗର ଚନ୍ଦ୍ର ମୁର୍ମୁ, ତହସିଲଦାର ସତ୍ୟବାନ ନାୟକ, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଏବିଡିଓ ଚନ୍ଦନ କୁମାର ପଣ୍ଡା, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ କୁମାର ପଲେଇଙ୍କ ସମେତ ବ୍ଲକ୍ର ୧୩ଟି ପଞ୍ଚାୟତର ପଞ୍ଚାୟତ ସମିତି ସଦସ୍ୟ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବ ବୈଠକର ବିବରଣୀ ପାଠ ପ୍ରଦାନ କରାଯିବା ପରେ ବୈଠକ ଆରମ୍ଭ କରାଯାଇଥିଲା। ବୈଠକରେ ଶିକ୍ଷା, ପାନୀୟଜଳ ଓ ଯୋଗାଣ ବିଭାଗ ପ୍ରମୁଖ ବିଭାଗ ସମ୍ବନ୍ଧରେ ଗୁରୁତ୍ୱ ଦିଆଯାଇଥିଲା। ଭାତଛତ୍ର ପଞ୍ଚାୟତର ସାନରଙ୍ଗାମାଟିଆ ଗ୍ରାମ ସମେତ ଖଡ଼ମବେଡ଼ା ପଞ୍ଚାୟତର ହେନ୍ଦେଦା ବୁରୁଡ଼ିହି ଗ୍ରାମ, କୁଲକୋଚା, ହାରିଡିହି ପ୍ରମୁଖ ଗ୍ରାମରେ ଅଙ୍ଗନବାଡ଼ି ନ ଥିବାରୁ ଉକ୍ତ ଗ୍ରାମର ଶିଶୁମାନେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହୋଉଛନ୍ତି। ତେଣୁ ଉକ୍ତ ଗ୍ରାମରେ ଯଥାଶୀଘ୍ର ନୂତନ ମିନି ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ପାଇଁ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ରିଜୋଲ୍ୟୁସନ ପ୍ରେରଣ ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା। ତେବେ ନିୟମ ଅନୁଯାୟୀ ଆବଶ୍ୟକ ଲୋକସଂଖ୍ୟା ନ ଥିବାରୁ ଉକ୍ତ ଗ୍ରାମରେ ମିନି ଅଙ୍ଗନବାଡ଼ି ଖୋଲାଯାଇ ପାରୁ ନ ଥିବାବେଳେ ପୋଡ଼ା ପୁଷ୍ଟି ସେଣ୍ଟର ଖୋଲିବା ପାଇଁ ସିଡିପିଓ କହିଥିଲେ। ସେହିପରି ଯୌଥ ପରିବାରର ରାସନକାର୍ଡକୁ ବିଭାଜନ କରିବା ପ୍ରକ୍ରିୟା ବିଳମ୍ବ ଯୋଗୁଁ ବିଭିନ୍ନ ସମସ୍ୟା ଉପୁଜିଥିବାବେଳେ ରାସନକାର୍ଡ ପାଇଁ ଆବେଦନ କରିଥିବା ଯୌଥ ପରିବାରକୁ ନୂତନ ରାସନକାର୍ଡ ପ୍ରଦାନ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ପ୍ରତ୍ୟେକ ପଞ୍ଚାୟତରେ ଏନେଇ ଯୋଗାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରିବା ପାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବ୍ଲକ୍ର ହେନ୍ଦେଦା, ବୁରୁଡିହି, ଡୁମୁରଡିହା, ଅସନବଣି, ଜାମବଣି ଦେହୁରୀ ସାହି ଆଦି ଗ୍ରାମରେ ଯୋଗାଯୋଗ ନିମନ୍ତେ ଉତ୍ତମ ସଡ଼କପଥ ନ ଥିବାରୁ ସେଠାରେ ପାନୀୟଜଳ ଯୋଗାଣରେ ଅସୁବିଧା ଉପୁଜୁଛି ବୋଲି ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ଗୃହରେ ଅଭିଯୋଗ କରିଥିଲେ। ଏହି ସମସ୍ୟାର ସମାଧାନ ନେଇ ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ଆଲୋଚନା କରିଥିଲେ। ବ୍ଲକ୍ରେ ୨୦ଟି ସୋଲାର ଜଳ ଯୋଗାଣ ପ୍ରକଳ୍ପ ସମାପ୍ତ ହୋଇଥିବାବେଳେ ୧୪ଟି ପ୍ରକଳ୍ପ ଚାଲିଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ବ୍ଲକ୍ରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ସମସ୍ତ ଚେକ୍ଡ୍ୟାମ୍ଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ଦାବି ରଖା ଯାଇଥିଲା। କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ଲକ୍ରେ ନୂତନ ଭାବରେ ୫ଟି ପ୍ରକଳ୍ପ ଆସିଥିବାବେଳେ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ ବିଭାଗକୁ ଅଧିକରୁ ଅଧିକ ପ୍ରକଳ୍ପ ପ୍ରୋପୋଜାଲ ଦେବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀ କହିଥିଲେ। ଜିପିଡିଇଓ ହରେଶ କୁମାର ନାଏକ ବୈଠକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର ସମେତ ବ୍ଲକ୍ର ସମସ୍ତ କର୍ମଚାରୀ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ବାଇକ୍ ଚାଳକଙ୍କ ମୃତ

**ମହୁଲଡିହା,୭।୧(ସମିସ):** ଠାକୁରମୁଣ୍ଡା ବ୍ଲକ୍ ମହୁଲଡିହା ଥାନା ଅନ୍ତର୍ଗତ ଗୌଡ଼ିଆବାହାଲି ଖୁଦିସିଲା ନିଛାଟିଆ ମୋରମ୍ ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍ (ବୁଲେଟ) ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଘଣ୍ଟିଆଦର ଗ୍ରାମର ସୁଶାନ୍ତ ବେହେରା (୨୬)।

ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ସୁଶାନ୍ତ ମହୁଲଡିହାରେ ୱେଲ୍ଡିଂ ଦୋକାନ ବନ୍ଦ କରି ବୁଲେଟ୍ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଘଟିଛି ଦୁର୍ଘଟଣା। ସେ ମହୁଲଡିହା ଥାନା ନିକଟରେ ୱେଲ୍ଡିଂ ଦୋକାନ କରିଥିଲେ। ଖବର ପାଇ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ବିଜୟକୃଷ୍ଣ ସାନ୍ତରା ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ପରିବାର ଲୋକଙ୍କ ସହାୟତାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ।

## ବିପୁଳ ଦେଶୀ ମଦ ଓ ପୋଚ ଜବତ

**ବାରିପଦା,୭।୧(ସମିସ):** ଅବକାରୀ ବିଭାଗ ଦ୍ୱାରା ଦେଶୀ ମଦ ଓ ପୋଚ ଜବତ କରାଯାଇଛି। ଦୁଇ ଜଣ ଅପରାଧୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।



ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସଦର ଅବକାରୀ ଥାନା ଟିମ୍ ବାରିପଦା ସଦର ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରିଥିଲେ। ୬୦୦ ଲିଟର ଦେଶୀ ମଦ ଓ ୭୩୦୦ ଲିଟର ମଦ ପୋଚ ଜବତ କରାଯାଇଛି। ଝିନେଇ ଅଞ୍ଚଳରେ ଉକ୍ତ ଚଢ଼ଉ କରି ଜବତ କରାଯାଇଛି। ଉକ୍ତ ଚଢ଼ଉରେ ମୋବାଇଲ୍ ୟୁନିଟ୍ ଇନ୍‌ଚାର୍ଜ ସଞ୍ଜୟ କୁମାର କାଣ୍ଡି, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ବିଶ୍ୱାଳ, ତପନ ସାହୁ, ହେମନ୍ତ ପାତ୍ର, ଦେବରାଜ ସାହୁ, ସମୀର ରଞ୍ଜନ ଜେନା, ପ୍ରଭାତୀ ମଲ୍ଲ, ଅରୁଣ ତରେଇ, ସବିତା ମହାନ୍ତ, ଲକ୍ଷ୍ମଣ ନାୟକ ଓ ଅନ୍ୟ ପୁଲିସ ସାମିଲ ଥିଲେ। ଏନେଇ ବାରିପଦା ସଦର ଅବକାରୀ ଥାନାରେ ପୃଥକ୍ ଭାବେ ମାମଲା ରୁଜୁ କରାଯାଇଛି।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଫୁଲକମ୍ପ ଏଫ୍‌ସି ଚାମ୍ପିଅନ




**ଶୁକ୍ରୁଲି,୭।୧(ସମିସ):** ରରୁଆଁ ବ୍ଲକ୍ ବିର୍ସା ମୁଣ୍ଡା ଯୁବକ ସଂଘ ଘାଗରବେଡ଼ା ବାଙ୍କିଆ ହୁଡି ଛକ ହାଟ ପଡ଼ିଆରେ ୧୫ତମ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଗତ ୫ ଓ ୬ ତାରିଖ ଦୁଇଦିନ ଧରି ହୋଇଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ୩-୨ ଗୋଲ୍‌ରେ ନରଷଣ୍ଢା ଏଫ୍‌ସିକୁ ପରାସ୍ତ କରି ଫୁଲକମ୍ପ ଏଫ୍‌ସି ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଦଳ ୧୫ହଜାର ସହିତ ଟ୍ରଫି, ଦ୍ୱିତୀୟ ଦଳ ନରଷଣ୍ଢା ଏଫ୍‌ସି ୧୦ହଜାର ସହିତ ଟ୍ରଫି, ତୃତୀୟ ଦଳ ଭାବେ ଅଧିକାରୀ ଏଫ୍‌ସି ୮ ହଜାର, ଚତୁର୍ଥ ଦଳ ଭାବେ ଗିଥିଲ ଏଫ୍‌ସିକୁ ୮ ହଜାର ସହ ଟ୍ରଫି ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଡିଓ ରରୁଆଁ ପ୍ରେମାନନ୍ଦ ବେହେରା, ଚେୟାରମ୍ୟାନ୍ ରରୁଆଁ ଅଜିତ୍ କୁମାର ତିରିଆ, ଓଆଇସି ଘାଗରବେଡ଼ା ବଳରାମ ମହାରଣା, ଘାଗରବେଡ଼ା ସରପଞ୍ଚ ପୁଷ୍ପାଞ୍ଜଳି କାଣ୍ଡେୟାଙ୍ଗ, ପଶ୍ଚିମ ମୟୂରଭଞ୍ଜ ବିଜେପି ଉପସଭାପତି ରୋହିତ କୁମାର ବୈଦ୍ୟ, ଘାଗରବେଡ଼ା ମଣ୍ଡଳ ସଭାପତି ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନରୁ ଉଦ୍‌ଯାପନ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଯୁବକ ସଂଘର ଲିଙ୍ଗରାଜ ମହାନ୍ତ, ଘନଶ୍ୟାମ ହେମ୍ବ୍ରମ, ମଧୁସୂଦନ, ଗୋଲ୍‌ଡେନ, ରାହୁଲ, ସୁନୀଲ, ପରେଶ, ମନୋଜ, କାହ୍ନୁ, ବଣ୍ଟି ସମେତ ଯୁବକ ସଂଘର ସମସ୍ତ ସଦସ୍ୟ ଶାନ୍ତି ଶୃଙ୍ଖଳାର ସହିତ ଖେଳକୁ ସମ୍ପାଦନ କରିଥିଲେ।

## ରକ୍ତଦାନ ଶିବିର, ୩୫ ୟୁନିଟ୍ ସଂଗୃହୀତ

**ବୈଶିଙ୍ଗା, ୭।୧(ସମିସ):** ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ଗ୍ରାମର ମିଥୁନ ମହାନ୍ତି ୫ ବର୍ଷର ପୁଅ ପ୍ରତୀତ ମହାନ୍ତିର ଜନ୍ମଦିନରେ ନେତାଜୀ ଜନକଲ୍ୟାଣ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ବାଲେଶ୍ୱର ଜିଲ୍ଲା ମଧୁପୁରା



ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ନେତାଜୀ ଜନ କଲ୍ୟାଣ ସଂସ୍ଥା ସହଯୋଗରେ ଆୟୋଜିତ ଶିବିରରେ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବଡ଼ସାହି ବିଧାୟକ ସନାତନ ବିଜୁଳି ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ସାମ୍ବାଦିକ ଦୀପକ ସିଂହ, ବିଜେପି ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବାସୁଦେବ ନାୟକ ଓ ଏଏସଆଇ ଶୁଭ୍ରାଂଶୁ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ବ୍ଲଡ୍ ବ୍ୟାଙ୍କର ଏକାଧିକ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଜିତେନ ମହାନ୍ତି, ସୁକାନ୍ତ ଦାସ, ରାଜେଶ ସିଂହ, ପ୍ରଦୀପ ଜେନା, ହୃଷିକେଶ ପାଣିଗ୍ରାହୀ, ବିଶ୍ୱଜିତ ଜେନା, ସୁରତ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ବିଜେପି ଜିଲ୍ଲା ସମ୍ପାଦକ ହେଲେ ପ୍ରଭାତ ଜେନା

**ବଡ଼ସାହି,୭।୧(ସମିସ):** ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଦେଉଳିଆ ଗ୍ରାମର ବାସିନ୍ଦା ତଥା ବିଚକ୍ଷଣ ରାଜନେତା, ସୁସଂଗଠକ ପ୍ରଭାତ କୁମାର ଜେନା ମୟୂରଭଞ୍ଜ ଜିଲ୍ଲା ବିଜେପିର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ୧୯୮୮-୮୯ ମସିହାରେ ଶ୍ରୀ ଜେନା ବାରିପଦା ଏମ୍‌ପିସି କଲେଜ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇ ଛାତ୍ର ଜୀବନରୁ ରାଜନୀତିକୁ ଆପଣେଇ ନେଇଥିଲେ। ସେ ବିଭିନ୍ନ ସାମାଜିକ ସଂଗଠନ ମାଧ୍ୟମରେ ଚାରାରୋପଣ କରି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେ ପ୍ରକୃତି ମିତ୍ର, ପ୍ରକୃତିବନ୍ଧୁ, ଶିମିଳିପାଳ ବନ୍ଧୁ ଆଦି ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ଉତ୍ତରୀୟ ପ୍ରଦାନପୂର୍ବକ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ବେସାହାରା ଦିବ୍ୟାଙ୍ଗଙ୍କୁ ୩ ମାସ ପରେ ମିଳିଲା ସାହାରା

**ମହୁଲଡିହା,୭।୧(ସମିସ):** ଠାକୁରମୁଣ୍ଡା ବ୍ଲକ୍ ତରାମରା ଗ୍ରାମ ପଞ୍ଚାୟତ ହାଣ୍ଡିଫୁଟା ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧ ୧ ବର୍ଷର ଭତ୍ତା ଟଙ୍କା ପାଇଥିବାରୁ ବ୍ଲକ୍ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ହାଣ୍ଡିଫୁଟା ଗ୍ରାମର ଭଞ୍ଜ ହୋ ଜନ୍ମରୁ ଗୋଟିଏ ଆଖି ହରାଇଥିବା ବେଳେ ନିଆଁରେ ପୋଡ଼ି ବାମ ଗୋଡ଼ଟି ଅକର୍ମଣ୍ୟ ହୋଇଯାଇଛି। ସେ ବ୍ଲକ୍‌କୁ ଆସି ବାରମ୍ବାର ଭତ୍ତା ପାଇଁ ଅଭିଯୋଗ କରିଥିଲେ ସୁଦ୍ଧା ପାଇ ନ ଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମିରଞ୍ଜନ ମଲ୍ଲିକ ଏ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନଙ୍କୁ ଅବଗତ କରିଥିଲେ। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସେ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରାଙ୍କ ଉପରେ ଆସ୍ଥା ରଖି ଭେଟି ନିଜ ଦୁଃଖ ଜଣାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖିଥିଲେ ଏବଂ ଖୁବ୍‌ଶୀଘ୍ର ଭଞ୍ଜଙ୍କୁ ଭତ୍ତା ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ପ୍ରତିଶ୍ରୁତି ମୁତାବକ ୩ ମାସ ପରେ ଦିବ୍ୟାଙ୍ଗ ଭଞ୍ଜଙ୍କ ଆକାଉଣ୍ଟରେ ୧୨ ହଜାର ୪୦୦ ଭତ୍ତା ଟଙ୍କା ଜମା ହୋଇଥିବାରୁ କାର୍ଯ୍ୟାଳୟରେ ଭେଟି କୃତଜ୍ଞତା ଜଣାଇଛନ୍ତି।



## ହୃଦ୍‌ଘାତରେ ଭୋଗ ଦୋକାନୀଙ୍କ ମୃତ୍ୟୁ



**ଶୁକ୍ରୁଲି,୭।୧(ସମିସ):** ଖିଚିଂସ୍ଥିତ ମା' କୀଚକେଶ୍ୱରୀଙ୍କ ମନ୍ଦିର ଭୋଗ ଦୋକାନୀ ଯୋଗେନ୍ଦ୍ର ନାଏକଙ୍କର ହୃଦ୍‌ଘାତରେ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜଣେ ସମାଜସେବୀ ତଥା ପରୋପକାରୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ହିମାଂଶୁ, ପୁତ୍ରବଧୂ ଅଙ୍କିତା, ମା'ଙ୍କ ସେବାୟତ ପରିଚ୍ଛା ଅଜୟ ସାହୁ ଓ ଅନ୍ୟ ବନ୍ଧୁବାନ୍ଧବ ତଥା ଖିଚିଂ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଶୁକ୍ରୁଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ● ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

## ୫ ଅଗ୍ରଣୀ ଚାଷୀ ପୁରସ୍କୃତ

**କରଞ୍ଜିଆ,୭।୧(ସମିସ):** ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର କରଞ୍ଜିଆ ମିଳନ ପଡ଼ିଆରେ ୩ଦିନିଆ ଉପଖଣ୍ଡ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ପଦ୍ମଚରଣ ହାଇବ୍ରୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ ଆଶୁତୋଷ ଧଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତରଣୀକାନ୍ତ ଦାସ, ଯଶିପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦୀପକ ମହାନ୍ତି, ବୈଜ୍ଞାନିକ ଡ. ଦେବାଶିଷ ଜୟପୁରିଆ, କରଞ୍ଜିଆସ୍ଥିତ କୃଷି ଜିଲ୍ଲା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଯଶିପୁର ଜିଲ୍ଲା କୃଷି ଅଧିକାରୀ ରଜତ କୁମାର ମିଶ୍ର ଯୋଗଦେଇଥିଲେ। ଉପଖଣ୍ଡରେ କୃଷି ଓ କୃଷକର ଉନ୍ନତୀକରଣ ସକାଶେ ବିଭାଗ ପକ୍ଷରୁ ୩୩ଟି ଷ୍ଟଲ୍ ଖୋଲାଯାଇ ଉନ୍ନତମାନର କୃଷି ଉପକରଣ ବିକ୍ରୟ ହୋଇଥିଲା। ଅଗ୍ରଣୀ ଚାଷୀ ଭାବେ ଦେବେନ୍ଦ୍ର ନାଥ ବାଲମୁଚୁଙ୍କ ସମେତ ୫ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ କରଞ୍ଜିଆ ବ୍ଲକ୍‌ର ଲାବଣ୍ୟବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସିଡ୍ ମନି ବାବଦକୁ ୨୫ହଜାର ଟଙ୍କାର ଚେକ୍ ଓ ପୁଷ୍ପଲତା ନାଏକଙ୍କୁ ପାୱାର ଉଇଡର ଏବଂ ଯଶିପୁର ବ୍ଲକ୍‌ର ବିକ୍ରମ ହାଁସଦାଙ୍କୁ ପାୱାରଟିଲର ପ୍ରଦାନ କରିଥିଲେ। ଅପରାହ୍ଣରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ କୃଷକ ପଞ୍ଜୀକରଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କରଞ୍ଜିଆ ଜିଲ୍ଲା କୃଷି କାର୍ଯ୍ୟାଳୟର ୩ କର୍ମଚାରୀଙ୍କୁ ସାଂସଦ ପୁରସ୍କୃତ କରିଥିଲେ। ସେମାନେ ହେଲେ କରଞ୍ଜିଆର ଭିଏଡବ୍ଲ୍ୟୁ ଯୋଗେଶ୍ୱର ବେହେରା, ଠାକୁରମୁଣ୍ଡା କାର୍ଯ୍ୟାଳୟର ଭିଏଡବ୍ଲ୍ୟୁ ଲୁବିରାଣୀ ରାଉତ ଏବଂ ଶୁକ୍ରୁଲି କାର୍ଯ୍ୟାଳୟର ଓଭରସିଅର ଚଞ୍ଚଳା ନାଏକ। ସେମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ମେଳାର ଉଦ୍‌ଘାଟନୀ ଉତ୍ସବରେ ଉପଖଣ୍ଡର ହଜାରେରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ମୋରମ୍ ବୋଝେଇ ୩ ଡମ୍ପର ଜବତ, ୩ ଅଟକ

**ରାସଗୋବିନ୍ଦପୁର,୭।୧(ସମିସ):** ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ପୁଲିସକୁ ଜଗି ମୋରମ୍ ବାହାର ଜିଲ୍ଲାକୁ ଚାଲାଣ ହେଉଥିବାର ଖବର ରହିଛି। ତେବେ ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଳମ୍ବିତ ରାତିରେ ଭାଲିଆପଦା ଗ୍ରାମଠାରେ ବେଆଇନ ଭାବେ ମୋରମ୍ ଚାଲାଣ ହେଉଥିବା ଖବର ପାଇ ରାସଗୋବିନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଟି ଡମ୍ପରକୁ ଜବତ କରିଛି। ଗୋଟିଏ ଡମ୍ପରରେ ମୋରମ୍ ଥିବାବେଳେ ଅନ୍ୟ ଦୁଇଟି ପୁଲିସକୁ ଦେଖି ମୋରମ୍ ଢାଳି ଦେଇଥିବା ଜଣାପଡ଼ିଛି। ତେବେ ୩ ଡମ୍ପର ଡ୍ରାଇଭରଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଏନେଇ ଥାନାରେ ୯/୨୬ରେ ଏକ ମାମଲା ରୁଜୁ କରାଯାଇଛି।

## ବିପୁଳ ପରିମାଣର ମଦ ଜବତ ଓ ପୋଚ ନଷ୍ଟ

**ବହଳଦା,୭।୧(ସମିସ):** ବହଳଦା ଅବକାରୀ ଥାନା ପକ୍ଷରୁ ଭାରପ୍ରାପ୍ତ ଥାନାଧିକାରୀ ରଣିତ ଶବରଙ୍କ ନେତୃତ୍ୱରେ ବହଳଦା ଓ ତିରିଂ ଉଭୟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ବହଳଦା ଥାନା ଅନ୍ତର୍ଗତ କାଙ୍କି ଗ୍ରାମର ୨ ଜଣଙ୍କଠାରୁ ରନ୍ଧା ଦେଶୀ ମହୁଲି ମଦ ୩୭ ଲିଟର ଜବତ କରାଯାଇଥିବା ବେଳେ ତିରିଂ ଥାନା ଅଞ୍ଚଳର ଘଣଚାସାହିରୁ ୨୭୦୦ ଲିଟର ମହୁଲ ପୋଚ ସହ ୧୦୦ ଲିଟର ମହୁଲି ମଦ ଜବତ କରାଯାଇଛି। ସେହିପରି ତିରିଂ ଥାନାଞ୍ଚଳର ଡାଲାଯୋଡ଼ି ଗାଁରୁ ଜଣକୁ ଗିରଫ କରାଯାଇ ୧୮ ଲିଟର ମହୁଲି ମଦ, ସାନଭୁଣ୍ଡୁ ଗ୍ରାମରୁ ୩.୬ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏହି ଚଢ଼ଉରେ ଜଣେ ମହିଳା ମଧ୍ୟ ଗିରଫ ହୋଇଥିବା ଅବକାରୀ ଥାନା ପକ୍ଷରୁ ସୂଚନା ମିଳିଛି। ବହଳଦା ଅବକାରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମୋଟ୍ ୧୫୫ ଲିଟର ମହୁଲି ମଦ ଜବତ କରାଯିବା ସହ ୨୭୦୦ ଲିଟର ପୋଚ ନଷ୍ଟ ଏବଂ ୩.୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅବକାରୀ ଅଧକ୍ଷ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ଏହି ଚଢ଼ଉରେ ବହଳଦା ଅବକାରୀ ଥାନାର ସମସ୍ତ କର୍ମଚାରୀ ସାମିଲ୍ ହୋଇଥିଲେ।

## ଆଜାଦ ଚ୍ୟାଲେଞ୍ଜ କ୍ରିକେଟ୍: ସେମିରେ ମୁକ୍ତେଶ୍ୱର କ୍ଲବ୍




**କରଞ୍ଜିଆ,୭।୧(ସମିସ):** କରଞ୍ଜିଆ ବ୍ଲକ୍ ଚଢ଼େଇଭଲ ଦି ଆଜାଦ ସ୍ପୋର୍ଟସ ଏଣ୍ଡ କଲ୍‌ଚରାଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କ୍ରିକେଟ କପ୍ ଗ୍ରୁପ୍ ବି'ର ପ୍ରଥମ ମ୍ୟାଚ୍‌ରେ ଟାଟା ଲିଓକୁ ହରାଇ ମୁକ୍ତେଶ୍ୱର କ୍ଲବ୍ ଭୁବନେଶ୍ୱର ସେମି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସୁରେନ୍ଦ୍ର ବେହେରା, ଏମ୍‌ଡି ଖଲିଲ୍‌ଉଲ୍ ରହମାନ ଓ ନଦୀଆ ବେହେରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଟାଟା ଲିଓ ବ୍ୟାଟିଂ କରି ୧୫.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୭ ରନ୍ କରିଥିଲେ। ପ୍ରତିପକ୍ଷ ମୁକ୍ତେଶ୍ୱର କ୍ଲବ୍ ଭୁବନେଶ୍ୱର ୧୩.୨ ଓଭରରେ ୨ଟି ୱିକେଟ ହରାଇ ୧୫୦ ରନ୍ କରି ବିଜୟ ହାସଲ କରି ସେମି ଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ତାପସ ବେହେରା ଓ ପ୍ରମୋଦ ସିହ୍ନା ଖେଳକୁ ପରିଚାଳନା କରିଥିଲେ।

## ଉଦଳାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ଉଦଳା,୭।୧(ସମିସ):** ଚାଷୀଙ୍କୁ ସଶକ୍ତୀକରଣ କରିବା ଦିଗରେ ସରକାରଙ୍କ ଅନେକ ଯୋଜନା ରହିଛି। ଚାଷୀ କିପରି ଉନ୍ନତ ପ୍ରଣାଳୀରେ ଚାଷ କରି ଲାଭଦାୟକ ହୋଇପାରିବ ସେଥିପାଇଁ କରାଯାଉଛି ସଚେତନତା। ମୟୂରଭଞ୍ଜ ଜିଲ୍ଲା ଉଦଳାଠାରେ ମୟୂରଭଞ୍ଜ ଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଏବଂ ମୟୂରଭଞ୍ଜ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଯୋଗଦେଇ ଏହି ପାଣି ପଞ୍ଚାୟତ ପକ୍ଷ ପାଳନର ଆଭିମୁଖ୍ୟ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଉଭୟ କାଳ, ସୁନେଇ ଏବଂ ବାଲିଡିହା ଜଳସେଚନ ପ୍ରକଳ୍ପରେ ଜଳସମ୍ପଦ ସୁବିନିଯୋଗ, କୃଷକମାନଙ୍କର ସାମାଜିକ ଏବଂ ଆର୍ଥିକ ସ୍ଥିତିର ଉନ୍ନତି, କୃଷି ଉତ୍ପାଦନ ବୃଦ୍ଧି ଏବଂ ପରିବେଶ ସନ୍ତୁଳନ ଓ ସୁରକ୍ଷା ଉପରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗତ ୬ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ମୟୂରଭଞ୍ଜ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ପରମେଶ୍ୱର ପାତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସୁନେଇ ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଇତିଶ୍ରୀ ପ୍ରଧାନ, କାଳ ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ବେହେରା, ବାଲିଡିହା ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ, ସୁନେଇ ଶୀର୍ଷ ପ୍ରକଳ୍ପର ସଭାପତି ହେମନ୍ତ ବେହେରା, କାଳ ଜଳସେଚନ ପ୍ରକଳ୍ପ ଶୀର୍ଷ କମିଟିର ସଭାପତି ଯଜ୍ଞ ନାରାୟଣ ମହାନ୍ତି ସମେତ ସମସ୍ତ କର୍ମଚାରୀ ଏବଂ ସମସ୍ତ ପାଣି ପଞ୍ଚାୟତର ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ


**ବାରିପଦା,୭।୧(ସମିସ):** ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଚାଲାଣବେଳେ ଜ୍ୟୋତିପୁର ଅଞ୍ଚଳରୁ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏହା ସହିତ କୁଳିଅଣା ଥାନା ଅନ୍ତର୍ଗତ ଜିଆଣି ଗ୍ରାମର ସଦା ଦେହୁରୀ(୨୮) ଟ୍ରାକ୍ଟର ଚାଳକଙ୍କୁ ଗିରଫ କରାଯାଇଛି। ବାରିପଦା ସଦର ଥାନା ପୁଲିସ ପକ୍ଷରୁ ଚାଲାଣବେଳେ ଜ୍ୟୋତିପୁର ଛକ ଅଞ୍ଚଳରେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏନେଇ ଅଭିଯୋଗ କ୍ରମେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ■ ଡାକ୍ତରଙ୍କ ବିରୋଧରେ ଏସ୍ମାକୁ ଓମ୍‌ସାର ବିରୋଧ

# ପରିଦର୍ଶନରେ ଆସିଥିବା ସ୍ୱାସ୍ଥ୍ୟ ଟିମ୍‌କୁ ଡାକ୍ତରଙ୍କ ବିରୋଧ ପ୍ରଦର୍ଶନ

ରାଇରଙ୍ଗପୁର,୭।୧(ସମିସ):

୧୮ ଦଫା ଦାବି ପୂରଣ ନେଇ ଡାକ୍ତରମାନଙ୍କ ଆନ୍ଦୋଳନ ଜାରି ରହିଥିବାବେଳେ ଗତ ୫ ତାରିଖରୁ ଡାକ୍ତରଙ୍କ ଆନ୍ଦୋଳନ ଆହୁରି ତେଜିଛି। ପୂର୍ବରୁ ଘଣ୍ଟାଏ ଓପିଡି ସେବା ବନ୍ଦ କରି ଆନ୍ଦୋଳନ କରୁଥିବାବେଳେ ତାହା ଘଣ୍ଟାଏ ପରିବର୍ତ୍ତେ ୨ ଘଣ୍ଟାକୁ ବୃଦ୍ଧି ପାଇଛି। ତେବେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବା ନେଇ ଓଡ଼ିଶା ମେଡିକାଲ ସର୍ଭିସ ସଂଘ (ଓମ୍‌ସା) ପକ୍ଷରୁ ଚେତାବନୀ ଦିଆଯାଇଛି। ଯାହାକୁ ନେଇ ରାଜ୍ୟ ସରକାରୀ ଡାକ୍ତର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆସନ୍ତା ୬ମାସ ପର୍ଯ୍ୟନ୍ତ ଡାକ୍ତରମାନେ ଆନ୍ଦୋଳନ କିମ୍ବା ଧର୍ମଘଟ କରିପାରିବେ ନାହିଁ ବୋଲି ରାଜ୍ୟ ସରକାର ଏସ୍ମା ଲାଗୁ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ଓମ୍‌ସା ରାଇରଙ୍ଗପୁର ଶାଖା ପକ୍ଷରୁ ବିରୋଧ କରାଯାଇଛି।




ପୂର୍ବ ପରି ଆନ୍ଦୋଳନ ଜାରି ରଖିଛନ୍ତି। ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପରିଦର୍ଶନ ନିମନ୍ତେ ଆସିଥିବାବେଳେ ସ୍ୱାସ୍ଥ୍ୟ ଟିମ୍‌କୁ ଓମ୍‌ସା ପକ୍ଷରୁ ବିରୋଧ କରାଯାଇଛି। ଯାହାକୁ ନେଇ ଡାକ୍ତରମାନେ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗୋରୁମହିଷାଣୀ ଓ ରାଇରଙ୍ଗପୁର ହସ୍ପିଟାଲର କାର୍ଯ୍ୟକଳ୍ପ ମାନ ଯାଞ୍ଚ ପାଇଁ ବୁଧବାର ଭୁବନେଶ୍ୱରରୁ ପରିଦର୍ଶନ ପାଇଁ ଆସିଥିଲେ। ଉକ୍ତ ଟିମ୍‌ରେ ଡା. ଅରୁଣ କୁମାର ମହାପାତ୍ର ଯାଞ୍ଚ ପାଇଁ ଆସିଥିଲେ। ଯାହାକୁ ଡାକ୍ତରମାନେ ଅସହଯୋଗ କରି ବିରୋଧ କରିଛନ୍ତି। ସେ ଜଣେ ଡାକ୍ତର ହୋଇ ଡାକ୍ତରମାନଙ୍କ ଆନ୍ଦୋଳନକୁ ବିରୋଧ କରିଛନ୍ତି, ତାହା ଦୁଃଖଦାୟକ ଅଟେ। ତେଣୁ ବିରୋଧ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନ ଯୋଗୁଁ ରୋଗୀ ସେବା ପ୍ରଭାବିତ ହେଉଥିବାବେଳେ ତାହାର ସମାଧାନ ନ କରି ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ରାଇରଙ୍ଗପୁର ଶାଖା ପକ୍ଷରୁ ବିରୋଧ କରାଯାଇଛି। ଡାକ୍ତରମାନେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହୋଇ ଜାରି ରହିବ ବୋଲି ଓମ୍‌ସା ଶାଖା ସମ୍ପାଦକ ଡା. ଦେବେନ୍ଦ୍ର ନାଥ ଟୁଡୁ କହିଛନ୍ତି। ପ୍ରତିବାଦ କାର୍ଯ୍ୟକ୍ରମରେ ସଭାପତି ତଥା ଏସ୍‌ଡିଏମ୍‌ଓ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି, ଉପସଭାପତି ଡା. ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ଡା. ମାନସୀ କିସ୍କୁ, ଡା. ରିତା ଟୁଡୁ, ଡା. ଗୋବିନ୍ଦ ସୋରେନ୍ ଓ ଅନ୍ୟାନ୍ୟ ଡାକ୍ତର ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

THE SAKALA

# ବଢ଼ିପାରେ ଇପିଏଫ୍‌ଓ ପରିସର

ଗତ ୧୧ ବର୍ଷ ଧରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ର ପରିସର ଅପରିବର୍ତ୍ତିତ ରହିଛି। ୧୫ ହଜାର ଟଙ୍କାରୁ ଅଧିକ ମାସିକ ବେତନ ପାଉଥିବା କର୍ମଚାରୀଙ୍କୁ ଏହି ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ବାଧ୍ୟବାଧକତାରୁ ବଞ୍ଚିତ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କି ଇପିଏଫଓ ବେତନ ସୀମା ଶେଷ ଥର ପାଇଁ ୨୦୧୫ ସଂଶୋଧିତ ହୋଇଥିଲା। ସେତେବେଳେ ତାହା ସାଢ଼େ ୬ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଏଥିମଧ୍ୟରେ ସର୍ବନିମ୍ନ ମଜୁରୀ ସୀମା ଯଥେଷ୍ଟ ବୃଦ୍ଧି ପାଇବା ସହ ମୁଦ୍ରାସ୍ଫୀତି ହାର ମଧ୍ୟ ବଢ଼ିଛି। କେନ୍ଦ୍ର ସରକାର ଓ ଏକାଧିକ ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରୀ ସୀମା ୧୫ ହଜାର ଟଙ୍କା ଅତିକ୍ରମ କରିଥିବାରୁ ଲକ୍ଷ ଲକ୍ଷ କର୍ମଚାରୀ ଏହି ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ଅବଶ୍ୟ ଇପିଏଫଓ ପରିସର ବୃଦ୍ଧି ଘଟିଲେ ସରକାରଙ୍କୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସରକାର କ୍ରମାଗତ ଏଡ଼ାଇ ଆସିଛନ୍ତି। ଏଥିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ୪ ମାସ ମଧ୍ୟରେ ବେତନ ସୀମା ପରିସର ବୃଦ୍ଧି ସଂପର୍କରେ ନିଷ୍ପତ୍ତି ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରସ୍ତାବ ଆଗରୁ ମଧ୍ୟ ଆଲୋଚନା ପରିସରକୁ ଆସିଛି। ଇପିଏଫଓ ର ନିଜସ୍ୱ ଉପସମିତି କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା ବ୍ୟବସ୍ଥାର ପରିସର ବୃଦ୍ଧି ସକାଶେ ୨୦୨୨ରେ କରିଥିବା ସୁପାରିସ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ଅନୁମୋଦନ ଲାଭ କରିଥିଲା। ଏହାସତ୍ତ୍ୱେ କେନ୍ଦ୍ରସରକାର ବେତନ ସୀମା ବୃଦ୍ଧି ପ୍ରସ୍ତାବକୁ ଗତ ୪ ବର୍ଷ ଧରି ଏଡ଼ାଇ ଆସିଛନ୍ତି। ସେହିଭଳି ସର୍ବନିମ୍ନ ପେନସନ ବ୍ୟବସ୍ଥା ପ୍ରତି ପୂର୍ବରୁ ଉଚିତ ଧ୍ୟାନ ଦିଆଯାଇ ନଥିବାରୁ ଅବସର ନେଇସାରିଥିବା କର୍ମଚାରୀ ଆର୍ଥିକ ସୁବିଧା ପାଇବାରୁ ବଂଚିତ ହୋଇଛନ୍ତି। ଏହି ଦିଗପ୍ରତି ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବାରୁ ସର୍ବନିମ୍ନ ପେନସନ ଧାର୍ଯ୍ୟ କରାଯାଇପାରିନାହିଁ। ଏବେ ମଧ୍ୟ ଏହି ଦାବିକୁ ନେଇ ଆନ୍ଦୋଳନ ଓ ଧାରଣା ଜାରି ରହିଛି।

ଜଷ୍ଟିସ ମାହେଶ୍ୱରୀ ଓ ଜଷ୍ଟିସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିର୍ଦ୍ଦିଷ୍ଟ ଭାବେ ବେତନ ପରିସର ବୃଦ୍ଧିର ପରିସୀମା ନିର୍ଦ୍ଧାରଣ କରିନାହାନ୍ତି। କିନ୍ତୁ ସର୍ବୋଚ୍ଚ ନ୍ୟାୟଳୟଙ୍କ ହସ୍ତକ୍ଷେପ ପରେ ବେତନ ସୀମା ୨୦ ରୁ ୨୫ ହଜାର ଟଙ୍କାକୁ ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି। ଏକ୍ଷେତ୍ରରେ ଉଭୟ କମ୍ପାନୀ ଓ ସରକାରଙ୍କ ସ୍ୱାର୍ଥ ଜଡ଼ିତ ଥିବାରୁ ଏକ ବୁଝାମଣା ଭିତ୍ତିରେ ନିଷ୍ପତ୍ତି ନେବାକୁ ନିଶ୍ଚୟ ସମୟ ଲାଗିବ। ପରିବର୍ତ୍ତିତ ପରିସ୍ଥିତିରେ କମ୍ପାନୀଗୁଡ଼ିକର ସ୍ୱାର୍ଥରକ୍ଷା ପାଇଁ ସରକାର ଟ୍ରେଡ ୟୁନିୟନ ବ୍ୟବସ୍ଥାରେ ଯେଭଳି ସଂଶୋଧନ ଆଣିଛନ୍ତି ସେଥିରେ ଏହି ପରିସୀମା ବୃଦ୍ଧି ନିଷ୍ପତ୍ତିରେ କର୍ମଚାରୀ ସଂଘମାନଙ୍କର ସ୍ୱରର ଗୁରୁତ୍ୱ ରହିବ ବୋଲି ଆଶା କରିବା ବୃଥା। ଦୁଇସପ୍ତାହ ମଧ୍ୟରେ ଏସଂକ୍ରାନ୍ତ ସମସ୍ତ କାଗଜପତ୍ର ଓ କୋର୍ଟ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଯେ ଏକ୍ଷେତ୍ରରେ ଅଧିକ ସମୟ ଦେବାକୁ ଖଣ୍ଡପୀଠ ଚାହୁଁନାହାନ୍ତି। ତେଣୁ ଆଶା କରିବା ନିର୍ଦ୍ଧାରିତ ୪ ମାସ ମଧ୍ୟରେ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ କିଛି ଅତିରିକ୍ତ କର୍ମଚାରୀ ଇପିଏଫଓ ପରିସର ଭୁକ୍ତ ହେବେ। ●

# ଦୂଷିତ ଜଳ କାଳ

ଦେଶର ସବୁଠାରୁ ସ୍ୱଚ୍ଛ ସହରର ମାନ୍ୟତା ପାଇଥିବା ଇନ୍ଦୋରରେ ଦୂଷିତ ପାନୀୟ ଜଳକୁ ନେଇ ସଂକ୍ରମିତ ଝାଡ଼ାବାନ୍ତି ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଆମ ରାଜ୍ୟରେ ଉପୁଜିଥିବା ଦୁଇଟି ଘଟଣା ସଂପର୍କରେ ଆମେ ଏଠାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଅବସ୍ଥିତ ଗୁରୁଜଙ୍ଗ ଜବାହାର ନବୋଦୟ ବିଦ୍ୟାଳୟର ୭୦ ପିଲା କାମଳ ରୋଗରେ ପୀଡ଼ିତ। ଅନ୍ୟ ଘଟଣାଟି ହେଲା, ଢେଙ୍କାନାଳ ଜିଲ୍ଲାର ଓଡ଼ପଡ଼ା ବ୍ଲକ୍‌ରେ ଗୋଟିଏ ଦିନରେ ୫ ଜଣ କିଡ୍‌ନି ରୋଗରେ ପ୍ରାଣ ହରାଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତରେ ଶତାଧିକ କିଡ୍‌ନି ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଫ୍ଲୋରାଇଡ ମୁକ୍ତ ପାନୀୟ ଜଳ ଯୋଗାଇଦେବାକୁ ହେଉଥିବା ଦାବି ପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ରୋଗ ବ୍ୟାପିବାରେ ଲାଗିଛି। ଏହି ଅଞ୍ଚଳରେ କଳାମୁଗୁନି ପଥର ଖଣି ଥିବାରୁ ରାସାୟନିକ ପଦାର୍ଥ ଯୁକ୍ତ ବିସ୍ଫୋରଣ ଘଟାଇ ଖଣିକାର୍ଯ୍ୟ ଚାଲିଛି। ସେହି ରାସାୟନିକ ପଦାର୍ଥ ଭୂତଳ ଜଳରେ ମିଶୁଥିବାରୁ ତାହା ଆଦୌ ପାନୀୟ ଉପଯୋଗୀ ନୁହେଁ। ଏମିତିରେ ବ୍ରାହ୍ମଣୀ ନଦୀ ଜଳ ସବୁଠାରୁ ଅଧିକ ପ୍ରଦୂଷିତ ହୋଇଥିବା ବେଳେ ଅଞ୍ଚଳବାସୀ ନଦୀ ଶଯ୍ୟାରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଉପରୋକ୍ତ ଘଟଣାରୁ ସେଠାରେ ପାନୀୟ ଜଳ ସମସ୍ୟା କେତେ ସାଂଘାତିକ ତାହା ସହଜରେ ଅନୁମାନ କରାଯାଇପାରେ।

ଗୁରୁଜଙ୍ଗ ନବୋଦୟ ବିଦ୍ୟାଳୟର ପରିସ୍ଥିତି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସରକାରଙ୍କ ପକ୍ଷରୁ ଯେଉଁ ସ୍ପଷ୍ଟୀକରଣ ଦିଆଯାଇଛି ସେଥିରୁ ମନେ ହୁଏ ଦୂଷିତ ପାନୀୟ ଜଳ ପାଇଁ କୌଣସି ପକ୍ଷ ଦାୟୀ ନୁହନ୍ତି। ପ୍ରଧାନ ଶିକ୍ଷକଙ୍କ କହିବା କଥାହେଲା, ବିଦ୍ୟାଳୟରେ ଥିବା ପାଣିଟାଙ୍କିକୁ ବର୍ଷରେ ଦୁଇଥର ବିଶୋଧନ କରାଯାଉଛି। କର୍ତ୍ତୃପକ୍ଷ କହିଛନ୍ତି ୱାଟ୍‌କୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ନିୟମିତ ଯାଞ୍ଚ କରାଯାଉଛି। ତେଣୁ ସେମାନଙ୍କ ପକ୍ଷରୁ ଯୋଗାଇଦିଆଯାଉଥିବା ଜଳ ଆଦୌ ଦୂଷିତ ନୁହେଁ। ଏକଥା ସତ ଯେ ୱାଟକୋ କେବଳ ନବୋଦୟ ବିଦ୍ୟାଳୟକୁ ନୁହେଁ ତତ୍‌ସଂଲଗ୍ନ ଅନ୍ୟ ଅଞ୍ଚଳକୁ ମଧ୍ୟ ପାନୀୟ ଜଳ ଯୋଗାଉଛି। ଯଦି ସେଠାରେ ରୋଗ ବ୍ୟାପୁଥିବା କୌଣସି ଅଭିଯୋଗ ନାହିଁ ତେବେ ବିଦ୍ୟାଳୟରେ ଘଟିଥିବା ଘଟଣା ପାଇଁ ସେମାନେ କାହିଁକି ଦାୟୀ ହେବେ? ତେବେ ଏକ୍ଷେତ୍ରରେ ବିଦ୍ୟାଳୟରେ ଥିବା ପାଣି ଟାଙ୍କି ନିୟମିତ ପରିଷ୍କାର କରାଯାଉ ନ ଥିବାରୁ ତାହା ରୋଗ ସଂକ୍ରମଣର କାରଣ ହୋଇପାରେ।

ପରସ୍ପରକୁ ଦୋଷାରୋପ କରୁଥିବା ଘଟଣା ମଧ୍ୟରେ ଏବେ ଅଭିଭାବକଙ୍କ ଉପରକୁ ଆଙ୍ଗୁଳି ଦେଖାଯାଇଛି। ରବିବାର ପିଲାଙ୍କୁ ଭେଟିବାକୁ ଆସୁଥିବା ଅଭିଭାବକମାନେ ବିଦ୍ୟାଳୟ ବାହାରେ ଭେଣ୍ଡରଙ୍କଠାରୁ ସଂଗୃହୀତ ଖାଦ୍ୟ ଦେଉଥିବାରୁ ରୋଗ ସଂକ୍ରମଣର ଏହା ମଧ୍ୟ ଏକ କାରଣ ହୋଇପାରେ ବୋଲି ଦର୍ଶାଇଛି। ପାନୀୟଜଳରୁ ମୁଖ୍ୟତଃ କାମଳରୋଗ ସଂକ୍ରମିତ ହୋଇଥାଏ। ଏବେ ଅସୁସ୍ଥ ପିଲାଙ୍କଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ ପରୀକ୍ଷା ନିରୀକ୍ଷା ପରିସରକୁ ଆସିଯାଇଛି। ପରସ୍ପରକୁ ଦୋଷାରୋପ କରିବା ଅପେକ୍ଷା ସ୍ୱଚ୍ଛ ପାନୀୟ ଜଳ ଯୋଗାଣକୁ କର୍ତ୍ତୃପକ୍ଷ ସର୍ବାଧିକ ପ୍ରାଥମିକତା ଦେବା ଉଚିତ। ●

# ସମ୍ପାଦକୀୟ



ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।

-ଗୌତମ ବୁଦ୍ଧ

# ପରିବେଶ ସଂରକ୍ଷଣରେ ନ୍ୟାୟପାଳିକାର ଭୂମିକା

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସାମ୍ପ୍ରତିକ ପରିସ୍ଥିତିରେ ପରିବେଶଜନିତ ସଙ୍କଟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସମସ୍ୟା ହୋଇ ଉଭା ହେଲାଣି। ଆମ ଦେଶରେ ପ୍ରଚଳିତ ଆଇନ କାନୁନ କଡ଼ାକଡ଼ି ପାଳନ କ୍ଷେତ୍ରରେ ଶିଥିଳତା ଏବଂ ଅମଲାତାନ୍ତ୍ରିକ ଉଦାସୀନତା ହେତୁ ପ୍ରାୟତଃ ପରିବେଶଗତ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ପାରଦର୍ଶିତା ପରିଲକ୍ଷିତ ହେଉ ନାହିଁ। ଏହି ପରିପ୍ରେକ୍ଷୀରେ ନ୍ୟାୟପାଳିକା ଏକ ଜାଗ୍ରତ ପ୍ରହରୀ ଭାବରେ ପରିବେଶ ସୁରକ୍ଷାକୁ ମୌଳିକ ଅଧିକାରରେ ସଂଯୋଜିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ନ୍ୟାୟପାଳିକା ସ୍ପଷ୍ଟ କରେ ଯେ ଅର୍ଥନୈତିକ ବିକାଶ ନାମରେ ପରିବେଶ ସୁରକ୍ଷାକୁ ବଳି ଦିଆଯାଇ ପାରିବ ନାହିଁ। ସୁପ୍ରିମକୋର୍ଟ, ହାଇକୋର୍ଟ, ଜାତୀୟ ସବୁଜ ଟ୍ରିବ୍ୟୁନାଲ ମାଧ୍ୟମରେ ନ୍ୟାୟପାଳିକାର ରାୟ ଜଙ୍ଗଲ, ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନଗୁଡ଼ିକର ସୁରକ୍ଷା ଏବଂ ଦେଶରେ ବେଆଇନ ପଥର ଖଣି ଖନନ ଓ ଉତ୍ତୋଳନ ବନ୍ଦ କରିବାରେ ସହାୟକ ହୋଇଛି। ସଦ୍ୟତମ ଉଦାହରଣ ରୂପେ ଆରାବଳୀ ପ୍ରସଙ୍ଗକୁ ନିଆଯାଇପାରେ।

ଆରାବଳୀ ଉତ୍ତର-ପଶ୍ଚିମ ଭାରତର ଏକ ପର୍ବତମାଳା, ଯାହା ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିମି ରୁ ୮୦୦ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା ଦିଲ୍ଲୀ ନିକଟରୁ ଆରମ୍ଭ ହୋଇ ଦକ୍ଷିଣ-ହରିୟାଣା ଓ ରାଜସ୍ଥାନ ଦେଇ ଗୁଜୁରାଟର ଅହମ୍ମଦାବାଦରେ ଶେଷ ହେଉଛି। ଆରାବଳୀ ସାରିସ୍କା ବ୍ୟାଘ୍ର ଅଭୟାରଣ୍ୟ, ରଣଥମ୍ବୋର ଅଭୟାରଣ୍ୟ, ରାଜସ୍ଥାନର କୁମ୍ଭଲଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଦିଲ୍ଲୀ-ହରିଆଣା ସୀମାରେ ଥିବା ଅସୋଲା ଭାଟି ବନ୍ୟପ୍ରାଣୀ ଅଭୟାରଣ୍ୟର ବନ୍ୟପ୍ରାଣୀ କରିଡର ଭାବରେ କାର୍ଯ୍ୟ କରେ। ଏହା ସାମୂହିକ ଭାବେ ଲୁଣି, ସାବରମତୀ, ବନାସ ଓ ସାହିବି ପରି ନଦୀର ଜଳବିଭାଜକ ଅଟେ। ପୁଣି ଉତ୍ତର ଭାରତର ସବୁଜ ଫୁସଫୁସ ଭାବରେ କାର୍ଯ୍ୟ କରେ, ବାୟୁମଣ୍ଡଳର ଉତ୍ତାପକୁ ନିୟନ୍ତ୍ରଣ କରେ, ଧୂଳିକୁ ଧରି ରଖେ, ଦିଲ୍ଲୀ-ଏନସିଆର ବା ଜାତୀୟ ରାଜଧାନୀ କ୍ଷେତ୍ରରେ ବାୟୁ ପ୍ରଦୂଷଣ ହ୍ରାସ କରେ ଏବଂ ଥର ମରୁଭୂମିର ପୂର୍ବ ଦିଗକୁ ପ୍ରସାରଣରେ ବାଧା ଦିଏ। ଏହି ପର୍ବତମାଳା ତମ୍ବା, ଦସ୍ତା, ସୀସା, ରୁପା ଓ ଉଚ୍ଚମାନର ମାର୍ବଲ (ତାଜମହଲରେ ବ୍ୟବହୃତ ମକରାଣା ମାର୍ବଲ ପରି) ଖଣିଜ ସମ୍ପଦରେ ଅତ୍ୟନ୍ତ ସମୃଦ୍ଧ। ତେଣୁ ଏହା ଖଣି ମାଲିକ, ନିର୍ମାଣକାରୀ ସଂସ୍ଥା ଓ କର୍ପୋରେଟ୍ ସ୍ୱାର୍ଥକୁ ଆକର୍ଷିତ କରେ।

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚ-କ୍ଷମତାସମ୍ପନ୍ନ କମିଟି 'ଆରାବଳୀ ପାହାଡ଼' ପାଇଁ ଏକ ନୂତନ ପରିଭାଷା ବା ସଂଜ୍ଞା ସୁପାରିସ କରିଛି। ନୂତନ ପରିଭାଷା ଅନୁଯାୟୀ, ଏକ ଭୂମିରୂପକୁ କେବଳ ଆଇନଗତ ଭାବରେ ଆରାବଳୀ ପାହାଡ଼ ଭାବରେ ବର୍ଗୀକୃତ କରାଯାଏ ଯଦି ଏହା ସ୍ଥାନୀୟ ଭୂମିସ୍ତରଠାରୁ ଅତିକମରେ ୧୦୦ ମିଟର ଉଚ୍ଚ ହୁଏ। ଏହାବ୍ୟତୀତ, ଆରାବଳୀ ପର୍ବତମାଳାରେ ପରସ୍ପରଠାରୁ ୫୦୦ ମିଟର ମଧ୍ୟରେ ଅବସ୍ଥିତ ପାହାଡ଼ଗୁଡ଼ିକୁ ଏକ କ୍ଲଷ୍ଟର ବା ପାହାଡ଼ପୁଞ୍ଜ ଭାବରେ ବ୍ୟାଖ୍ୟା କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ୨୦ ନଭେମ୍ବର ୨୦୨୫ ରେ ଏହି ସୁପାରିସଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ତଦନୁସାରେ ଏହି ଅଞ୍ଚଳ ମଧ୍ୟରେ ନୂତନ ଖଣି ଲିଜ୍ ପ୍ରଦାନକୁ ନିଷିଦ୍ଧ କରିଥିଲେ।

ଏହି ନୂତନ ପରିଭାଷାକୁ ଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ବିରୋଧ କରାଗଲା। କାରଣ ଏହା ସମ୍ଭାବ୍ୟ ଭାବରେ ଖଣି ଓ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ବିକାଶ ପାଇଁ ବିସ୍ତୃତ ସୁଯୋଗ ସୃଷ୍ଟି କରିବ। ଯାହା ପୂର୍ବରୁ ବ୍ୟାପକ 'ଜଙ୍ଗଲ' କିମ୍ବା 'ପାହାଡ଼' ବର୍ଗୀକରଣ ଅଧୀନରେ ସୁରକ୍ଷିତ ଥିଲା ତାହା ନୂତନ ପରିଭାଷା ଅନୁସାରେ ସୁରକ୍ଷା ବଳୟ ବାହାରେ ସମ୍ପୂର୍ଣ୍ଣ ମୁକ୍ତ ରହିବ। କୋଟି କୋଟି ବର୍ଷ ଧରି ରହିଥିବା ଏକ ପ୍ରାକୃତିକ ପରିସଂସ୍ଥାକୁ କିପରି ପୁନଃପରିଭାଷିତ କରାଯାଇପାରିବ ତାହା ହେଉଛି ଏକ ମୁଖ୍ୟ ପ୍ରସଙ୍ଗ।

ଏକ ସାଧାରଣ ପାହାଡ଼ (୧୦-୩୦ ମିଟର) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାତ୍ୟା ପ୍ରତିରୋଧକ ଭାବରେ କାର୍ଯ୍ୟ କରେ। ତେଣୁ ବିରୋଧର ସ୍ୱରର ଗୁରୁତ୍ୱକୁ ଉପଲବ୍ଧି କରି ସର୍ବୋଚ୍ଚ ନ୍ୟାୟାଳୟ ଡିସେମ୍ବର ୨୯, ୨୦୨୫ରେ ଏକ ଶୁଣାଣିରେ ନଭେମ୍ବର ୨୦ ର ନିଜସ୍ୱ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି ଏବଂ ୨୧ ଜାନୁଆରୀ ୨୦୨୬ରେ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ନାହିଁ ବୋଲି ରାୟ ଦେଇଛନ୍ତି। ନିଜ ନିଷ୍ପତ୍ତିକୁ ସ୍ଥଗିତ ରଖିବା ନିଶ୍ଚିତ ଭାବରେ ଏକ ବିରଳ ଉଦାହରଣ, ଯାହା ଫଳରେ ଲୋକମତକୁ ସମ୍ମାନ ଦିଆଗଲା ବୋଲି କୁହାଯାଇପାରିବ। ଶୀର୍ଷ ନ୍ୟାୟାଳୟ ଏହି ପ୍ରସଙ୍ଗର ଏକ ସମ୍ପୂର୍ଣ୍ଣ ପରୀକ୍ଷା କରିବା ପାଇଁ ଡୋମେନ୍ ବା ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବରୁ କମିଟିରେ ଅମଲାମାନେ ଅଧିକ ପ୍ରତିନିଧିତ୍ୱ କରୁଥିଲେ।

ଆମ ଜାତୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏକ ଅତ୍ୟନ୍ତ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା। ୧୯୮୦ ଦଶକର ମଧ୍ୟଭାଗରେ ନ୍ୟାୟିକ ହସ୍ତକ୍ଷେପ ଆରମ୍ଭ ହୋଇଥିଲା, ଯେତେବେଳେ ପରିବେଶବିତ୍-ଆଇନଜୀବୀ ଏମ୍.ସି. ମେହେଟ୍ଟା ଦିଲ୍ଲୀର ବିପଦପୂର୍ଣ୍ଣ ବାୟୁକୁ ବିରୋଧ କରି ଏକାଧିକ ଆବେଦନ ଦାଖଲ କରିଥିଲେ। ୧୯୮୫ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଥମେ ଯାନବାହନ ନିର୍ଗମନ, ଶିଳ୍ପ ଧୂଆଁ ଓ ଅନିୟନ୍ତ୍ରିତ ଇନ୍ଧନ ପୋଷଣର ବିଷାକ୍ତ ମିଶ୍ରଣର କୁପ୍ରଭାବ ଉପରେ ଧ୍ୟାନ ଦେଇଥିଲେ। ନ୍ୟାୟପାଳିକା ଏହି ପରିସ୍ଥିତି ପ୍ରତି ସଚେତନ ରହିଆସିଛି ଏବଂ ଦିଲ୍ଲୀ ରାଜଧାନୀ ନଗର ଏବଂ ସଂଲଗ୍ନ ଅଞ୍ଚଳର ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସମୟ ସମୟରେ ନିର୍ଦ୍ଦେଶ ଦେଇଆସୁଛି। ସେଭଳି ମୁମ୍ବାଇ ନଗର ଉପରେ ପର୍ଯ୍ୟବସିତ ଅନ୍ୟ ଏକ ମାମଲାରେ ଅଦାଲତ ଦ୍ୱାରା ନିଯୁକ୍ତ ଏକ ପ୍ୟାନେଲ ୩୬ଟି ସ୍ଥାନର ସର୍ବେକ୍ଷଣ କରିଥିଲେ। ଉକ୍ତ ସର୍ବେକ୍ଷଣର ରିପୋର୍ଟ ଅନୁଯାୟୀ ବାୟୁ ପ୍ରଦୂଷଣ ରୋକିବା ପାଇଁ ନାଗରିକ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାର ଅଭାବ ରହିଥିଲା ଏବଂ ଅନୁପାଳନ 'ପ୍ରହସନଶୀଳ' ଥିଲା। ତେଣୁ ବମ୍ବେ ହାଇକୋର୍ଟ 'ବ୍ରିହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ'ର ମୁଖ୍ୟ ଏବଂ ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବଙ୍କୁ 'ସମ୍ପର୍କିତ ଅଧିକାରୀଙ୍କ ନିଷ୍କ୍ରିୟତା ବ୍ୟାଖ୍ୟା କରିବାକୁ' ସମନ କରିଥିଲେ।

ଓଡ଼ିଶାରେ ୧୧୦୦ ବର୍ଗ କିଲୋମିଟରରୁ ଅଧିକ ପରିବ୍ୟାପ୍ତ ଚିଲିକା ହ୍ରଦ ହେଉଛି ଏସୀୟ ଉପମହାଦେଶର ସର୍ବବୃହତ ଲୁଣାପାଣି ହ୍ରଦ। ଲକ୍ଷ ଲକ୍ଷ ପ୍ରବାସୀ ଏବଂ ନିବାସୀ ପକ୍ଷୀଙ୍କ ପାଇଁ ଏକ ଶୀତକାଳୀନ ଆଶ୍ରୟସ୍ଥଳ ଏବଂ ଏକ ଜୈବ ବିବିଧତା ସ୍ଥାନ ବ୍ୟତୀତ ଏହି ହ୍ରଦ ଦୁଇ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ, ଅଣ-ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରଙ୍କ ଜୀବିକା ନିର୍ବାହକୁ ସମର୍ଥନ କରେ। ୧୯୯୧ ମସିହାରେ ଓଡ଼ିଶା ସରକାର ସମନ୍ୱିତ ଚିଙ୍ଗୁଡ଼ି ଫାର୍ମ ପ୍ରକଳ୍ପ ପାଇଁ ଟାଟା ଆଇରନ ଆଣ୍ଡ ଷ୍ଟିଲ୍ କମ୍ପାନୀ ସହିତ ଏକ ଲିଜ୍ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଚିଲିକା ହ୍ରଦର ୩୨, ୦୦୦ ହେକ୍ଟର ଜମିକୁ ବାଣିଜ୍ୟିକ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ ସଘନ ଜଳକୃଷି ଫାର୍ମରେ ପରିଣତ କରିବାର ଯୋଜନା କରାଯାଇଥିଲା। ଏହି ପ୍ରକଳ୍ପ ଚିଲିକା ପରିସଂସ୍ଥା ଉପରେ ବିନାଶକାରୀ ପ୍ରଭାବ ପକାଇବ ଏବଂ ସ୍ଥାନୀୟ ଲୋକଙ୍କ ଜୀବିକା ସୁରକ୍ଷାକୁ ବାଧା ଦେବ ବୋଲି ଆଶଙ୍କା କରାଯାଇଥିଲା ଏବଂ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକ ତୀବ୍ର ପ୍ରତିରୋଧ କରିଥିଲେ। 'ଚିଲିକା ବଞ୍ଚାଓ ଆନ୍ଦୋଳନ' ନାମରେ ଏକ ତୀବ୍ର ଆନ୍ଦୋଳନ ପରେ ପ୍ରକଳ୍ପ ବନ୍ଦ ହୋଇଯାଇଥିଲା। ଭାରତୀୟ ନ୍ୟାୟପାଳିକା ଚିଲିକା ହ୍ରଦକୁ ଅବୈଧ ବାଣିଜ୍ୟିକ ଜଳଚାଳନାରୁ ରକ୍ଷା କରିବା ପାଇଁ ନିରନ୍ତର ହସ୍ତକ୍ଷେପ କରିଆସୁଛି ଏବଂ ଏହାର ସମନ୍ୱିତ ପରିଚାଳନା, ପାରମ୍ପରିକ ମାଛ ଧରିବା ଅଧିକାରର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଛି।

ସେହିପରି ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରେ ବକ୍ସାଇଟ୍ ଖଣିଜ ସମ୍ପଦର ପ୍ରଚୁରତା ବାରମ୍ବାର ଖଣି ମାଲିକଙ୍କୁ ଆକର୍ଷିତ କରୁଛି। ସ୍ଥାନୀୟ ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟମାନେ ବଲାଙ୍ଗୀରରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଏବଂ କଳାହାଣ୍ଡି ଜିଲ୍ଲାରେ 'ନିୟମଗିରି ସୁରକ୍ଷା ସମିତି' ଗଠନ କରି ବକ୍ସାଇଟ୍ ଖଣି ଉତ୍ତୋଳନକୁ ତୀବ୍ର ବିରୋଧ କରି ଏହି ଐତିହାସିକ ପାହାଡ଼ଗୁଡ଼ିକୁ ରକ୍ଷା କରିଥିଲେ। ନ୍ୟାୟିକ ହସ୍ତକ୍ଷେପ ଏହି ପାହାଡ଼ଗୁଡ଼ିକରେ ଖଣି ଖନନ ବନ୍ଦ କରିବାରେ ଦୃଢ଼ ଭାବରେ ସହାୟକ ହେଲା। ଏହି ପାହାଡ଼ଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟର ସମୃଦ୍ଧ ପ୍ରାକୃତିକ ଜୈବ ବିବିଧତା ଏବଂ ଜୀବିକା ସହିତ ଓତଃପ୍ରୋତ ଭାବରେ ଜଡ଼ିତ। ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍‌ଆର) ସ୍ୱାଭାବିକ ଭାବରେ ପରିବେଶଗତ ଦାୟିତ୍ୱ ଅନ୍ତର୍ଭୁକ୍ତ କରିବ ଏବଂ ଏହା ଏକ ସାମ୍ବିଧାନିକ ଦାୟିତ୍ୱ, ଦାନ ନୁହେଁ। ଶିଳ୍ପସଂସ୍ଥାଗୁଡ଼ିକର ସମ୍ପ୍ରଦାୟ ଓ ପରିବେଶର ସର୍ବୋତ୍ତମ ସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ କମ୍ପାନୀ ଆଇନର ଧାରା ୧୬୬(୨) ଅନୁଯାୟୀ ଏକ ବିଶ୍ୱସ୍ତ କର୍ତ୍ତବ୍ୟ ରହିଛି। ସିଏସଆର ଆଇନରେ 'ସମ୍ପ୍ରଦାୟ' ଶବ୍ଦଟି କେବଳ ମଣିଷ ନୁହେଁ, ସ୍ଥାନୀୟ ଉଦ୍ଭିଦ, ପ୍ରାଣୀ ଓ ପରିବେଶଗତ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରେ। ଧାରା ୫୧ ଏ(ଗ) ପ୍ରାକୃତିକ ପରିବେଶକୁ ସୁରକ୍ଷା ଏବଂ ଉନ୍ନତି କରିବା ନିଶ୍ଚିତ କରେ। ଉଚ୍ଚମୂଲ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜାତୀୟ କାମ୍ପା ପାଣ୍ଠି ଏବଂ ସିଏସଆରକୁ ଏକୀକୃତ କରିବାକୁ ଅଦାଲତ ପରାମର୍ଶ ଦେଇଥିଲେ। ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ଅନୁସାରେ ପରିବେଶ ସୁରକ୍ଷା କ୍ଷେତ୍ରରେ ନ୍ୟାୟପାଳିକାର ନିର୍ଣ୍ଣାୟକ ଭୂମିକା, ଭାରତର ପ୍ରାକୃତିକ ବିଭବ ଓ ପରିବେଶର ତ୍ରାଣକର୍ତ୍ତା ଭାବରେ ଏହାର ବିଜୟଯାତ୍ରା କୁହାଯାଇପାରେ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ଓଡ଼ିଆ ଭାଷାର ସ୍ଥିତି ଓ ଭବିଷ୍ୟତ

ରାନୀ ନାୟକ

ଆମ ଓଡ଼ିଆ ଭାଷା ଏକ ସମୃଦ୍ଧ ଭାଷା। ପୁଣି ଏହା ଶାସ୍ତ୍ରୀୟ ଭାଷାର ମୁକୁଟ ପରିଧାନ କରିଛି। ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ପରିଚୟ ବିନା ଗୋଟିଏ ଜାତି କେବେ ତିଷ୍ଠି ରହିପାରିବ ନାହିଁ। ସେ ପରିଚୟ ହେଉଛି ତା'ର ଅସ୍ମିତା। ଏ ଦୃଷ୍ଟିରୁ ଓଡ଼ିଆ ଏକ ଜୀବନ୍ତ ଓ ଶାସ୍ତ୍ରୀୟ ଭାଷା। କିନ୍ତୁ ଏଥିପ୍ରତି ଲୋକଙ୍କର ଯେତିକି ଆନ୍ତରିକତା ରହିବା କଥା ସେତିକି ନାହିଁ କହିଲେ ଚଳେ। ଏବେ ସମସ୍ତଙ୍କ ଚିନ୍ତାଧାରାରେ ରହିଛି ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ପିଲାମାନେ ମୂର୍ଖ ହୋଇଯିବେ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ଜୀବନରେ ଉନ୍ନତି କରିବେ।

ଆମେ ସମସ୍ତେ ସଚେତନ ଯେ ଇଂରାଜୀ ପରି ଏକ ବିଦେଶୀ ଭାଷା ଆଜି ଆମ ଦେଶର ସବୁଠୁ ଦୃଢ଼ ଶକ୍ତିଶାଳୀ ଭାଷା ଭାବେ ଉଭା ହୋଇଛି। କିନ୍ତୁ ଏହା ଆପେ ଆପେ ହୋଇଯାଇନାହିଁ। ଓଡ଼ିଆକୁ ଛାଡ଼ି ଇଂରାଜୀ ଭାଷାକୁ ଶକ୍ତିଶାଳୀ କରିବା ପଛରେ ଆମର ମୁଖ୍ୟ ଭୂମିକା ରହିଛି। ଶିଶୁଟିଏ ଜନ୍ମ ହେବା ପରଠାରୁ ଯେବେ କଥା କହିବା ଆରମ୍ଭ କରେ ତାକୁ 'ମାଆ' ବଦଳରେ 'ମମ୍' ଡାକ ଶିଖାଇଥାଉ। ଓଡ଼ିଆ ବର୍ଣ୍ଣମାଳା ଶିଖାଇବା ପରିବର୍ତ୍ତେ ଇଂରାଜୀ ଶବ୍ଦ ଶିଖାଉ। ଅନ୍ୟ ଭାଷା ଶିଖିବା ଭଲ କଥା। କିନ୍ତୁ ନିଜ ଭାଷାଠାରୁ ମୁହଁ ଫେରାଇ ନେବା ମଧ୍ୟ ଉଚିତ୍ ନୁହେଁ। କଲେଜ୍ ପଢ଼ୁଆ ପୁଅଝିଅମାନେ କଥା ହେବା ସମୟରେ ଓଡ଼ିଆ କହୁଥିବେ, କିନ୍ତୁ ସେଥିରେ ପଚାଶ ପ୍ରତିଶତ ଇଂରାଜୀ ଥିବ। ତାଙ୍କୁ ପଚାରିଲେ କୁହନ୍ତି ଅନେକ ଶବ୍ଦର ଓଡ଼ିଆ ଆମେ ଜାଣିନୁ। ଏହା ତ ସତ କଥା। ସେମାନେ ଜାଣିବେ ମଧ୍ୟ କେମିତି? ଆମେ ଛୋଟବେଳୁ ଓଡ଼ିଆ ଅଭିଧାନର ପ୍ରୟୋଗ କରୁନାହାନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷକଙ୍କ ମରୁଡ଼ି। ପିଲାଟି ଶିଖିବ କେଉଁଠାରୁ? ତେଣୁ ସମୟକ୍ରମେ ଓଡ଼ିଆ ପଣ ବଢ଼ିବା ବଦଳରେ ଦିନକୁ ଦିନ ଢଳି ପଡ଼ିଲା।

ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା କହିଥିଲେ, 'ତୁମେ ଯଦି ଜଣେ ଲୋକ ସହ ସେ ବୁଝୁଥିବା କୌଣସି ଭାଷାରେ କଥା ହେବ, ତେବେ ତାହା ତା' ମସ୍ତିଷ୍କରେ ପହଞ୍ଚିବ। କିନ୍ତୁ ଯଦି ତା' ମାତୃଭାଷାରେ କଥା ହୁଅ ତେବେ ତାହା ହୃଦୟରେ ପହଞ୍ଚିବ।' ଲୋକମାନଙ୍କର ଧାରଣା ଯେ ଓଡ଼ିଆ ନ କହିଲେ ଭାଷା କ'ଣ ମରିଯାଉଛି କି? କିନ୍ତୁ ଯେଉଁମାନେ ଭାବନ୍ତି ଯେ ଭାଷା ମରେ ନାହିଁ, ସେମାନେ ଭୁଲ୍। ହାରାହାରି ପ୍ରତିବର୍ଷ ପୃଥିବୀର ଗୋଟିଏ ଗୋଟିଏ ଭାଷା ମରି ଯାଉଛି। ପୃଥିବୀରେ ପାଞ୍ଚ ହଜାରରୁ ଅଧିକ ଭାଷା ଅଛି। ଭାରତରେ ପ୍ରଚଳିତ ଭାଷାର ସଂଖ୍ୟା ପ୍ରାୟ ୧୫୦୦। ଏଥିରୁ ୨୪ଟି କୁ ସଂସ୍କୃତି ମନ୍ତ୍ରାଳୟର ମାନ୍ୟତା ମିଳିଛି। ଭାରତ ସରକାରଙ୍କ ସାହିତ୍ୟ ଏକାଡେମୀ ଏହି ଭାଷାର ଲୋକଙ୍କୁ ପ୍ରତିବର୍ଷ ପୁରସ୍କାର ଦେଇଥାଏ। ମାତ୍ର ଏଗୁଡ଼ିକ ଛଡ଼ା ଆହୁରି ଅନେକ ଭାଷା ଅଛି। ତା' ମଧ୍ୟରୁ ପ୍ରତିବର୍ଷ କିଛି କିଛି ଭାଷା ନିରୁଦ୍ଦିଷ୍ଟ ହୋଇ ଯାଉଛନ୍ତି! ଗତ କିଛିବର୍ଷ ଭିତରେ ୫୦ଟି ଆଫ୍ରିକୀୟ ଭାଷା ମରିଗଲାଣି। ତା'ମଧ୍ୟରୁ ୩ଟି ଭାଷା କେନିଆର। ଭାରତରେ ମଧ୍ୟ ସେଇଭଳି ସ୍ଥିତି ଦିନକୁ ଦିନ ଉପୁଜିବାକୁ ଲାଗିଲାଣି।

ଓଡ଼ିଆ ପଣକୁ ବାନ୍ଧି ରଖିବାକୁ ହେଲେ ଦେଶବିଦେଶରେ ନିଜର ସଂସ୍କୃତି ଓ କଳାକୀର୍ତ୍ତିକୁ ବ୍ୟକ୍ତିଗତ ସ୍ତରରେ ପ୍ରଚାର ପ୍ରସାର କରିବାକୁ ହେବ। କେବଳ ଯେ ସରକାର ଦୃଷ୍ଟି ଦେବେ ତାହା ନୁହେଁ, କାରଣ ମାତୃଭାଷା କିପରି ସୁରକ୍ଷିତ ରହିବ ଏହା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ଭାରତ ସରକାର ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଏହା ସତ୍ତ୍ୱେ ଏହା କ'ଣ ସାଧାରଣ ଜୀବନରେ ବ୍ୟବହାର୍ଯ୍ୟ ଭାଷା ହୋଇରହିଛି କି? ତେଣୁ ଓଡ଼ିଆ ଭାଷାର ବିକାଶ ସେତିକିବେଳେ ସମ୍ପୂର୍ଣ୍ଣ ହେବ ଯେତେବେଳେ ଜଣେ ଓଡ଼ିଆ ଭାଷାଭାଷୀ ଉପଲବ୍ଧି କରିବ ଯେ ଏହି ଭାଷା ମାଧ୍ୟମରେ ସେ ଦେଶ ଓ ବିଶ୍ୱରେ ଉପଲବ୍ଧ ସମସ୍ତ ଜ୍ଞାନ ହାସଲ କରିପାରିବ। ବିଶ୍ୱ ସବୁ ସାହିତ୍ୟ, ସବୁ ଦର୍ଶନ, ବିଜ୍ଞାନ ଓ କାରିଗରୀ ବିଦ୍ୟାର ପାଠ୍ୟ ଯଦି ସେ ଓଡ଼ିଆ ଭାଷାରେ ପାଇପାରିବ ତା'ହେଲେ ସେ ଓଡ଼ିଆ ଭାଷା ଉପରେ ନିର୍ଭର କରିପାରିବ।

ଏଥିପାଇଁ ଦ୍ୱିପାକ୍ଷିକ ବ୍ୟବସ୍ଥାର ପ୍ରୟୋଜନ। ପ୍ରଥମତଃ, ଏସବୁର ଅନୁବାଦ ପାଇଁ ଦକ୍ଷ ଅନୁବାଦକ ଆବଶ୍ୟକ। ଦ୍ୱିତୀୟତଃ, ଏସବୁର ଅନୁବାଦରେ ସହାୟତା ପାଇଁ କମ୍ପ୍ୟୁଟର ସଫ୍ଟୱେରଠାରୁ ଆରମ୍ଭ କରି ଭାଷାକୋଷ, ଅଭିଧାନ ସହାୟକ ଭିତ୍ତିଭୂମି ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ଆବଶ୍ୟକ। କିନ୍ତୁ ଏସବୁ ସତ୍ତ୍ୱେ ଯଦି ମାତୃଭାଷାକୁ ମା' ଭଳି ଅନ୍ତରରୁ ସ୍ନେହ ଭାବ ନ ଦେଖାଇବା ତେବେ ସମସ୍ତ ପ୍ରୟାସ ବୃଥା। ଯଦି ଜଣେ ନିଜ ପରିଚୟ ଗୋପନ ରଖି ଅନ୍ୟ ପରିଚୟରେ ପରିଚିତ ହେବାକୁ ଆଗ୍ରହୀ, ତେବେ ସେ ଜାତିର ପରିଚୟ ଥିଲେ କେତେ ନଥାଇ କେତେ? ଯଦି ବେଳ ଥାଉ ଥାଉ ସଚେତନ ନହେବା ତେବେ ଆଗାମୀ ପିଢ଼ି ପ୍ରଶ୍ନ ଉଠାଇବେ ଓଡ଼ିଆ ଭାଷା କେଉଁ କାମକୁ ଯେ? ●

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

# ଶୈକ୍ଷିକ-ସାହିତ୍ୟ-ସାଧକ: ରାଘବ ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସୌନ୍ଦର୍ଯ୍ୟ-ଶାସ୍ତ୍ରୀମାନେ ଉଚ୍ଚକୋଟୀର ସାହିତ୍ୟ ନୀତିଶିକ୍ଷା ପ୍ରଖ୍ୟାପକ ନୁହେଁ ବୋଲି ବଳିଷ୍ଠଯୁକ୍ତି ଉପସ୍ଥାପନ କରିଛନ୍ତି। ସେଥିପାଇଁ ପାଶ୍ଚାତ୍ୟ କଳା ଓ ସାହିତ୍ୟ ଜଗତରେ ଦିନେ ବିତର୍କର ବଳୟ ସୃଷ୍ଟି କରିଥିଲା ଯେଉଁ ଦୁଇଟି ମତବାଦ ତାହା ହେଉଛି -'କଳା ପାଇଁ କଳା' ଓ 'ଜୀବନ ପାଇଁ କଳା'। ଶିକ୍ଷାପ୍ରଦ ବିଷୟ ମଧ୍ୟରେ କଳାତ୍ମକ ଅନ୍ତଃଦୃଷ୍ଟି ଅନ୍ତର୍ନିହିତ ଓ ପ୍ରକୃତ କଳାସୃଜନ ଯେ ନୀତି-ବ୍ୟଞ୍ଜକ ଏତିକି ହୃଦୟଙ୍ଗମ କରିପାରିବାର ଦୁର୍ଲଭ ହୃଦୟବତ୍ତା ଯେ ଆମ ପାଖରେ ଅନୁପସ୍ଥିତ ରହିପାରେ, ଏହା ହିଁ ହେଉଛି ବିସ୍ମୟଜନକ। ଯେଉଁମାନେ ଜଣେ ଜଣେ ଆଦର୍ଶ ଶିକ୍ଷକ, ସେମାନଙ୍କ ଦ୍ୱାରା ରଚିତ କାବ୍ୟ କବିତାକୁ ଶିକ୍ଷାଦାନଠାରୁ କଦାପି ବିଚ୍ଛିନ୍ନ କରି ବିଚାର କରାଯାଇ ନ ପାରେ। ଭକ୍ତକବି ମଧୁସୂଦନ ରାଓଙ୍କ ରଚନାରେ ତେଣୁ ଜଣେ ନୈଷ୍ଠିକ ଶିକ୍ଷକଙ୍କ ବିବେକ ପରିସ୍ପନ୍ଦିତ।

ପଣ୍ଡିତ ରାଘବ ମିଶ୍ର ସୁପାଠକଙ୍କ ନିକଟରେ ପରିଚିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରଥମ ଜୀବନୀ ଲେଖକ ଭାବରେ। ଏହାବ୍ୟତୀତ ତାଙ୍କର ଆଉ ଏକ ସ୍ୱତନ୍ତ୍ର ପରିଚିତି ହେଉଛି - ସେ 'କୃଷ୍ଣଭକ୍ତି ରସାମୃତମ୍'ର ଅନୁବାଦକ। ବଙ୍ଗୀୟ ପଣ୍ଡିତ ଶ୍ରୀଯୁକ୍ତ ତାରାକୁମାର ଶର୍ମା କବିରତ୍ନ ହେଉଛନ୍ତି ତାହାର ମୂଳ ସ୍ରଷ୍ଟା। ରାଘବ ମିଶ୍ର ଏହାକୁ ଆଧୁନିକ ଯୁଗର ଏକ ହୀରକ-ରତ୍ନ ତୁଲ୍ୟ ମନେ କରୁଥିଲେ। ପଣ୍ଡିତ ରାଘବ ମିଶ୍ର ଥିଲେ କୃଷ୍ଣ-ଭକ୍ତି-ବିହ୍ୱଳ ଏକ ବିରଳ ଭାବସତ୍ତା। ଜୀବନବ୍ୟାପୀ କୃଷ୍ଣାରାଧନାରେ ବିତାଉଥିଲେ ସେ ରସାପ୍ଲୁତ ଦିବସ-ରଜନୀ। ଗୋଟିଏ ପାର୍ଶ୍ୱରେ କୃଷ୍ଣ-କରୁଣା-କିରଣରେ ସେ ଅଶ୍ରୁସ୍ନାତ ହେଉଥିଲେ। ଅପରପକ୍ଷରେ ଗଙ୍ଗାଧର ସାହିତ୍ୟାନୁରାଗରେ ହୋଇଥିଲେ ଗଭୀର ଭାବରେ ନିମଜ୍ଜିତ। ତାଙ୍କ ରଚିତ 'ମେହେର କବି' ପୁସ୍ତକ ବ୍ୟତୀତ ଗଙ୍ଗାଧର-କୈନ୍ଦ୍ରିକ ଅନେକ ପ୍ରବନ୍ଧ ପାଠକମାନଙ୍କୁ ନେଇଯାଇଛି ଭାରତୀୟ ସଂସ୍କୃତିର ନିବିଡ଼ତମ ସ୍ତରକୁ। ପୁଣି କବିଙ୍କ ଶ୍ରାଦ୍ଧ ପାଳନ ଉପଲକ୍ଷେ ସାଶ୍ରୁଲୋଚନରେ ସମାଧିପୀଠର ରାତ୍ରିକାଳୀନ ନିସ୍ତବ୍ଧତାକୁ ସୁଦ୍ଧା କରିଦେଉଥିଲେ ସେ ଭାବଗମ୍ଭୀର ଓ ଲୋତକାପ୍ଲୁତ।

ସମାନ ଭାବରେ ପୁରାଣରେ ବର୍ଣ୍ଣିତ ଶ୍ରେଷ୍ଠ ଭକ୍ତମାନେ ତାଙ୍କୁ ଭାବାଚ୍ଛନ୍ନ କରି ଦିଅନ୍ତି। ଉଦ୍‌ବେଳିତ ହୃଦୟ ନେଇ 'ଧ୍ରୁବ' ଚରିତ୍ର ଆଧାରରେ ରଚନା କରନ୍ତି 'ବାଳଭକ୍ତ' କାବ୍ୟ। ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ର ରାଜା ହେବେ ବୋଲି ଘରେ ଘରେ କି ଉଲ୍ଲାସ! ତାହା କିପରି କ୍ଷଣକ ମଧ୍ୟରେ ହୋଇଯାଇଛି ମ୍ଳାନ ଓ ମଳିନ, ତାହା ବର୍ଣ୍ଣନା କରିଛନ୍ତି ସ୍ୱରଚିତ 'ହର୍ଷେ-ବିଷାଦ' କାବ୍ୟରେ। ତାଙ୍କର ସର୍ବୋତ୍କୃଷ୍ଟ କୃତି ହେଲା 'ନୀତି-ପୁଷ୍ପହାର'। ଯାହା ସେ ସର୍ଜନା କରନ୍ତି କେଉଁଠି ବା ନାହିଁ ନୈତିକ ଜୀବନର ସନ୍ଦେଶ! ତେବେ 'ନୀତି-ପୁଷ୍ପହାର'ର ସ୍ଥାନ ନିଶ୍ଚିତ ଭାବରେ ସ୍ୱତନ୍ତ୍ର। ସେଥିରୁ ଗୋଟିଏ ଦୃଷ୍ଟାନ୍ତ ହୋଇଯାଇପାରେ ଅନ୍ତର୍ଭେଦୀ, ଯଦି ତାହା ପ୍ରବେଶ କରିଯାଏ ଚେତନା ରାଜ୍ୟର ଗଭୀରତମ କକ୍ଷ ମଧ୍ୟକୁ। ଅଷ୍ଟମ ପଦଟିରେ କବି କହୁଛନ୍ତି - 'ପକ୍ୱ ଶିକ୍ଷା-ଫଳେ ଥାଏ ବିନୟ ସୁରସ, ଯା ଦିବ୍ୟ ମାଧୁର୍ଯ୍ୟ ଭବେ ସର୍ବଜନ ବଶ' / 'ସହଜେ ବିନୟ କରେ କ୍ରୋଧକୁ ଦମନ, ସର୍ବତ୍ର ସମ୍ମାନ ଲଭେ ବିନୟୀ ଯେ ଜନ'।

ଏ ପୁସ୍ତକର ନାମକରଣ ହିଁ ହେଉଛି ନୈତିକତା ଓ ନାନ୍ଦନିକତାର ଏକ ସୁନ୍ଦର ସମନ୍ୱୟ। ନୀତି ହେଉଛି ସୁଶିକ୍ଷା ଦାନର ସଂକେତ। ଆଉ ପୁଷ୍ପହାର ହେଉଛି ସୌନ୍ଦର୍ଯ୍ୟ-ସୂଚକ। ନୈତିକ ଜୀବନ ଯେ ଏକ ଆକର୍ଷଣୀୟ ପୁଷ୍ପମାଳାରେ ପରିଣତ ହୋଇଯାଇପାରେ, ତାହାର ନିଗୂଢ଼ ରହସ୍ୟ ଉନ୍ମୋଚନ କରି ଦେଇଛନ୍ତି କବି। ଯେଉଁ ଜୀବନରେ ସତ୍ୟର ପ୍ରଦୀପ ପ୍ରଜ୍ୱଳିତ, ମାଙ୍ଗଲ୍ୟର ଶଙ୍ଖଧ୍ୱନି ନିନାଦିତ, ତାହା ହିଁ ଯେ ପ୍ରକୃତରେ ସୌନ୍ଦର୍ଯ୍ୟମୟ ଏହା କେତେ ସୁବୋଧ ଓ ସରଳ ଭାଷାରେ ବୁଝାଇଦେଇ ପାରନ୍ତି ସେ। ଆମେ ସ୍ଥିର ଚିତ୍ତରେ ଚିନ୍ତା କଲେ ହୃଦୟଙ୍ଗମ କରିପାରିବା ଯେ, ଶିକ୍ଷକଠାରୁ ବଡ଼ ନନ୍ଦନତତ୍ତ୍ୱବିତ ଆଉ କିଏ ଅଛି? କେଉଁପ୍ରକାର କଳା ଶିକ୍ଷାଦାନରେ ହିଁ ପୂର୍ଣ୍ଣତା ପ୍ରାପ୍ତ ନ ହୋଇଛି? ଶୈକ୍ଷିକ-ଚେତନା-ଭିତ୍ତିକ ସାହିତ୍ୟ ହିଁ ହୃଦୟକୁ ପ୍ରବେଶ କରିପାରେ। ଜୀବନର ମୋଡ଼ ପରିବର୍ତ୍ତନ କରିଦେଇପାରେ। ଅଶାନ୍ତି ଭିତରେ ଶାନ୍ତିର, ହିଂସା ଭିତରେ ପ୍ରେମର, ଅଜ୍ଞାନତାର ଅନ୍ଧକାର ଭିତରେ ଜ୍ଞାନର ପଥ ପ୍ରଦର୍ଶନ କରିଦେଇପାରେ। ସାରା ସଂସାର ଯଦି ନୀତି-ଭ୍ରଷ୍ଟ, ତା'ହେଲେ ବି ସୁନୀତି-ଶୁଦ୍ଧ ଜୀବନ ବଞ୍ଚିବା ସକାଶେ ସେଇ ସାହିତ୍ୟ ଦେଇ ପାରେ ଅମାପ ସାହସ, ଅସୀମ ଶକ୍ତି। ପଣ୍ଡିତ ରାଘବ ମିଶ୍ର ହେଉଛନ୍ତି ସେଇ ଶୀର୍ଷସ୍ତରର ସାହିତ୍ୟ ସାଧକ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହାରାଷ୍ଟ୍ର ପୌର ନିର୍ବାଚନ

# କଂଗ୍ରେସ, ଓୱେସିଙ୍କ ସହ ହାତ ମିଳାଇଲା ବିଜେପି

ମୁମ୍ବଇ, ୭ ।୧(ଏଜେନ୍ସି): ମହାରାଷ୍ଟ୍ରରେ ଦୁଇଟି ପୌର ପରିଷଦ ନିର୍ବାଚନ ପରେ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ଦେଖିବାକୁ ମିଳିଛି । ନିର୍ବାଚନରେ ପରସ୍ପର ବିରୋଧରେ ଲଢ଼ିଥିବା ବିଜେପି, କଂଗ୍ରେସ ଏବଂ ଓୱେସିଙ୍କ ଏଆଇଏମ୍ଆଇଏମ୍ କ୍ଷମତା ପାଇଁ ମେଣ୍ଟ କରିଛନ୍ତି । ବିଜେପି ଏହାର ସହଯୋଗୀ ଏକନାଥ ସିନ୍ଦେଙ୍କ ଶିବ ସେନାକୁ ଦୂରେଇ ରଖିବା ଲାଗି ଏହି ଦୁଇ ଦଳ ସହ ମେଣ୍ଟ କରିଛି । ମେଣ୍ଟ କରି ସେମାନେ ଦୁଇଟି ସ୍ଥାନରେ ପୌରାଧ୍ୟକ୍ଷ ପଦ ହାତେଇବାରେ ସଫଳ ମଧ୍ୟ ହୋଇଛନ୍ତି । ଅମ୍ବରନାଥ ପୌର ନିର୍ବାଚନରେ ଶିବ ସେନା ସର୍ବାଧିକ ଆସନ ପାଇଥିଲେ ମଧ୍ୟ ଏହାକୁ କ୍ଷମତାରୁ ଦୂରେଇ ରହିବା ଲାଗି ଏଠାରେ ବିଜେପି ଏହାର ପରମ ଶତ୍ରୁ କଂଗ୍ରେସ ସହିତ ହାତ ମିଳାଇ ମେୟର ପଦ ହାସଲ କରିଛି । ସେହିଭଳି ଆକୋଲା ପୌର ପରିଷଦ ଅଧ୍ୟକ୍ଷ ପଦ ପାଇଁ ବିଜେପି ଏହାର ଅନ୍ୟତମ ଶତ୍ରୁ ଓୱେସିଙ୍କ ଏଆଇଏମ୍ଆଇଏମ୍ ସହିତ ହାତ ମିଳାଇଛି । ଏହି ଖବର ଆଜି ମହାରାଷ୍ଟ୍ର ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ମେଣ୍ଟର ସମାଲୋଚନକା କରିଛି ଶିବ ସେନା । ଦଳ ପକ୍ଷରୁ କୁହାଯାଇଛି ଯେ କଂଗ୍ରେସ ମୁକ୍ତ ଭାରତ ପାଇଁ ଅଭିଯାନ ଚଳାଇଥିବା ବିଜେପି କ୍ଷମତା ପାଇଁ କେତେ ତଳକୁ ଖସିପାରେ ଏହା ହେଉଛି ତାହାର ଉଦାହରଣ ।

ମିଳିଥିବା ସୂଚନା ଅନୁଯାୟୀ ଅମ୍ବରନାଥରେ କଂଗ୍ରେସ ଓ ଅଜିତ ପାୱାରଙ୍କ ଏନ୍‌ସିପି ସହିତ 'ଅମ୍ବରନାଥ ବିକାଶ ଅଘାଡି' ଗଠନ କରିଛି ବିଜେପି । ଏଠାରେ ଶିବସେନା ୨୭ଟି ଆସନ ସହ ସବୁଠାରୁ ବଡ଼ ଦଳ ଭାବେ ରହିଥିଲା । ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ଟି ଆସନରେ ବିଜୟୀ ହୋଇଥିଲା । ୬୦ ସଦସ୍ୟ ବିଶିଷ୍ଟ ଅମ୍ବରନାଥ ପୌର ପରିଷଦରେ କଂଗ୍ରେସ ସହଯୋଗରେ ବିଜେପି ୩୨ଟି ଭୋଟ ସହିତ ମେୟର ପଦ ହାତେଇଛି । ସହରକୁ ଏକ ସୁରକ୍ଷିତ ଓ ସ୍ଥିର ଶାସନ ପ୍ରଦାନ କରିବାକୁ ମେଣ୍ଟ କରାଯାଇଛି ବୋଲି ୩ଟି ଦଳ ତରଫରୁ କୁହାଯାଇଛି । ତେବେ କଂଗ୍ରେସ ନେତୃତ୍ୱ ଏହି ମେଣ୍ଟକୁ ଅବୈଧ କହିଛନ୍ତି ଓ ଅମ୍ବରନାଥ ବ୍ଲକ କଂଗ୍ରେସ କମିଟିକୁ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଅକୋଲା ଜିଲ୍ଲାର ଆକୋଟ ପୌର ପରିଷଦରେ ବିଜେପି ଏଆଇଏମ୍ଆଇଏମ୍ ସହିତ ମେଣ୍ଟ କରି 'ଆକୋଟ ବିକାଶ ମଞ୍ଚ' ଗଠନ କରିଛି । ୩୫ ସଦସ୍ୟ ବିଶିଷ୍ଟ ଏହି ପରିଷଦରେ ବିଜେପି ୧୧, ଏଆଇଏମଆଇଏମ୍ ୫ଟି ଆସନ ଜିତିଥିଲା । ଅନ୍ୟ ସହଯୋଗୀଙ୍କ ସମେତ ମେଣ୍ଟ ଆସନ ସଂଖ୍ୟା ୨୫କୁ ବୃଦ୍ଧି ପାଇଥିଲା । ବିଜେପିର ମାୟା ଧୂଲେ ମେୟର ନିର୍ବାଚିତ ହୋଇଥିଲେ ।

ଏଭଳି ମେଣ୍ଟ ନେଇ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଦେବେନ୍ଦ୍ର ଫଡନାଭିସ୍ ଏହି ମେଣ୍ଟ ଗଠନକୁ ପ୍ରତ୍ୟାଖାନ କରିଛନ୍ତି ଓ ଦଳୀୟ ନେତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି । ଏଭଳି ମେଣ୍ଟକୁ ଦଳର ବରିଷ୍ଠ ନେତୃତ୍ୱ ଅନୁମୋଦନ କରିନାହାନ୍ତି ଓ ଏହା ସାଂଗଠନିକ ଶୃଙ୍ଖଳାର ଉଲ୍ଲଙ୍ଘନ ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ଅମ୍ବରନାଥରେ ୧୨ ଜଣ ନିର୍ବାଚିତ ୱାର୍ଡ ସଦସ୍ୟଙ୍କୁ ପାର୍ଟିରୁ ନିଲମ୍ବିତ କରିଛି ।

■ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆୟୋଜନ ପ୍ରସଂଗ

# ଦୁଇ ଦିନ ମଧ୍ୟରେ ଅନୁମତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୭।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁରର ପ୍ରସିଦ୍ଧ "ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା' ଆୟୋଜନକୁ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି । ହାଇକୋର୍ଟଙ୍କ ହସ୍ତକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ଓ ଆୟୋଜକ କମିଟି ମଧ୍ୟରେ ସହମତି ପରେ ଏହି ମହୋତ୍ସବ ପାଇଁ ଅନୁମତି ମିଳିଛି । ଆସନ୍ତା ଦୁଇ ଦିନ ମଧ୍ୟରେ ଜାନୁଆରୀ ୧୨ରୁ ୧୫ ପର୍ଯ୍ୟନ୍ତ ଏହି ମେଳା ପାଇଁ ଆବଶ୍ୟକ ଅନୁମତି ପ୍ରଦାନ ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ମୋ ମାଟି ଭାଣପୁର ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ନୟାଗଡ଼ ଜିଲ୍ଲାପାଳ ଭର୍ଚୁଆଲରେ ଉପସ୍ଥିତ ରହି ଆବେଦନକାରୀ ସଂସ୍ଥା ନିର୍ଦ୍ଧାରିତ ସର୍ତ୍ତ ପାଳନ କରି ଶାନ୍ତିପୂର୍ଣ୍ଣ ଭାବେ ଏହି ମେଳା ଆୟୋଜନ କରିଲେ କିଛି ଆପତ୍ତି ନଥିବା ଅଦାଲତଙ୍କୁ ଅବଗତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏପ୍ରିଲରୁ ଓଡ଼ିଶାରେ...

ସୂଚନା ମିଳିଛି । ଜନଗଣନା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ପ୍ରାୟ ଲକ୍ଷାଧିକ ଅଧିକାରୀ ନିୟୋଜିତ ରହିବେ ବୋଲି ସେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଜନଗଣନାର ପ୍ରଥମ ପର୍ଯ୍ୟାୟ ପୂର୍ବରୁ ଗତ ନଭେମ୍ବର ମାସରେ ସରକାର ଏଥିପାଇଁ ପ୍ରାକ୍- ପରୀକ୍ଷଣ ଆରମ୍ଭ କରିଥିଲେ । ଦୁଇଟି ଜିଲ୍ଲାର ୬୪ଟି ରାଜସ୍ୱ ଗ୍ରାମ ଏବଂ ୨ଟି ମହାନଗର ନିଗମ ଅନ୍ତର୍ଗତ ୨ଟି ୱାର୍ଡରେ ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତି କରାଯାଇଥିଲା ।

ଆଜି ଅନୁଷ୍ଠିତ ବୈଠକ ପରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଭିସି ଯୋଗେ ସମସ୍ତ ଜିଲ୍ଲାପାଳ ଏବଂ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି । ଏହାସହ ଆସନ୍ତା ୨୦୨୭ ଫେବୃୟାରୀ ମାସ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନ ଗଣନା ଅନୁଷ୍ଠିତ ହେବ ଏବଂ ମାର୍ଚ୍ଚ ୧ ରୁ ୫ ପର୍ଯ୍ୟନ୍ତ ପୁନଃ ଅବଲୋକନ (ରିଭିଜନାଲ ରାଉଣ୍ଡ) ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ରହିଥିବା ବୈଠକରେ ସେ ସୂଚନା ଦେଇଛନ୍ତି ।

### 'ଏସ୍ମା'କୁ ଓମ୍ସାର...

କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ଓମ୍ସା ବାରମ୍ବାର ଦାବି କରୁଛି । ମାତ୍ର ମୁଖ୍ୟମନ୍ତ୍ରୀ ଆମ ଦାବିକୁ ଶୁଣୁନାହାନ୍ତି ।ମୁଖ୍ୟମନ୍ତ୍ରୀ କାହିଁକି ଡାକ୍ତରମାନଙ୍କୁ ଭଲ ପାଉନାହାନ୍ତି, ସେ ଉତ୍ତର ଆମ ପାଖରେ ନାହିଁ । ତେବେ ସରକାରଙ୍କ ନିଷ୍ପତ୍ତିରେ ଆମେ ଦବିଯିବୁ ନାହିଁ । ସତ୍ୟ, ନ୍ୟାୟ, ଅଧିକାର ତଥା ଆମର ନିରାପତ୍ତା ପାଇଁ ଆମେ ଆମର ଆନ୍ଦୋଳନ ଜାରି ରଖିବୁ ବୋଲି ଡାକ୍ତର ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଓମସା ଗତ ୨୬ ତାରିଖରୁ ପ୍ରଥମେ ଏକ ଘଣ୍ଟିଆ ଓପିଡି ସେବା ବର୍ଜନ ଏବଂ ୫ ତାରିଖରୁ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଆସୁଛି । ସରକାର ସଂଘର ଦାବି ପୂରଣ ନେଇ ଏକ ସଚିବସ୍ତରୀୟ କମିଟି ଗଠନ କରିଥିଲେ ହେଁ, ସମସ୍ୟାର ସମାଧାନ ଏଯାବତ୍ ବାହାରି ପାରିନାହିଁ ।

### ସରକାରଙ୍କୁ ମିଲରଙ୍କ...

ମିଲରୁ ବିଭିନ୍ନ ଗୋଦାମକୁ ଧାନ ଯିବା ପରିବହନ ଖର୍ଚ୍ଚ ବାବଦରେ ବିଭାଗ ଅନୁଧ୍ୟାନ କରି ନିଷ୍ପତ୍ତି ନେବ ବୋଲି କହିଛି । ପୂର୍ବରୁ ୪୦ କିଲୋମିଟରରୁ ଅଧିକ ପାଇଁ ପ୍ରତି କିଲୋମିଟରକୁ କ୍ୱିଣ୍ଟାଲ ପିଛା ପିଛା ୪୩ ପଇସା ମିଳୁଥିଲା, ଏବେ ତାକୁ ୨୮ ପଇସାକୁ ହ୍ରାସ କରାଯାଇଛି । ଯାହାକୁ ସଂଘ ବିରୋଧ କରି ଆସୁଛି । ଅଧିକ ନ ହେଲେ ନାହିଁ ଯେତିକି ପଇସା ଥିଲା ସେତିକି ଦେବା ପାଇଁ ସଙ୍ଘ ଦାବି କରିଛି । ସେହିପରି ଅରୁଆ ଧାନ ପାଇଁ ୧୭ ପ୍ରତିଶତ ଧାନ କିଣା ହୁଏ । ହେଲେ ଚାଉଳ ୧୪ ପ୍ରତିଶତ ବିକ୍ରି ହୁଏ । ସେଥିପାଇଁ ୩ ପ୍ରତିଶତ କ୍ଷତି ସହିବାକୁ ପଡ଼ିଥାଏ । ସେଥିରୁ ସରକାର ପୂର୍ବରୁ ୧ ପ୍ରତିଶତ କ୍ଷତିପୂରଣ ଦେଉଥିଲେ । ଏବେ ତାକୁ ୦.୭୮ ପ୍ରତିଶତ କରାଯାଇଛି । ପୂର୍ବ ଅନୁସାରେ କ୍ଷତିଭରଣା ପାଇଁ ସଙ୍ଘ ଦାବି କରି ଆସୁଛି । ଆସନ୍ତା ୧୫ ଦିନ ମଧ୍ୟରେ ଏହି କ୍ଷେତ୍ରରେ ଯାହା ନିଷ୍ପତ୍ତି ନିଆଯିବ ସେହି ଅନୁଯାୟୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସଂଘ କହିଛି ।

ଅନ୍ୟପଟେ ବୁଧବାର ସକାଳେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟର ଧାନ କିଣା ସ୍ୱାଭାବିକ ହୋଇଛି । ୪ ଦଫାରୁ ୨ ଦଫା ଦାବି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ମିଲର ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇଛି । ଏବେ ସୁଦ୍ଧା ୧୯ଟି ଜିଲ୍ଲାରୁ ଧାନ କିଣା ଆରମ୍ଭ ହୋଇଛି । ଏଥିସହ ରାଜ୍ୟ ସରକାରଙ୍କର ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନିର୍ଦ୍ଦେଶନାମା ଅନୁସାରେ ୧୯ଟି ଜିଲ୍ଲାରେ ଆଜି ସୁଦ୍ଧା ୩ ଲକ୍ଷ ୧୫ ହଜାର ୪୩୧ ଚାଷୀଙ୍କ ଠାରୁ ୧୩ ଲକ୍ଷ ୯୩ ହଜାର ୮୬୭ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି । ଏଥିମଧ୍ୟରୁ ୧୩ ଲକ୍ଷ ୫୯ ହଜାର ୯୭୪ ମେଟ୍ରିକ ଟନ ଧାନ ମିଲର ମାନେ ଉଠାଇଛନ୍ତି । ଏ ବାବଦରେ ଚାଷୀଙ୍କୁ ୮ ୯୧ କୋଟି ୫୮ ଲକ୍ଷ ଟଙ୍କାର ଇନପୁଟ ସହାୟତା ଦିଆଯାଇଛି ।

### ଆହୁରି ୩ ଦିନ...

ନବରଙ୍ଗପୁର ୯.୫, କଟକ ୯.୬, ସୋନପୁର ୯.୬, ବାଲେଶ୍ୱର ୯.୮, ସମ୍ବଲପୁର ୯.୯ ଓ ରାୟଗଡ଼ାରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି । କଟକ-ଭୁବନେଶ୍ୱରରେ ତାପମାତ୍ରା ଯଥେଷ୍ଟ ତଳକୁ ଖସିବା ସହ ପ୍ରଥମ ଥର ପାଇଁ କଟକରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି । ଏହା ପ୍ରଭାବରେ ଦ୍ୱୈତ ନଗରୀରେ ପ୍ରବଳ ଶୀତ ଅନୁଭୂତ ହୋଇଛି ।

ପାଣିପାଗ କେନ୍ଦ୍ର କହିଛି ଯେ ଗତ ୩ ଦିନ ମଧ୍ୟରେ ରାଜ୍ୟର ୬ ଟି ସ୍ଥାନରେ ତାପମାତ୍ରା ୫-୭ ଡିଗ୍ରୀ ହ୍ରାସ ହୋଇଛି । ଏଥିରେ ଝାରସୁଗୁଡାରେ ୬.୨ ଡିଗ୍ରୀ ଖସିଥିବା ବେଳେ କେନ୍ଦୁଝରରେ ୬.୪, ବାଲେଶ୍ୱର ୫.୬, ଭୁବନେଶ୍ୱର ୭.୨, ଚାନ୍ଦବାଲି ୫.୬ ଓ ପାରାଦୀପରେ ତାପମାତ୍ରା ୬.୨ ଡିଗ୍ରୀ କମିଛି । ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରେକର୍ଡ କରାଯାଇଛି । ଅନ୍ୟପଟେ ଏଭଳି ସ୍ଥିତି ୧୦ ତାରିଖ ସକାଳ ପର୍ଯ୍ୟନ୍ତ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ (କୋଲ୍ଡ ୱେଭ୍) ସତର୍କ ସୂଚନା ଜାରି କରାଯାଇଛି । ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ଅଧିକ ସ୍ଥାନରେ ତାପମାତ୍ରା ତଳ ମୁହାଁ ଆଶଙ୍କା କରି ୧୩ ଟି ଜିଲ୍ଲା ପାଇଁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଜଗତସିଂହପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ସୋନପୁର ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । ଆସନ୍ତା ୩ ଦିନ ପରେ ରାଜ୍ୟର କିଛି ସ୍ଥାନରେ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ୨-୩ ଡିଗ୍ରୀ ବୃଦ୍ଧି ପାଇବ । ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଅପରିବର୍ତ୍ତିତ ରହି ପୁଣି ଏହା ପରେ ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ନିଜ ବୁଲେଟିନ୍‌ରେ ଦର୍ଶାଇଛି ।

ଅନ୍ୟପଟେ ମଙ୍ଗଳବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି । ବର୍ତ୍ତମାନ ଏହା ଦକ୍ଷିଣପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ବିଷୁବରେଖା ନିକଟସ୍ଥ ପୂର୍ବ ଭାରତ ମହାସାଗର ଅଞ୍ଚଳରେ ସକ୍ରିୟ ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଶ୍ରୀଲଙ୍କା ସମେତ ତାମିଲନାଡ଼ୁ ଓ ଦକ୍ଷିଣ ଆନ୍ଧ୍ରର କିଛି ଅଞ୍ଚଳରେ ବର୍ଷା ଆଶଙ୍କା କରାଯାଉଛି । ମାତ୍ର ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ ବୋଲି ଆକଳନ କରାଯାଇଛି ।

### ରାଜ୍ୟ ଓଏଏସ୍ ସଂଘରେ...

ସଂଗଠନରେ ବିଭାଜନ ସୃଷ୍ଟି କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଏଏସ୍ ସଂଘର ଏଭଳି ନିରବତାକୁ ନେଇ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି । ବିଶେଷ କରି କନିଷ୍ଠ ଓଏଏସ୍‌ମାନେ ଏହି ଘଟଣାରେ ପ୍ରତିକ୍ରିୟାଶୀଳ ରହିଥିବା ବେଳେ ରାଜ୍ୟ ସଂଘର ଏହି ଘଟଣାରେ ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ଦାବି କରୁଛନ୍ତି । ଅନ୍ୟପଟେ ସଂଘର ୨ ବର୍ଷିଆ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଆଗାମୀ ନିର୍ବାଚନକୁ ନେଇ ମଧ୍ୟ ଛକାପଞ୍ଝା ଲାଗିଥିବା ଚର୍ଚ୍ଚା ହେଉଛି । ଏହି ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଏଏସ୍ ସଂଘ ଜିଲ୍ଲାପାଳଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରି ସାରିଥିଲେ ମଧ୍ୟ ରାଜ୍ୟ ସଂଘ ଘଟଣାରେ ଅସମ୍ଭବ ନିରବତା ପ୍ରଦର୍ଶନ କରିବା କନିଷ୍ଠ ଅଧିକାରୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହା ପୂର୍ବରୁ ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ଓଏଏସ୍ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା । ଏମିତି କି ସାରା ରାଜ୍ୟରେ ଓଏଏସ୍‌ମାନେ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ । ଓଏଏସ୍ ସଂଘକୁ ଆଇଏଏସ୍ ସଂଘ ଓ ରାଜ୍ୟ ଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଥିଲା । ଅନୁରୂପ ଭାବରେ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ମଧ୍ୟ ଏଏସ୍‌ଓ ସଂଘ ମୁଖର ହୋଇଥିଲା । ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ସହ ସଂଘ ପ୍ରବଳ ଚାପ ସୃଷ୍ଟି କରିଥିଲା । ମାତ୍ର ରାଜନଗର ବିଡିଓଙ୍କ କ୍ଷେତ୍ରରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି । ନିଜ ସଂଘର ଜଣେ ମହିଳା ସଦସ୍ୟାଙ୍କୁ ଆକ୍ରମଣ ଉଦ୍ୟମ ହେବା ଓ ସେବେଠାରୁ ସମ୍ପୃକ୍ତ ମହିଳା ଅଧିକାରୀ ଛୁଟିରେ ଚାଲିଯାଇଥିଲେ ମଧ୍ୟ ରାଜ୍ୟ ସଂଘ ଚୁପ୍‌ଚାପ୍ ବସି ରହିବା ଅନ୍ୟ ସଦସ୍ୟଙ୍କୁ ଆଚମ୍ବିତ କରିଛି ।

ରାଜ୍ୟର ଆଇନ୍ ଶୃଙ୍ଖଳା ସ୍ଥିତି ଓ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଏହି ଘଟଣା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ବିଶେଷ କରି ଯେଉଁଠାରେ ଶାସକ ବିଜେପିର ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି, ସେଠାରେ ସ୍ଥିତି ସମ୍ବେଦନଶୀଳ ରହିଛି । ବିଏମ୍‌ସି ଅତିରିକ୍ତ କମିସନରଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ସରକାରୀ ଦଳର ଜଣେ ପରାଜିତ ପ୍ରାର୍ଥୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହେବା ସହ ସେ ଗିରଫ ହୋଇଥିଲେ । ଏହାର ମାସ କେଇଟା ନ ପୁରୁଣୁ ପୁଣି ଏକ ସମାନ ଧରଣର ଘଟଣା ଘଟିବା ଓ ଏଥିରେ ମଧ୍ୟ ଜଣେ ସରକାରୀ ଦଳର ପରାଜିତ ପ୍ରାର୍ଥୀଙ୍କ ଉପରେ ଅଙ୍ଗୁଳି ଉଠିବା ମାମଲାର ଗୁରୁତ୍ୱକୁ ବଢ଼ାଇ ଦେଇଛି । ଏହି ଘଟଣା ବିଜେଡି ସାମ୍ବାଦିକ ସମ୍ମିଳନୀ କରିବା ସହ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଏହାସହିତ ରାଜନଗରର ବ୍ଲକ୍ ଅଧ୍ୟକ୍ଷା ମଧ୍ୟ ଥାନାରେ ଏତଲା ଦେଇଛନ୍ତି । ଏମିତି କି ଘଟଣାରେ ରାଜନଗର ସରପଞ୍ଚ ଓ ସମିତିସଭ୍ୟମାନେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କାହିଁକି ଏହି ଘଟଣାରେ ଚୁପ୍ ବସିଛନ୍ତି ତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି ।

### ଗଞ୍ଜେଇ ମାଫିଆର...

ବେହେରା ନାମକ ଦୁଇଜଣ ଗିରଫ ହୋଇଥିଲେ । ଏହି କାରବାର ମାଷ୍ଟର ମାଇଣ୍ଡ ଆଶିଷ କୁମାର ଦିଗାଲ ଜଡିତ ଥିବା ନେଇ ଜଣାପଡିବା ପରେ ଗିରଫ କରିଥିଲା ସଦର ପୁଲିସ । ଘଟଣାର ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ଆଶିଷ ସମେତ ସମ୍ପର୍କୀୟ ରାନୁ ଦିଗାଲ, ସୁନାମତି ଦିଗାଲ, ପ୍ରମୋଦ ଦିଗାଲ, ସୁଦେସନ ଦିଗାଲ ଓ ସାନ୍ତୁନୁ ସାହୁଙ୍କ ନାମରେ ବହୁ ବେଆଇନ ସମ୍ପତ୍ତିଥିବା ଜାଣିବାକୁ ପାଇଥିଲା ପୁଲିସ ଓ ବେଆଇନ ସମ୍ପତି ଠାବ କରିଥିଲା । ସମୁଦାୟ ୬ ଆକାଉଣ୍ଟ, ୭ ବେଆଇନ ଘର ଆଉ ଜମି, ବହୁ କାର ଓ ବାଇକ, ସୁନା ରୁପା, ଘର ଆସବାବପତ୍ର ସହ ଏକ ରେଷ୍ଟୁରେଣ୍ଟ ବ୍ୟାଜାପ୍ତ କରାଯାଇଛି । ଏହାର ମୂଲ୍ୟ ୪କୋଟି ୫୯ଲକ୍ଷ ୩୯ ହଜାର ୧୧୧ ଟଙ୍କା ହେବ ବୋଲି ବିଭାଗ ଚିଠିରେ ଦର୍ଶାଇଛି । ପ୍ରାୟ ଦୁଇ ଲକ୍ଷ କୋଡିଏ ହଜାର ନଅ ସହ ଛୟାଳିଶି ଟଙ୍କା ଥିବା ୬ ଆକାଉଣ୍ଟକୁ ଅଚଳ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ତିନି କୋଟି ୪୮ ଲକ୍ଷ ୨୯ ହଜାର ୬୪୩ ଟଙ୍କାର ୭ଟି ବେଆଇନ ଘର ଆଉ ଜମି, ୫୭ଲକ୍ଷ୪୮ ହଜାର୮ ସହ ୯୩ ଟଙ୍କାର ଗାଡି , ୫୧ ଲକ୍ଷ ୩୯ ହଜାର୬୨୯ ଟଙ୍କାର ସୁନାରୁପା,ବକ୍ସ ଖଟ, ଏସି, ସୋଫା ସମେତ ନଗଦ ଟଙ୍କା ଜବତ କରିବା ପାଇଁ ନର୍ଦ୍ଦେଶ ଦେଇଛି ମନ୍ତ୍ରଣାଳୟର ରାଜସ୍ୱ ବିଭାଗ । ସୂଚନାଯୋଗ୍ୟ, ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ରାଜ୍ୟରେ ପ୍ରଥମ । ଏଭଳି ଅନ୍ୟ ମାନଙ୍କ ସମ୍ପତ୍ତି ଆକଳନ ସମ୍ପର୍କରେ ଯାଞ୍ଚ ଚାଲିଥିବା ଏବଂ ଆଗକୁ ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସର ପ୍ରୟାସ ଜାରୀ ରହିଥିବା କନ୍ଧମାଳ ଏସପି ହରିଶ ବି ସ କହିଛନ୍ତି ।

■ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

# ରାଜ୍ୟରେ କାର୍ଯ୍ୟାନ୍ୱୟନ ହେବ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ

ଭୁବନେଶ୍ୱର,୭।୧(ସମିସ): ରାଜ୍ୟରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେଉଁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରକଳ୍ପ ଭାବରେ ଆରମ୍ଭ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ

■ ପାଇଲଟ୍ ପ୍ରକଳ୍ପ ଭାବେ କେନ୍ଦୁଝରରେ ହେବ ଶୁଭାରମ୍ଭ
■ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ
■ ଡିଏଚ୍‌ଏଚ୍‌ରେ ଆରମ୍ଭ ହେବ ଡିପ୍ଲୋମା ଅଫ୍ ନ୍ୟାସନାଲ ବୋର୍ଡ ପାଠ୍ୟକ୍ରମ

ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ଏହାର ସଂପ୍ରସାରଣ କରାଯିବ । ସ୍ୱାସ୍ୟ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁଯାୟୀ, ଡିଜିଟାଲ୍‌ମିଶନ ଦ୍ୱାରା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ଭଳି ଅଧିକାଂଶ ସ୍ୱାସ୍ଥ୍ୟସେବା କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବ । ଏହାଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ । ଏଥିସହିତ ଡାକ୍ତରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଡିପ୍ଲୋମା ଅଫ୍ ନ୍ୟାସନାଲ ବୋର୍ଡ(ଡିଏନ୍‌ବି) ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଟ୍ରେନିଂ ପାଇ ସ୍ପେସିଆଲାଇଜେସନ୍ କରିପାରିବେ । ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବା ପାଇଁ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରେସ୍‌କ୍ରାଇବ୍ କରିବେ ନାହିଁ । ତତ୍‌ସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ଆୟୁର୍ବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR
ପୌରପାଳିକା କାର୍ଯ୍ୟାଳୟ; ରାଜଗାଙ୍ଗପୁର-୭୭୦୦୧୭ Municipality Office Rajgangpur-770017 Tel:-06624-220454
Rajgangpur Municipality Rajgangpur_Mun rajgangpurm.hud@nic.in
C-2025

No. 57 Date 06.01.2026

**CANCELLATION NOTICE TO QUOTATION CALL NOTICE NO.5472 DT.23.12.2025**

It is hereby informed to all local vehicle owners/suppliers that due to inevitable circumstances the QUOTATION CALL NOTICE NO.5472 Dt. 23.12.2025 for supply of Wheelbarrows & Tricycles to Rajgangpur Municipality for the year 2025-26 is hereby cancelled until further orders. The inconveineice caused in this regard is regretted.

Executive Officer
Rajgangpur Municipality

OIPR-

**GOVERNMENT OF ODISHA** A-1244
**E-Procurement Notice, Superintending Engineer, M.I. Division, Angul**
**Bid Identification No. – 11 OF 2025-26**
**E-mail ID: scmidivisionangul@gmail.com**
**Letter No. 3704 / Date: 31.12.2025**

1. Number of Works: 02 (Two) numbers of Civil work
2. Approximate estimated cost: From 40.32 Lakh to 42.17 Lakh
3. Cost of Tender Paper: Rs. 6000/- (Non-Refundable)
4. Period of completion: 04 (Four) Months
5. Date & Time of availability of bid document in the portal: Dt. 08.01.2026 at 10.00 A.M. to Dt. 15.01.2026 up to 5.00 P.M.
6. Last date / Time for receipt of bid in the portal:Dt. 15.01.2026 up to 5.00 P.M.
7. Date of opening of bid documents: Dt. 16.01.2026 at 10.00 A.M.
8. Date of lottery if required: Dt. 29.01.2026 at 11.00 A.M.
9. Name and address of the Office Inviting Bid: Superintending Engineer, Minor Irrigation Division, Angul, At / P.O.: Hakimpada, College Square, District: Angul, PIN – 759143, Ph. No. 06764-236522, Email ID: scmidivisionangul@gmail.com
10. The bidders have to participate in ONLINE bidding only.

Further details can be seen from the e-procurement portal: http://tendersorissa.gov.in

**Superintending Engineer**
**M.I. Division, Angul**

OIPR-

**Directorate of Technical Education & Training, Odisha**
At- Killamaidan, PO- Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com
KK-324

NIT No. DTET/2025-26/259 Date: 07/01/2026

**NOTICE INVITING TENDER**
**FOR**
**Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha**

DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites sealed proposals from eligible bidders for "Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha" through Odisha Government e-Procurement System (https://tendersodisha.gov.in). Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.tendersodisha.gov.in. and www.dtet.odisha.gov.in. Please refer to the RFP documents for details. The proposals complete in all respect must be submitted through e-tender process latest by 21.01.2026 (before 2:00 PM).

The RFP documents shall be available from 07/01/2026 onwards in the Odisha Government e-Procurement Portal (https://tendersodisha.gov.in.) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

Sd/-
**DTE&T, Odisha, Cuttack**

OIPR-

A-1250
E-mail: mi2_exe.engr@yahoo.co.in
Ph.No. 0680-2290475

**OFFICE OF THE SUPERINTENDING ENGINEER**
**MINORIRRIGATION DIVISION, GANJAM-II, BERHAMPUR.**
**GOVERNMENT OF ODISHA**
**e-PROCUREMENT NOTICE**
**BID IDENTIFICATION No: GMID-II/14/2025-26**
**Ltr No. 125 / Date 05.01.2026**

| | | |
|---|---|---|
| Name of work | : | Civil Construction Works |
| No. of works | : | 5 ( Five )Nos. |
| Estimated cost: | : | Rs. 8.38 lakh to 58.62 lakh. |
| Tender paper cost | : | Rs 10,000.00 (for estimated cost above 50.00 Lakh)<br>Rs 6,000.00 (for estimated cost below 50.00 Lakh)<br>Rs. 4000.00 (for estimated cost below 10.00 lakh) |
| Period of completion<br>Class of Contractor | : | 02 (Two) to 03 (Three) calendar months.<br>"D"," C" & 'B' |
| Availability of bid documents | : | From 08.01.2026 at 10.00 AM to 17.01.2026 up to 5.00 PM in website (www.tendersorissa.gov.in) |
| Period of Receipt of bid through on Line | : | From 08.01.2026 at 10.00 AM to 17.01.2026 upto 5.00 PM Through On- Line. |
| Mode of Payment | : | Online. |
| Date of opening of bid documents | : | 19.01.2026 at 11.30 AM (Technical Bid opening for double cover system)<br>20.01.2026 at 4.00 PM Financial Bid opening cover-II |
| Digital signature certificate of Bidder | : | The bidder must possess compatible digital signature Certificate (DSC) of Class-II or Class-III. |

**The detail tender call notice can also be seen in the DOWR website- http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Ganjam-II<br>In front of DepaulSchool, Engineering school road<br>Berhampur, Dist-Ganjam<br>PIN-760010.<br>E-mail: mi2_exe.engr@yahoo.co.in |
| Further details can be seen from the E-Procurement market place. | : | http://tendersorissa.gov.in |

**Superintending Engineer**
**M.I. Division, Ganjam-II, Berhampur**

OIPR-

## AFFIDAVIT

By virtue of an affidavit sworn before Executive Magistrate, Rayagada No. 16, dated 05.01.2026, by Smt. Saya Behera, aged about 34 years, W/o. - Sri Brundaban Behera, resident of Vill. - Kumariguda, PO - Pitamahal, PS - Seskhal, Dist - Rayagada, Pin - 765002, declare that I have changed th name of my son from Akash Behera to Ganesh Behera. Henceforth, he shall be known as Ganesh Behera for all purposes.

**Sd/- Saya Behera**

## NOTICE

By virtue of an affidavit sworn before the Executive Magistrate, Rairakhol, dated 07.01.2026, I, Biswanath Pradhan, Son of Ekadashi Pradhan, At- Badmal, P.O./P.S.- Rairakhol, Dist- Sambalpur, Odisha, Pin- 768106, declare that I have changed my daughter's name from Lasik Pradhan to Losin Pradhan. She shall be known as Losin Pradhan for all purposes.

## AFFIDAVIT

By virtue of an affidavit CF No 82 dt 06.01.2026 sworn before Executive Magistrate, Bhubaneswar, I Sarmistha Sahoo, W/o. Udit Kumar Behera, resident of 1/3, Satyasai Apartment, Lewis Road, Bhubaneswar-751002, declare that my name has been wrongly mentioned as Sarmistha Behera in my daughter **Subhadra Susmita**'s birth certificate vide Regd No 1554, dtd 08.07.2003 and as Sarmista Behera in my Son **Rudra Prasad**'s birth certificate vide Regd No. 374/10 dtd. 31.05.2010 instead of my correct name **Sarmistha Sahoo** as per my Aadhar Card bearing No. 686618359932 & PAN vide No DMZPS5775L. That I hereby declare that Sarmistha Sahoo, Sarmistha Behera and Sarmista Behera is one and same person who is myself. I also declare by this Affidavit No. 82, dated 06.01.2026, that now onwards I shall be known as **SARMISTHA SAHOO** for all future purposes.

## Notice (above 18 years of age)

By virtue of an affidavit sworn before Executive Magistrate, Rairakhol,dated 5th January 2026, I, Tusharakanta Pradhan, Address of village-Mahaling (San), PO- Luhapank, PS- Rairakhol, Dist- Sambalpur, Odisha - 768106, declare that I have changed my name from Tusarkant Pradhan to Tusharakanta Pradhan. Henceforth, I shall be known as **Tusharakanta Pradhan** for all purposes.

**Tusharakanta Pradhan**

## AFFIDAVIT

**I, Biren Kumar Pattnayak,** S/o.: Chandramani Pattnayak, Permanent/ Present Resident At/P.O.: Baluakata, P.S.: Angul Sadar, Dist.: Angul (Odisha)- 759129, declare by this Affidavit No.: 80, dated: 06.01.2026, that now onwards my minor son will be known as **Himanshu Pattnayak** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Sonepur vide affidavit INJ No. 16AA093242 Dated:10-11-2025 . I, Soniarani Amat , W/o- Sabhya Ranjan Pradhan, Village - Rabedi P.O.- Damamunda, P.S.- Manamunda, Dist.- Boudh state that my actual name is Soniarani Amat but inadvertently mentioned as Sunia Rani Amat in my Aadhar Card No - 8252 3442 8161. That my name to be changed from Sunia Rani Amat to Soniarani Amat. Henceforth, I shall be known as **Soniarani Amat** for all purposes.

## AFFIDAVIT

By virtue of an affidavit before the Notary Public, Titilagarh, on dated: 31/12/2025. I, **Sheshadeb Gadatia** (applicant name), S/o- Tirtha Gadatia, permanent & current resident of AT- Mathanpala, P.O- Rigdol, PS- Titilagarh, Dist- Balangir, (Odisha), PIN- 767033 declare that I have changed my minor daughter's name from **Himandri Gadtia** (old name) to **Himadri Gadatia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Himadri Gadatia** (new name) for all future purposes.

**Sheshadeb Gadatia**

## AFFIDAVIT

By virtue of an affidavit sworn before The Notary Public, Titilagarh, on dated- 11/12/2025. I, **Suna Devi** (new name), W/o- Late Arun Kumar Singh, permanent resident of AT: Titilagarh Hatpadapara, P.O/P.S: Titilagarh, DIst: Balangir, PIN: 767033, Odisha declare that I have changed my name from **Soma Debi** to **Suna Devi.** Henceforth, I shall be known as **Suna Devi** (new name) for all future purposes.

**Suna Devi**

ସକାଳ THE SAKALA



www.sakalaepaper.com

### ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳପଥ ପ୍ରକଳ୍ପ

# ଜମି ଅଧିଗ୍ରହଣ ପାଇଁ ଖିରେଇଟାଙ୍ଗିରୀରେ ଗ୍ରାମସଭା



ତୁରୁମୁଙ୍ଗା, ୭।୧(ସମିସ): ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପାଟଣା ତହସିଲ ଖିରେଇଟାଙ୍ଗିରୀ ଆରଆଇ ସର୍କଲ ଖିରେଇଟାଙ୍ଗିରୀ ପଞ୍ଚାୟତ ସଭାଗୃହଠାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୁଲତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ଦୈତାରୀ ବାଂଶପାଣି ରେଲୱେ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ କିରଣ ନାଏକ, ଯନ୍ତ୍ରୀ ରାଜକୁମାର ମାଇତି, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଅମିନ ସୁଧାଂଶୁ ଶେଖର ପଲେଇ, ଖିରେଇଟାଙ୍ଗିରୀ ଆରଆଇ ନିବେଦିତା ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାହୁ, ଏଡିଇଓ ପୁରୁଷୋତ୍ତମ ମହାନ୍ତ, ୱାର୍ଡସଭ୍ୟ ପଦ୍ମିନୀ ନାଏକ, ଲୀଳାବତୀ ନାଏକ, ଲାବଣ୍ୟବତୀ ନାଏକ, ଯାତ୍ରୀମଣି ନାଏକ, ଦୈତାରୀ ମହାନ୍ତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ବାଦାମପାହାଡ଼ କେନ୍ଦୁଝରଗଡ଼ ନୂତନ ରେଳପଥ ନିର୍ମାଣ ପାଇଁ ଖିରେଇଟାଙ୍ଗିରୀ ମୌଜାର ମୋଟ ୩୪ ଜଣଙ୍କଠାରୁ ୧୯.୦୬ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ଜମିର ମୂଲ୍ୟ, ଜମିଜମା ସଂକ୍ରାନ୍ତ ଆଲୋଚନା କରାଯାଇଥିଲା। ଖିରେଇଟାଙ୍ଗିରୀ ମୌଜା ଦେଇ ୧.୩ କିଲୋମିଟର ରେଳପଥ ଯାଇଥିବା ବେଳେ ଖିରେଇଟାଙ୍ଗିରୀଠାରେ ଷ୍ଟେସନ ନିର୍ମାଣ ହେବା ନେଇ ଗ୍ରାମବାସୀ ପ୍ରକଳ୍ପକୁ ସ୍ୱାଗତ କରିଛନ୍ତି। ଏହି ନୂତନ ରେଳ ପ୍ରକଳ୍ପର ୮୨.୦୬ କିଲୋମିଟର ରାସ୍ତା ଥିବା ବେଳେ କେନ୍ଦୁଝର ଜିଲ୍ଲା ଦେଇ ୩୪.୬୦ କିଲୋମିଟର ରାସ୍ତା ରହିଛି। କେନ୍ଦୁଝର ସଦର ତହସିଲର ୭ଟି ଗ୍ରାମ ଏବଂ ପାଟଣା ତହସିଲର ୧୪ଟି ଗ୍ରାମରୁ ରେଲୱେ ପକ୍ଷରୁ ଘରୋଇ ଜମି ଅଧିଗ୍ରହଣ ହେବ। ଏହି ପ୍ରକଳ୍ପ ପାଇଁ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ ବୋଲି ଭୂ-ଅର୍ଜନ ଅଧିକାରୀ ଶ୍ରୀ ନାଏକ କହିଛନ୍ତି।

## ହାଟଡ଼ିହୀ ତହସିଲରେ ଅତିରିକ୍ତ ତହସିଲଦାରଙ୍କ ପଦ ଖାଲି

ହାଟଡ଼ିହୀ,୭।୧(ସମିସ): ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କ ପଦ ଖାଲି ପଡ଼ିଛି। ହାଟଡ଼ିହୀ ବ୍ଲକଟି ସର୍ବବୃହତ ବ୍ଲକ ହୋଇଥିବା ବେଳେ ୨୧୮ ଟି ଗାଁ ରହିଛି। ସେହି ଅନୁଯାୟୀ, ଆୟତନ ହିସାବରେ ହାଟଡ଼ିହୀ ତହସିଲ ଅଧୀନରେ ଶତାଧିକ ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ। ପ୍ରତିଦିନ ବିଭିନ୍ନ ଗ୍ରାମର ଲୋକେ ଭିନ୍ନ ଭିନ୍ନ କାର୍ଯ୍ୟ ନେଇ ତହସିଲ କାର୍ଯ୍ୟକୁ ଆସିଥା'ନ୍ତି। ତହସିଲଦାର ଏକା ଏକା ସମସ୍ତ ଦାୟିତ୍ୱ ତୁଲାଇବା ସମ୍ଭବ ହେଉନାହିଁ। ଏଣୁ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ସାଧାରଣ ସେବା





ପାଇବାରେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବ୍‌ରେଜିଷ୍ଟ୍ରାର ଅଧିକାରୀ ଅତିରିକ୍ତ ତହସିଲଦାର ଦାୟିତ୍ୱ ବହନ କରୁଥିବାରୁ ଲୋକେ ଜମି କିଣାବିକା ସମୟରେ ନାହିଁ ନଥିବା ହଇରାଣ ହେଉଛନ୍ତି। ଗତ ୧୬/୧୨/୨୦୨୫ରେ ଚିଠି ନଂ ୪୭୨୬୪ ଅନୁସାରେ ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଜିଲ୍ଲା ମୁଖ୍ୟାଳୟରୁ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା ବେଳେ ଉକ୍ତ ମହିଳା ଅଧିକାରୀ ଜଣଙ୍କ ୨/୧୨/୨୫ଠାରୁ ୬/୦୫/୨୬ ଯାଏଁ ପ୍ରସୂତି ଛୁଟିରେ ରହିଛନ୍ତି। ତେବେ, ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କ ପଦ ଫାଙ୍କା ରହୁଥିବାରୁ ଲୋକମାନେ ସଠିକ୍ ସମୟରେ ସେବା ପାଇପାରୁ ନଥିବା ଅଭିଯୋଗ ହୋଇଛି। ଲୋକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏଠାରେ ତୁରନ୍ତ ଜଣେ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତ କରାଗଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ କୁହାଯାଇଛି।

## କୁମୁଣିଆରେ ଶୀତବସ୍ତ୍ର ପ୍ରଦାନ

ଆନନ୍ଦପୁର, ୭।୧(ସମିସ): ଘଷିପୁରାସ୍ଥିତ ଆଦର୍ଶ ସେବାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ସପ୍ତାହବ୍ୟାପୀ ସମାଜସେବାରେ ନିୟୋଜିତ କରିବା ଉଦ୍ଦେଶ୍ୟ ନେଇ କୁମୁଣିଆ ଗ୍ରାମର ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ଶୀତବସ୍ତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଜେପି ମଣ୍ଡଳ ସଭାପତି ରଞ୍ଜନ ପାତ୍ର, ଯୁବ ସମାଜସେବୀ ଦୈତାରି ମହାକୁଡ, ଧନେଶ୍ୱର ସାହୁ, ରଘୁନାଥ ନାହାକ, ସୌମ୍ୟରଞ୍ଜନ ସାହୁ, ରୁଦ୍ରନାରାୟଣ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଦେଓଗାଁରେ ବ୍ରାହ୍ମଣ ମହାସଭା



ଆନନ୍ଦପୁର, ୭।୧(ସମିସ): ଘସିପୁରା ବ୍ଲକ୍ ଦେଓଗାଁସ୍ଥିତ ବାବା କୁଶଳେଶ୍ୱର ମହାଦେବଙ୍କ ପୀଠରେ ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଭାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରଦୀପ ପଣ୍ଡା ଓ ସଂଯୋଜକ ଚିତ୍ତରଞ୍ଜନ ପତିଙ୍କ ସଂଯୋଜନାରେ ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ବ୍ରାହ୍ମଣ ମହାସଭା ସଭାପତି ଡ. ବିପିନ ବିହାରୀ ମିଶ୍ର, ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ଜିଲ୍ଲା ସମ୍ପାଦକ ପ୍ରସନ୍ନ ନନ୍ଦ, ରଞ୍ଜନ ପାଢ଼ୀ, ପାର୍ଥସାରଥୀ ଆଚାର୍ଯ୍ୟ, ବିଭୁତିଭୂଷଣ ଦାଶ, ରାଜ୍ୟ ଉପସଭାପତି ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ଏଥିରେ ୧୬ ଶାସନ, ୩୨ପଡ଼ା ଶାସନ ଓ ୬୪ଟି ଉପଶାସନର ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ସମାଜର ସୁରକ୍ଷା, ଭବିଷ୍ୟତ ପିଢ଼ିଙ୍କୁ କର୍ମକାଣ୍ଡରେ ପ୍ରବୀଣ କରିବାକୁ ବିଭିନ୍ନ ଶାସନର ପ୍ରତିନିଧି ମତ ରଖିଥିଲେ। ପରେ ସମସ୍ତ ବ୍ରାହ୍ମଣ ଉକ୍ତ ମହାସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଆବାହକ ମଦନ ପାଣି, କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର, ସଂଯୋଜକ ମଦନମୋହନ ମିଶ୍ର, ସମ୍ପାଦକ ପ୍ରଦୀପ ମିଶ୍ର, ଉପଦେଷ୍ଟା ମଧୁସୂଦନ ମିଶ୍ର, ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ, ସହସମ୍ପାଦକ ଭାଗୀରଥୀ ଦାଶ, ଯୋଗେନ୍ଦ୍ର ପଣ୍ଡା, କାଳନ୍ଦୀ ଦାଶ, ଚିତ୍ତରଞ୍ଜନ ଦାଶ, ଚିତ୍ତରଞ୍ଜନ ପତି, ପ୍ରଦୀପ ପଣ୍ଡା, ଧନାନନ୍ଦ ପତି, ଏକାଦଶୀ ପଣ୍ଡା, ହଳଧର ଆଚାର୍ଯ୍ୟ, ଦୈତାରୀ ପଣ୍ଡା, ରମେଶ ପତି, ମନରଞ୍ଜନ ପତି, ବିକାଶ ଦାଶ ଯୋଗ ଦେଇଥିଲେ।

## ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

ଚମ୍ପୁଆ, ୭।୧(ସମିସ): ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଯୁକ୍ତ ୩ ପ୍ରଥମ ବର୍ଷର ଉଭୟ କଳା ଓ ବିଜ୍ଞାନର ୨୩୮ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଏମାନଙ୍କୁ ୫ଟି ବିଭାଗରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ୮ ଦିନ ଧରି ଏହି ତାଲିମ କାର୍ଯ୍ୟକ୍ରମରେ ବିଭାଗୀୟ ସଂଯୋଜକ ଅଧ୍ୟାପିକା ରଂଜିତା ମୁଣ୍ଡା ଏବଂ ଲିକି ବାବୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସାଗରିକା ବେହେରା ଏବଂ ତୁଳସୀ ମୁଣ୍ଡା ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗିରି, ଡ ସୁଜିତ ସାହୁ, ଦୀପ୍ତିରଂଜନ ଖଟୁଆ, ରିତା ଚାତାର ପ୍ରମୁଖ ଯୋଗ ଦେଇଥିଲେ।

## ଜିନ୍ଦଲ ଷ୍ଟିଲ ଓଏଚ୍‌ସି ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିକିତ୍ସା ଭୂଷଣ ସମ୍ମାନ

ଯୋଡ଼ା, ୭।୧(ସମିସ): (ସମିସ) ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟସ୍ଥିତ ଅକ୍ୟୁପେସନାଲ ହେଲଥ ସେଣ୍ଟର (ଓଏଚସି)ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରାମାନନ୍ଦ ପ୍ରସାଦଙ୍କୁ ଜାତୀୟସ୍ତରର ସମ୍ମାନଜନକ ପୁରସ୍କାର ଚିକିତ୍ସା ଭୂଷଣ- ୨୦୨୫ରେ ସମ୍ମାନିତ କରାଯାଇଛି। ଗୁରୁଗ୍ରାମରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ବିହାରର ନଗର ଉନ୍ନୟନ ମନ୍ତ୍ରୀ ଜୀବେଶ ମିଶ୍ର ଓ ବଲିଉଡ଼ ଅଭିନେତା ଚଙ୍କି ପାଣ୍ଡେଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ଓଏଚସି ସମେତ ଡାକ୍ତର ଶ୍ରୀ ରାମାନନ୍ଦ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସସ୍ଥିତ ଓଏଚସି ପରିଚାଳନାର ମଧ୍ୟ ନେତୃତ୍ୱ ନେଉଛନ୍ତି। ଗତ ଜୁନରେ ତୃତୀୟ ମହଲାରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଜଣେ ଶିଶୁର ଜୀବନ ରକ୍ଷାରେ ଡାକ୍ତର ରାମାନନ୍ଦଙ୍କର ପ୍ରମୁଖ ଭୂମିକା ରହିଥିଲା। କୋଭିଡ ସମୟରେ ମଧ୍ୟ ସେ ଅତ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇବା ସହ ୧୦ ହଜାରରୁ ଅଧିକ ଲୋକଙ୍କ ଟୀକାକରଣ କରାଇଥିଲେ। ଏହାପୂର୍ବରୁ ଡାକ୍ତର ରାମାନନ୍ଦ ଅର୍ଦ୍ଧ ସାମରିକ ବଳରେ କାର୍ଯ୍ୟ କରିବା ସହ ନିଜର ଉଲ୍ଲେଖନୀୟ ସେବା ପାଇଁ ଗଭର୍ଣ୍ଣର୍ସ ଗୋଲ୍ଡ ମେଡାଲ ମଧ୍ୟ ପାଇଛନ୍ତି।





## ଆନନ୍ଦପୁର କଲେଜର ଏନ୍‌ଏସ୍‌ଏସ୍ ଶିବିର

ଆନନ୍ଦପୁର, ୭।୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟ ଏନଏସଏସ ଶୀତକାଳୀନ ସ୍ୱତନ୍ତ୍ର ଶିବିର ପୋଷ୍ୟଗ୍ରାମ ସରଦାପୁର ଗ୍ରାମରେ କାର୍ଯ୍ୟକ୍ରମ ଅଧିକାରୀ ଓଜେଲ୍ ପଟ୍ଟନାୟକଙ୍କ ସଂଯୋଜନାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୧୧ ତାରିଖ ପର୍ଯ୍ୟନ୍ତ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏହି ଶିବିରର ଉଦ୍‌ଘାଟନୀ ସମାରୋହରେ ଅତିଥି ରୂପେ ମହାବିଦ୍ୟାଳୟର କର୍ମଚାରୀ ଡ଼ ନିମାଇଁ ଚରଣ ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗ ଦେଇଥିଲେ। ସରଦାପୁର ଉପ୍ରା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଓ ୱାର୍ଡମେମ୍ବର ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ସ୍ୱେଚ୍ଛାସେବୀମାନେ ଗ୍ରାମ ପରିସର ସଫେଇ ସହ ବିଭିନ୍ନ ଅସୁବିଧା ସଂପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସାତଦିନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



ତେଲକୋଇ, ୭।୧(ସମିସ): ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ତେଲକୋଇ ବ୍ଲକ ସଲେଇକେନା ପଞ୍ଚାୟତ ଡିମିରିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥିରୀକୃତ ଏହି ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଚାଷଜମିକୁ ଜଳଯୋଗାଣ ଏବଂ ସେଥିନିମନ୍ତେ ଚାଷୀ କିପରି ସରକାରୀ ପରିଚାଳନା ବ୍ୟବସ୍ଥାରେ ସାମିଲ ହେବେ ସେନେଇ ଆବଶ୍ୟକ ପ୍ରଚାର ପ୍ରସାର କରାଯାଉଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ୨୦ନଂ ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ସମିତିସଭ୍ୟା କବିତା ମାଝୀ, କେନ୍ଦୁଝର କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରେଖା ଚାତାର, ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ଅରୁଣାରାଣୀ ଓରାମ, ତେଲକୋଇ ଥାନା ଆଇଆଇସି ଅଞ୍ଜନ ପାତ୍ର, ତେଲକୋଇ କ୍ଷୁଦ୍ର ଜଳସେଚନ ବିଭାଗର ଏସଡିଓ ପିଥ ସୋରେନ ପ୍ରମୁଖ ଅନ୍ତର୍ଭୁକ୍ତ ରହିଥିଲେ। ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ୧୮ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ସାମିଲ ହୋଇଥିଲେ। ବ୍ଲକର ବିଭିନ୍ନ ହାଇସ୍କୁଲ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ସାମିଲ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କେନ୍ଦୁଝର କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ କିରାଣି ସୁନୀଲ ସେଠୀ ପରିଚାଳନା କରିଥିବା ବେଳେ ସଦର ଏସଡିଓ ସୁକେଶ୍ମିତା ନାୟକ, ତେଲକୋଇ କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ପ୍ରଶାନ୍ତ ଜେନା, ରାଜେଶ ପାତ୍ର ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସୁଭଦ୍ରା ଶକ୍ତିମେଳା ଓ ସ୍ୱଦେଶୀ ମେଳା ପ୍ରସ୍ତୁତି

କେନ୍ଦୁଝର, ୭।୧(ସମିସ): ଆସନ୍ତା ଜାନୁଆରୀ ୧୫ରୁ ୨୧ ପର୍ଯ୍ୟନ୍ତ କେନ୍ଦୁଝରର କାଳିପଡ଼ିଆରେ ଆୟୋଜିତ ହେବ ସୁଭଦ୍ରା ଶକ୍ତି ମେଳା ଏବଂ ସ୍ୱଦେଶୀ ମେଳା। ଏହାର ସଫଳ ଆୟୋଜନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ବିଷୟରେ କେନ୍ଦୁଝର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କାରିଗରମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଇ କେନ୍ଦୁଝର ଜିଲ୍ଲାର କଳା, ସଂସ୍କୃତି, ପାରମ୍ପରିକ ହସ୍ତଶିଳ୍ପ ଏବଂ ଆଦିବାସୀ ଉତ୍ପାଦ ପ୍ରଦର୍ଶନ ଏବଂ ପ୍ରଚାର ପାଇଁ ୨୦୦ଟି ଷ୍ଟଲ ସ୍ଥାପନ କରାଯିବ। ପାରମ୍ପରିକ ଏବଂ ସ୍ଥାନୀୟ ଖାଦ୍ୟକୁ ପ୍ରଦର୍ଶିତ କରୁଥିବା ଏକ ଖାଦ୍ୟ ମହୋତ୍ସବ, ମହିଳା ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ସ୍ୱଦେଶୀ ଉତ୍ପାଦର ପ୍ରୋତ୍ସାହନ ଉପରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ସ୍ଥାନୀୟ ସ୍ୱଦେଶୀ ନିର୍ମିତ ଉତ୍ପାଦ ବ୍ୟବହାରର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସ୍ୱତନ୍ତ୍ର "ସ୍ୱଦେଶୀ ଦୌଡ଼'ମଧ୍ୟ ଯୋଜନା କରାଯାଇଛି। ସମସ୍ତ ବିଭାଗକୁ ଉପଯୁକ୍ତ ସମନ୍ୱୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ସାଂସ୍କୃତିକ ପ୍ରୋତ୍ସାହନ ଏବଂ ଆର୍ଥିକ ସଶକ୍ତୀକରଣ ପାଇଁ ଏହି କାର୍ଯ୍ୟକ୍ରମକୁ ଏକ ପ୍ଲାଟଫର୍ମ କରି ମେଳାର ସଫଳତା ସକାଶେ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି।

## କେବିଏମ୍ ନକ୍‌ଆଉଟ୍ ଫୁଟ୍‌ବଲ: ତେନ୍ତୁଳିଖୁଣ୍ଟି ଏଫ୍‌ସି ଚାମ୍ପିଅନ୍

ତୁରୁମୁଙ୍ଗା,୭।୧(ସମିସ): ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତ ବଳା ଗ୍ରାମରେ ଚାଲିଥିବା କେବିକେ ସ୍ପୋର୍ଟିଂ କ୍ଲବ ମାଝୀ ସାହି ଆନୁକୂଲ୍ୟରେ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ତେନ୍ତୁଳିଖୁଣ୍ଟି ଏଫ୍‌ସି ପେନାଲ୍‌ଟଇ କିକ୍‌ରେ ସହ ମା' ସିନ୍ଦୁରଗୌରୀ ସରାସିଙ୍ଗାକୁ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବରେ ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତଲ ଜିଲ୍ଲା ବିଜେପି ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, ଯୁବନେତା ରଜନୀକାନ୍ତ ମିଶ୍ର, ଜଜପଶି ପଞ୍ଚାୟତ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନାଏକ, ନାଏବ ସରପଞ୍ଚ ରବିକାନ୍ତ ବାରିକ ଯୋଗ ଦେଇଥିଲେ। ରେଫରୀ ଅନନ୍ତ ଚାତାର, ଚୈତନ୍ୟ ପୂର୍ତ୍ତି, ଜୟନ୍ତ ମର୍ମୁ ପରିଚଳନା କରିଥିବା ବେଳେ ଭାଷ୍ୟକାର ଭୋଳାନାଥ ମହାକୁଡ଼, ସଲମନ ମାଝୀ, ରତ୍ନାକର ପୂର୍ତ୍ତି, ଧରମାନନ୍ଦ ନାଏକ ସହଯୋଗ କରିଥିଲେ। କ୍ଲବର ସଭାପତି ଉପେନ୍ଦ୍ର ମାଝୀ, ସମ୍ପାଦକ ଶ୍ରବଣ ମାଝୀ, ଅଜିତ ତ୍ରିପାଠୀଙ୍କ ସହ କମିଟିର ସଦସ୍ୟ ଖେଳ ସହଯୋଗ କରିଥିଲେ।





## ମହାବୀର ସଂଗଠନ ପକ୍ଷରୁ ବସ୍ତ୍ର ବଣ୍ଟନ



ଆନନ୍ଦପୁର, ୭।୧(ସମିସ): ଆନନ୍ଦପୁର ଉପଖଣ୍ଡ ବାଙ୍ଗିଡିସ୍ଥିତ ଗୋଡ଼ିସାହି ଓଁଙ୍କାର ସେବାଶ୍ରମରେ ଥିବା ଛାତ୍ରଛାତ୍ରୀଙ୍କୁ ବସ୍ତ୍ର, ଚପଲ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା ସଂଗଠନ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ସେବାଶ୍ରମର ମୋଟ ୭୦ ଜଣ ପିଲାଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଗୋବର୍ଦ୍ଧନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ସହାୟତା ବଣ୍ଟନ କରାଯାଇଛି। ସଂଗଠନ ପ୍ରତିଷ୍ଠାତା ଗଣେଶ୍ୱର ସାଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁ ମିଳନ ପାଇଁ ସଭାପତି ବାବୁଲି ସାହୁଙ୍କ ପରିଚାଳନାରେ ଆଲୋଚନା କରାଯାଇଥିଲା। ଲିପାଞ୍ଜଳି ଜେନା, ମନସ୍ୱିନୀ ସାହୁ, ଆଦିତ୍ୟ ସାହୁ, ସନ୍ତୋଷ ସ୍ୱାଇଁ, ରାଜେଶ ପରିଡ଼ା, ମନୋଜ ସାହୁ, ମାମୁନି ଜେନା, ହରିହର ସାହୁ, ନାରାୟଣ ଘଡ଼େଇ, ଦିଲ୍ଲୀପ ଜେନା, ନାରାୟଣ ସାହୁ, ପ୍ରଭାତ ଜେନା, ମହେନ୍ଦ୍ର ପାତ୍ର ଏବଂ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ।

## ଜନ୍ତାରିରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର, ୭।୧(ସମିସ): ବାଂଶପାଳ ବ୍ଲକ ବାରାଗୋଡା ପଞ୍ଚାୟତର ଜନ୍ତାରି ଗ୍ରାମରେ ମା' ରଙ୍ଗାପାଟ ଏକାଦଶ କ୍ରିକେଟ କ୍ଲବ ପକ୍ଷରୁ ଗତ ୨୬ ତାରିଖରୁ ଚାଲିଥିବା କ୍ରିକେଟ ମ୍ୟାଚ ୧୬ଟି ଦଳ ମଧ୍ୟରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଡିମ୍ବୋ ଏକାଦଶ ୪୦ ରନ୍‌ରେ ସାନକମୁଣ୍ଡା ଏକାଦଶକୁ ହରାଇ ଚାମ୍ପିଅନ୍ ହୋଇଛି। ଆୟୋଜକ ଅନୁଷ୍ଠାନ ସଭାପତି ପଦ୍ମଲୋଚନ ପାତ୍ର ଉଦ୍‌ଯାପନୀ ସମାରୋହରେ



ସଭାପତିତ୍ୱ କରିଥିଲେ। ତେଲକୋଇ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପାତ୍ର, ପ୍ରାଣବିନ୍ଧୁ ଏବଂ ବିଭୀଷଣ ଯୁଆଙ୍ଗ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମିଥୁନ ନାଏକ ଧନ୍ୟବାଦ ଦେଇଥିଲେ।

## ଆମ୍ବଡହରାରେ ବ୍ଲକ୍‌ସ୍ତରୀୟ ୱାଟର୍‌ସେଡ ମହୋତ୍ସବ





କେନ୍ଦୁଝର, ୭।୧(ସମିସ): ବ୍ଲକସ୍ତରୀୟ ୱାଟରସେଡ ମହୋତ୍ସବ ବାଂଶପାଳ ବ୍ଲକ ତଳକଇଁସାରୀ ପଞ୍ଚାୟତ ଆମ୍ବଡହରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦର ବ୍ଲକର ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସମ୍ମାନିତ ଅତିଥିଭାବେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ସାହୁ, ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ତଳକଇଁସାରୀ ସରପଞ୍ଚ ଶକୁନ୍ତଳା ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ, ଶାନ୍ତିଲତା ରଣା, ତେଲକୋଇ ବିଧାୟକଙ୍କ ପ୍ରତିନିଧି ଉମାଶଙ୍କର ବାରିକ, ସମିତିସଭ୍ୟ ବାସନ୍ତୀ ବେହେରା, ବାଂଶପାଳ ବ୍ଲକ କୃଷି ଅଧିକାରୀ ପ୍ରିୟଙ୍କା ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୋନାଲି ପତି ଏବଂ ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁକାନ୍ତ ସାହୁ ଯୋଗ ଦେଇଥିଲେ। କୃଷି ବିଜ୍ଞାନ ପରିସରରେ ଥିବା ଆଗ୍ରୋ ପଲିଟେକନିକ ସେଣ୍ଟରରେ ମାଟ୍ରିକ ପାସ କରିଥିବା ୧୫ରୁ ୪୫ ବର୍ଷର ଯୁବକଯୁବତୀଙ୍କୁ ସୁଯୋଗ ଉପଲବ୍ଧ ହେଉଥିବା ସୂଚନା ଦେଇଥିଲେ। ପୋଖରୀ ଖନନ, ବୃକ୍ଷରୋପଣ ଆଦି ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ଚିତ୍ରାଙ୍କନ ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଗ୍ରାମରେ ବୃକ୍ଷରୋପଣ ଏବଂ ଜଳ ଅମଳ ପ୍ରକଳ୍ପ ବା କ୍ଷେତ ପୋଖରୀ ଖନନ ପାଇଁ ଭୂମିପୂଜନ କରାଯାଇଥିଲା। ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରଦୀପ ରାଉତ ପରିଚାଳନା କରିଥିବାବେଳେ ସହକାରୀ ନିର୍ଦ୍ଦେଶକ ବନମାଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଙ୍କିରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



କେନ୍ଦୁଝର, ୭।୧(ସମିସ): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କିଠାରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି କଲ୍ୟାଣ ବିଭାଗ, କେନ୍ଦୁଝର ତରଫରୁ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୩୧ଟି ମାଧ୍ୟମିକ ବିଦ୍ୟାଳୟ, ୫୯ଟି ଆଶ୍ରମ ବିଦ୍ୟାଳୟ ଓ ୬ଟି ଅନ୍ୱେଷା ଆବାସିକ ଅନୁଷ୍ଠାନରୁ ପ୍ରାୟ ୧୨୦୦ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଆଇଟିଡିଏ ପି.ଡି ଶିବଶଙ୍କର ମିଶ୍ର ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କିର ଅଧ୍ୟକ୍ଷ ରବିଶଙ୍କର ଚୌଧୁରୀ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୋମନାଥ ଆଇଚ ଓ ବିକାଶ ଶତପଥୀ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ତୀର୍ଥାନନ୍ଦ ସେଠୀ, ସୁରେନ୍ଦ୍ର ନାଏକ, ସରୋଜ ନନ୍ଦ, କୃଷ୍ଣାଞ୍ଜନ ଆଚାର୍ଯ୍ୟ, ଲକ୍ଷ୍ମୀଧର ସାହୁ, ସଚ୍ଚିଦାନନ୍ଦ ଦାଶ, ଲାଲମୋହନ ସର୍ଦ୍ଦାର, ନିଶିକାନ୍ତ କିସ୍କୁ, ସୁଧାକର କୁଅଁରଙ୍କ ସହ କ୍ରୀଡ଼ା ଶିକ୍ଷକ ପରମାନନ୍ଦ ସେଠୀ, ଭରତଚନ୍ଦ୍ର ଦଳେଇ, ଭାଗ୍ୟଲକ୍ଷ୍ମୀ ପାତ୍ର, ସୁମିତ୍ରା ଦାସ, ରଞ୍ଜିତା ମହାନ୍ତ, ପଦ୍ମଲୋଚନ ମହାନ୍ତ, ଜୟଶ୍ରୀ ମହାପାତ୍ର, ପ୍ରକାଶ ବେଜ, ସଞ୍ଜୀବ ବାଙ୍କିରା, ସୁନାଫୁଲ ମହାନ୍ତ, ଅଭିମନ୍ୟୁ ନାଏକ, ବିଭୁତି ଭୂଷଣ ମହାନ୍ତ ସହଯୋଗ କରିଥିଲେ।

## ଓଲଟିଲା ଗୋରୁ ଚମଡ଼ା ଓ ହାଡ଼ ବୋଝେଇ ଗାଡ଼ି

ରାଇରଙ୍ଗପୁର,୭।୧(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଅଞ୍ଚଳର କାଦୁଆଣି ଛକ ନିକଟରେ ଜାତୀୟ ରାଜପଥ ୨୨୦ରେ ଗୋରୁ ଚମଡ଼ା ଓ ହାଡ଼ ବୋଝେଇ ଟାଟା ଏସିଇ ଭ୍ୟାନ୍ ଓଲଟିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଏହି ଗାଡ଼ିଟି ଉକ୍ତ ରାସ୍ତା ଦେଇ ରାଇରଙ୍ଗପୁର ପଟକୁ ଆସୁଥିଲା। ଉକ୍ତସମୟରେକୌଣସିକାରଣପାଇଁଗାଡ଼ିଟିଓଲଟିପଡ଼ିଥିଲା। ଦୁର୍ଘଟଣା ପରେଘଟଣାସ୍ଥଳରୁ ଗାଡ଼ି ଚାଳକ ଓ ସହାୟକ ଫେରାର୍ ହୋଇଯାଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଯାଞ୍ଚ କରିବାରୁ ଗାଡ଼ି ଡାଲାରୁ ଗାଇ ହାଡ଼ ଓ ଚମଡ଼ା ଥିବାର ଦେଖିଥିଲେ। ଯାହାକୁ ସ୍ଥାନୀୟ ଲୋକମାନେ ଗାଡ଼ିକୁ କିଛି ସମୟ ପର୍ଯ୍ୟନ୍ତ ଘେରି ରଖିଥିଲେ। ପୁଲିସ ଗାଡ଼ି ଜବତ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ମାଣତ୍ରୀ ଜାଗରମେଳା ପଡ଼ିଆ ୧୫ ଲକ୍ଷରେ ନିଲାମ

ମାଣତ୍ରୀ,୭।୧(ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀ ଜାଗର ମେଳା ପଡ଼ିଆ ନିଲାମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ବ୍ଲକ୍ କାର୍ଯ୍ୟାଳୟରେ ଜିପିଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା, ମାଣତ୍ରୀ ପଞ୍ଚାୟତ ସରପଞ୍ଚ, ପିଇଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ମେଳା ଫେବୃଆରୀ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଚଳିତ ବର୍ଷ ନିଲାମର ଧାର୍ଯ୍ୟ ଦର ୨୧ଲକ୍ଷ ୧୧ହଜାର ଟଙ୍କା ଥିଲା। ଡିସେମ୍ବର ୭ ତାରିଖ ପ୍ରଥମ ନିଲାମ ତାରିଖ ଥିବାବେଳେ କେହି ନିଲାମ ନ ଡାକିବାରୁ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ଦର ୧୪ଲକ୍ଷ ୯୬ହଜାର ୧୫୦ ଟଙ୍କାକୁ ହ୍ରାସ କରିଥିଲେ। ବୁଧବାର ନିଲାମ ପ୍ରକ୍ରିୟାରେ ଏକମାତ୍ର ପଟ୍ଟାଦାର ଆଶାୟୀ ଭାବେ ସଞ୍ଜୟ କୁମାର ପଣ୍ଡା ୧୫ ଲକ୍ଷ ଟଙ୍କାରେ ନିଲାମ ନେଇ ଆବଶ୍ୟକ ଟଙ୍କା ଜମା କରିଥିଲେ। ଖୁବ୍‌ଶୀଘ୍ର ମେଳା ପାଇଁ ସ୍ଥାନ ଆବଣ୍ଟନ ଆରମ୍ଭ ହେବ ଓ ସୁଲଭ ମୂଲ୍ୟରେ ସ୍ଥାନ ଦୋକାନୀ ଭାଇଙ୍କୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ସୂଚନା ଥାଉକି, ନିଲାମ ଅର୍ଥ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ମଧ୍ୟରେ ଏକ ତୃତୀୟାଂଶ ଅନୁପାତରେ ନିଆଯାଇ ମେଳା ପଡ଼ିଆ ଓ ମନ୍ଦିର ଉନ୍ନତି କାର୍ଯ୍ୟରେ ବିନିଯୋଗ ହୋଇଥାଏ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୈଶିଙ୍ଗା,୭।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଖଇରିବଣି ଉପକଣ୍ଠ ଅଜାଡିହ ଗ୍ରାମ ନିକଟସ୍ଥ ବିଲ ମଝିରେ ଥିବା ଏକ କିଆବୁଦାରେ ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଖଇରିବଣି ଗ୍ରାମର ମୋତିଲାଲ ମହାନ୍ତଙ୍କ ପୁଅ ଆକାଶ ମହାନ୍ତ (୨୦)। ସୂଚନା ମୁତାବକ, ଖଇରିବଣି ଗ୍ରାମର ମୋତିଲାଲ ମହାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ତିକ୍ତତା ଲାଗି ରହିବା କାରଣରୁ ସେମାନେ ବର୍ଷେ ହେବ ଅଲଗା ହୋଇ ରହି ଆସୁଥିଲେ। ତାଙ୍କର ୨ ପୁଅ ଥିବାବେଳେ ଜଣେ ମାଆ ପାଖରେ ବାଲେଶ୍ୱରରେ ଓ ଅନ୍ୟଜଣେ ଗାଁରେ ବାପାଙ୍କ ପାଖରେ ରହୁଥିଲା। ଅନ୍ୟପଟେ ମୋତିଲାଲ୍ ଜଣେ ବସ୍ ହେଲ୍ପର ଭାବେ କାମ କରୁଥିବାବେଳେ ପୁଅ ଆକାଶ ଘରେ ରହି ଘରୋଇ କାମ କରୁଥିଲେ। ପ୍ରତ୍ୟହ ଡ୍ୟୁଟିରୁ ଫେରିବା ପରେ ମୋତିଲାଲ ଓ ତାଙ୍କ ପୁଅ ଆକାଶ ମଧ୍ୟରେ ପ୍ରାୟ ସମୟ ଝଗଡ଼ା ଲାଗେ। ସେହିଭଳି ମଙ୍ଗଳବାର ମଧ୍ୟ ଦିନ ତମାମ କଳହ ଲାଗିଥିବାବେଳେ ମୋତିଲାଲଙ୍କ ଭଉଣୀମାନେ ଆସି ଉଭୟ ବାପ-ପୁଅଙ୍କୁ ବୁଝାସୁଝା କରି ଫେରିଥିଲେ। ତେବେ ଆକାଶ ସନ୍ଧ୍ୟାରୁ ହଠାତ୍ ଘରୁ ବାହାରି ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ବ୍ୟସ୍ତବିବ୍ରତ ହୋଇ ପରିବାର ଲୋକ ରାତିସାରା ଏଣେତେଣେ ଖୋଜାଖୋଜି କରିଥିଲେ ହେଁ ଆକାଶଙ୍କ କିଛି ସନ୍ଧାନ ପାଇ ନ ଥିଲେ। ତେବେ ବୁଧବାର ପୂର୍ବାହ୍ଣରେ ସ୍ଥାନୀୟ ଲୋକ ବିଲକୁ ଯାଉଥିବାବେଳେ ଧାନ ବିଲ ଭିତରେ ଥିବା ଏକ କିଆବୁଦା ଭିତରେ ଆକାଶଙ୍କ ଝୁଲନ୍ତା ମୃତଦେହ ଦେଖି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ଏଏସ୍‌ଆଇ ଶୁଭ୍ରାଂଶୁ ରାଉଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କିଆବୁଦା ଭିତରୁ ଆକାଶଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ପୂର୍ବକ କେସ୍ ନଂ ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଘର ସମ୍ମୁଖରୁ ସ୍କୁଟି ଚୋରି

ରାଇରଙ୍ଗପୁର/କରଞ୍ଜିଆ,୭।୧(ସମିସ): କରଞ୍ଜିଆ ରାମ ଭବନ ନିକଟରୁ ଘର ସମ୍ମୁଖରେ ପାର୍କିଂ ହୋଇଥିବା ସ୍କୁଟିକୁ କେହି ଚୋରି କରିଥିବା ନେଇ କରଞ୍ଜିଆ ଥାନାରେ ଅଭିଯୋଗ ହୋଇଛି। ଏନେଇ ସେକ୍ ଇଲାଇସ୍ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ରାତିରେ ଘର ସମ୍ମୁଖରେ ସ୍କୁଟି ପାର୍କିଂ କରିଥିଲେ। କିନ୍ତୁ ସକାଳୁ ଦେଖିଲା ବେଳକୁ ଉକ୍ତ ସ୍ଥାନରେ ଗାଡ଼ି ନ ଥିଲା। ଅନେକ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ଗାଡ଼ି ନ ପାଇବାରୁ ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। କରଞ୍ଜିଆ ଥାନା ଅଞ୍ଚଳରେ ବାରମ୍ବାର ଗାଡ଼ି ମୋଟର ଚୋରି ନେଇ ଅଭିଯୋଗ ହେଉଛି। ଏଥିପ୍ରତି ପୁଲିସ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

### ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ପରିଚାଳନାରେ ପୁଣି ଅବ୍ୟବସ୍ଥା

# ଅଭାବରେ ଚାଲିଛି ଦୈନନ୍ଦିନ ସେବା ଓ ଭୋଗ

ବାରିପଦା,୭।୧(ସମିସ)



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଜଗନ୍ନାଥ ମନ୍ଦିରରେ ଚାଲିଥିବା ଅର୍ଥାଭାବ ଏବଂ ଅବ୍ୟବସ୍ଥାକୁ ନେଇ ସେବାୟତମାନେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କଡ଼ା ଚେତାବନୀ ଦେଇଛନ୍ତି। ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ଭୋଗ ଏବଂ ନିତ୍ୟକର୍ମ ପାଇଁ

- ତିନିଦିନ ପରେ ଉପାସ ରହିବେ ଠାକୁର
- ୧.୪୫ କୋଟି ଟଙ୍କା ବାକି
- ହାତ ଟେକିଦେଲା ଦେବୋତ୍ତର ବିଭାଗ

ଅର୍ଥର ଅଭାବ ହେତୁ ଠାକୁର ଉପାସରେ ରହିବାର ଆଶଙ୍କା ଦେଖାଦେଇଛି। ମନ୍ଦିରର ପରିଚାଳନାରେ ଗୁରୁତର ତ୍ରୁଟି ଯୋଗୁଁ ସେବାୟତମାନେ ସରକାର ଏବଂ ପ୍ରଶାସନକୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ମନ୍ଦିରର ଇତିହାସ ପ୍ରାୟ ୬୦୦ ବର୍ଷ ପୁରାତନ। ଏହାର ଭୂସମ୍ପତ୍ତି ୪୪ ହଜାର ଏକରରୁ ଅଧିକ ଏବଂ କିଲୋ କିଲୋ ସୁନା ଅଳଙ୍କାରର ମାଲିକ ହୋଇଥିଲେ ମଧ୍ୟ ଆଜି ଦୈନନ୍ଦିନ ଭୋଗ ପାଇଁ ଅର୍ଥ ନାହିଁ। ଯୋଗାଣକାରୀମାନେ ବର୍ଷେ ଧରି ବାକି ଟଙ୍କା ନ ପାଇ ଏବେ ସାମଗ୍ରୀ ଯୋଗାଇବାକୁ ମନା କରିଛନ୍ତି। ଦେବୋତ୍ତର ବିଭାଗ ସରକାରୀ ଅନୁଦାନର ଅପେକ୍ଷାରେ ରହିଛି, ଯେତେବେଳେ ଜବରଦଖଲକାରୀମାନେ ମନ୍ଦିରର ସମ୍ପତ୍ତିକୁ ଭୋଗ କରୁଛନ୍ତି।

ମଙ୍ଗଳବାର ମନ୍ଦିର ପରାମର୍ଶଦାତା କମିଟିର ସଦସ୍ୟମାନେ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ଦେବୋତ୍ତର ଅଧିକାରୀ ଦୟାସିନ୍ଧୁ ପରିଡ଼ାଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। କିନ୍ତୁ କୌଣସି ନିର୍ଣ୍ଣୟ ବାହାରି ନ ଥିଲା। ସାମ୍ବାଦିକ ସମ୍ମିଳନୀରେସେବାୟତସଂଘରସଭାପତିକାମେଶ୍ୱର ତ୍ରିପାଠୀ କହିଛନ୍ତି, ଯଦି ତୁରନ୍ତ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରା ନ ଯାଏ ଏବଂ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ସମସ୍ତ ମଠ ଏବଂ ମନ୍ଦିରର ସେବାୟତମାନେ ରାସ୍ତାକୁ ଓହ୍ଲାଇବେ। ମୁଖ୍ୟ ପୂଜାରୀ ଅରୁଣ କୁମାର ମିଶ୍ର କହିଛନ୍ତି, ମନ୍ଦିରର ସମ୍ପତ୍ତି ଜବରଦଖଲ ହେବାରୁ ରାଜସ୍ୱ ଆୟ ହୋଇପାରୁନାହିଁ। ସରକାର ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ, ନ ହେଲେ ଠାକୁରଙ୍କ ସେବା ବାଧାପ୍ରାପ୍ତ ହେବ। ମୟୂରଭଞ୍ଜ ଜିଲ୍ଲାର ସାଧାରଣ ଜନତା ଏହି ସମସ୍ୟାକୁ ନେଇ ଚିନ୍ତିତ। ସେବାୟତମାନେ ଦାବି କରିଛନ୍ତି ଯେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ନଚେତ୍ ଆନ୍ଦୋଳନ ତୀବ୍ରତର ହେବ। ଏହି ଘଟଣା ମନ୍ଦିର ପରିଚାଳନାରେ ଥିବା ଦୀର୍ଘଦିନର ଅବ୍ୟବସ୍ଥାକୁ ପ୍ରକାଶ କରୁଛି। ସରକାରୀସ୍ତରରେ ଏହାର ସମାଧାନ ନ ହେଲେ ଭକ୍ତମାନଙ୍କ ଭାବନାରେ ଆଘାତ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି।

● ମୟୂରଭଞ୍ଜ ଜିଲ୍ଲାରେ ପୁଲିସର କଡ଼ା ନାକା ଚେକିଂ

## ୨୭୫ ଯାନବାହନ ଯାଞ୍ଚ; ୪.୬୯ ଲକ୍ଷ ଜରିମାନା ଆଦାୟ

ବାରିପଦା,୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ପୁଲିସ ମଙ୍ଗଳବାର ସନ୍ଧ୍ୟା ୬ରୁ ରାତି ୧୦ଟା ଯାଏ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବ୍ଲକିଂ ଓ ନାକା ଚେକିଂ କରି ୨୭୫ଟି ଯାନବାହନ ଯାଞ୍ଚ କରିଛନ୍ତି। ଚାଳକମାନଙ୍କଠାରୁ ମୋଟ୍ ୪ଲକ୍ଷ ୫୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଟ୍ରାଫିକ୍ ନିୟମ ପାଳନ କରାଇବା, ଗୋରୁ ଓ ଅନ୍ୟାନ୍ୟ ପଶୁଙ୍କ ଅବାଧ ପରିବହନ ରୋକିବା, ଖଣିଜ ପଦାର୍ଥର ଚୋରା ପରିବହନ ଧରିବା, ମଦ ଓ ଏନ୍‌ଡିପିଏସ୍ ମାମଲା ଚିହ୍ନଟ କରିବା ଏବଂ ଅସାମାଜିକ ଓ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ନେଇ ଚେକିଂ ଅନୁଷ୍ଠିତ ହୋଇଥିଲା। ୬ଜଣ ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା ରୁଜୁ ସହିତ ବେଆଇନ ମଦ କାରବାର ନେଇ ୭ଟି ମାମଲା ରୁଜୁ କରି ୮୧ ଲିଟର ଦେଶୀ ମଦ, ୪.୬ ଲିଟର ବିଦେଶୀ ମଦ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ସେହିପରି ଅବାଧ ଖଣିଜ ପରିବହନରେ ମଧ୍ୟ ବଡ଼ ସଫଳତା ମିଳିଛି। ୨ଟି ହାଇୱା ଟ୍ରକ୍ ଓ ୨ଟି ବାଲି ବୋଝେଇ ଟ୍ରାକ୍ଟର ଏବଂ ୧ଟି ମୋରମ୍ ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଏ ସମ୍ପର୍କରେ ମାମଲା ମଧ୍ୟ ରୁଜୁ ହୋଇଛି। ଜିଲ୍ଲା ପୁଲିସ ଏହି ଅଭିଯାନକୁ ନିୟମିତ ଭାବେ ଜାରି ରଖିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି। ଅପରାଧ ଓ ଅବାଧ କାରବାର ଉପରେ କଡ଼ା ନଜର ରଖାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଧରଣର ଅଭିଯାନ ଜିଲ୍ଲାରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣ ଲୋକେ ପ୍ରଶଂସା କରିଛନ୍ତି।

## ବିଦ୍ୟୁତ୍ ଯୋଗାଣ ଦାବିରେ ବିକ୍ଷୋଭ ଓ ଗଣଧାରଣା



କେନ୍ଦୁଝର/ଶରତ,୭।୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ସାମୁକାନେଣ୍ଡି ଗ୍ରାମ ପଞ୍ଚାୟତର ୪୦୦ରୁ ଊର୍ଦ୍ଧ୍ୱ ପରିବାର ଆଜିପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଭଳି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ଗ୍ରାମ ପଞ୍ଚାୟତର ସମସ୍ତ ପରିବାରକୁ ବିଦ୍ୟୁତ୍ ସେବା ଯୋଗାଇଦେବା ଦାବିରେ ବୁଧବାର ପଞ୍ଚାୟତବାସୀଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରାଯାଇଛି। ଗଣଧାରଣା ପରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ପଞ୍ଚାୟତର ସମସ୍ତ ପରିବାରକୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳେ ଜମିପଟ୍ଟା ପ୍ରଦାନ ଦାବି, ବାସହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ଦାବି, ଉକ୍ତ ପଞ୍ଚାୟତର ନଟିଆ, ବରଗୋଠ, ଆମ୍ବଡାହି ଏବଂ ବାଇବୁରୁ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଆଦି ପ୍ରମୁଖ ଦାବି ରହିଥିଲା। ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ "ଶରତ ବିକାଶ ମଞ୍ଚ' ଓ ସାମୁକାନେଣ୍ଡି ଗ୍ରାମ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଗଣଧାରଣାରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ନବୀନ ମୁଣ୍ଡୁରୀ, ଜାମାଦାର ବାଲମୁଚୁ, ନାଏବ ସରପଞ୍ଚ ନାଥରାମ ଦରାଇ, ନିରଞ୍ଜନ ତିରିଆ, କ୍ରିଷ୍ଣା ନାଏକ, ଦୁର୍ଯ୍ୟୋଧନ ଚାତାର, ଜଟ ପୂର୍ତ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜାନୁଆରୀ ମାସ ତୃତୀୟ ସପ୍ତାହରେ ଓଡ଼ିଶା ବିଧାନସଭା ଘେରଉ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ମେଧା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୭।୧(ସମିସ): ପାଟଣା ବ୍ଲକ ଚେମଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ତଥା ଚେମଣା ଗ୍ରାମର ରାଜକିଶୋର ମହାନ୍ତ ଓ ନିରମଣି ମହାନ୍ତଙ୍କ ଝିଅ ଶୁଭଜ୍ୟୋତି ମହାନ୍ତ ୨୦୨୫ ବ୍ଲକସ୍ତରୀୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ବୁଧବାର ବିଦ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବରେ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ ଏବଂ ସମ୍ମାନିତ ଅତିଥି ତୁରୁମୁଙ୍ଗା କ୍ଲଷ୍ଟର ଲିପଟନ୍ ସାହୁ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ସାହୁ, ସହକାରୀ ଶିକ୍ଷକ ତରଣୀସେନ ପାତ୍ର, ଦେବାଶିଷ ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ କୃତାଞ୍ଜଳି ଦାସ ଛାତ୍ରୀ ଶୁଭଜ୍ୟୋତି ମହାନ୍ତଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ସମାଜସେବୀଙ୍କ ପରଲୋକ




ବଡବିଲ,୭।୧(ସମିସ): ବଡବିଲ ସହରର ଜଣାଶୁଣା ସମାଜସେବୀ ତଥା କ୍ରୀଡ଼ାବିତ୍ ପ୍ରତାପ ଦାସଙ୍କର ୭୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ବଡବିଲ ବଡବିଲ ଜାତୀୟ ଦିବସ ପାଳନ ସମିତିର ଅଧ୍ୟକ୍ଷ, ସାହିତ୍ୟ ଘର ସଭାପତି, କେନ୍ଦୁଝର ଜିଲ୍ଲା ବାସ୍କେଟବଲ୍ ସଂଘର କାର୍ଯ୍ୟକାରୀ ସଭାପତି, ଭାରତ ବିକାଶ ପରିଷଦ ବଡବିଲ ପ୍ରାନ୍ତର ସଭାପତି ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ବଡବିଲ ମହୋତ୍ସବ ଓ ଜାତୀୟ ଦିବସ ପାରେଡ ପରିଚାଳନାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। କିଛି ଦିନ ହେବ କିଡନୀଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସିତ ହେଉଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

କେନ୍ଦୁଝର,୭।୧(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ ଓ ପ୍ରାଣୀସମ୍ପଦ ମେଳା ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ମତ୍ସ୍ୟ ଉପନିର୍ଦ୍ଦେଶକ ପ୍ରମୋଦ ରାଉତ, କେନ୍ଦୁଝରଗଡ଼ ପୌରନିର୍ବାହୀ ଅଧିକାରୀ ଲଳିତ ନାୟକ, ଆନନ୍ଦପୁର ସହକାରୀ ପ୍ରାଣୀ ଅଧିକାରୀ ଚିନ୍ମୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦୁଝର ସହରରେ ବୁଲୁଥିବା ଗୋରୁ ଓ କୁକୁରଙ୍କୁ ଧରିବା ପାଇଁ ଆବଶ୍ୟକ ଏକ ଗାଡ଼ି କିଣିବା ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ସିଡିଭିଓ ୨୫ ଲକ୍ଷ ଟଙ୍କାର ଏକ ଚେକ୍ କେନ୍ଦୁଝରଗଡ଼ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଚାଷୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ସହକାରୀ ମତ୍ସ୍ୟାଧିକାରୀ ବିରେନ ନାୟକ ଧନ୍ୟବାଦ ଦେଇଥିଲେ। କୁକୁଡ଼ା ପାଳନ କ୍ଷେତ୍ରରେ କୃତିତ୍ୱ ପାଇଁ ଘଟଗାଁ ବ୍ଲକର ଦୀପାଳି ମହାରଣା, ଛେଳି ଓ କୁକୁଡ଼ା ଖାଦ୍ୟ ପାଇଁ ସଦର ବ୍ଲକ କାଠବାଉଁଶୁଳିର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟ ପୋଖରୀ ଯୋଜନା ପାଇଁ ହାଟଡିହି ବ୍ଲକର ଇନ୍ଦ୍ରମଣି ସା, ବାଇଓଫ୍ଲକ୍ସ ପାଇଁ ଘସିପୁରା ବ୍ଲକର ସଂଯୁକ୍ତା ପହି, ଗୋ ଆହେଡ଼ ପାଇଁ ବିଭିନ୍ନ ଉଦ୍ୟୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଷ୍ଟଲ ଭାବରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ବିଭାଗର ମୋଟ ୨୭ଟି ଷ୍ଟଲ ପଡିଥିଲା। ଚାଷୀ ଓ ବୈଜ୍ଞାନିକଙ୍କୁ ନେଇ ପ୍ରଶ୍ନୋତ୍ତର କରାଯାଇଥିଲା। ବିଭିନ୍ନ କଳା ଓ ସାଂସ୍କୃତିକ ସଂଘ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମୁଷାଖୋରୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟାଙ୍କ ବିୟୋଗ



ତୁରୁମୁଙ୍ଗା, ୭।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଷାଖୋରୀ ପଞ୍ଚାୟତ ପୂର୍ବତନ ସମିତିସଭ୍ୟା ଯଶୋଦା ସେଠୀଙ୍କ ୮୦ ବର୍ଷ ବୟସରେ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସଚିଦାନନ୍ଦ ସେଠୀ, ବୋହୂ ରଶ୍ମିରେଖା, ଝିଅ ଭଗବତୀଙ୍କ ସହ ନାତିନାତୁଣୀ ଉପସ୍ଥିତ ଥିଲେ। ମୁଷାଖୋରି ସରପଞ୍ଚ ଭାମାମଣି ଦାସ, କଂଗ୍ରେସ ନେତା ଦିଲ୍ଲୀପ ଦାଶ, ସାମାଜିକ କର୍ମୀ ସଞ୍ଜୀବ ମହାନ୍ତ, ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ, ଅବସରପ୍ରାପ୍ତ ଏବିଇଓ ଧରଣୀଧର ଦାସ, ଶିକ୍ଷକ ପାର୍ଥସାରଥୀ ବେଜ, ଶିକ୍ଷକ ନେତା ବୀରମୋହନ ଦ୍ୱିବେଦୀ, ସନ୍ତୋଷ ନାଏକ, ପ୍ରମୋଦ ମହାନ୍ତ ଜ୍ୟୋତିର୍ମୟ ତ୍ରିପାଠୀ ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ନିଖିଳ ଉତ୍କଳ ଶିକ୍ଷକ ସଂଘ ଜିଲ୍ଲା ସଂପାଦକ କମଳାକାନ୍ତ ପତି, ସାମାଜିକ କର୍ମୀ ଅରୁଣ ବେଜ, ଅନାଦି ମହାନ୍ତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଥିଲେ। ବୁଧବାର ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଅନ୍ତ୍ୟୋଷ୍ଟି କ୍ରିୟା ସଂପନ୍ନ ହୋଇଥିବା ବେଳେ ପୁଅ ସଚିଦାନନ୍ଦ ସେଠୀ ମୁଖାଗ୍ନି ଦେଇଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ,୭।୧(ସମିସ): ଗଣମାଧ୍ୟମରେ ବେଆଇନ ବାଲି ଚାଲାଣ ନେଇ ବାରମ୍ବାର ଖବର ପ୍ରସାରଣ ପରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ପୁଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଇତି ମଧ୍ୟରେ କରଞ୍ଜିଆ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପାଟ୍ରୋଲିଂବେଳେ କୁଦାରସାହି ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ ଉକ୍ତ ଗ୍ରାମାଞ୍ଚଳରେ ପୁଲିସ ଟିମ୍ ଚଢ଼ଉ କରିଥିଲେ। ପାଟ୍ରୋଲିଂ ଗାଡ଼ି ଦେଖି ଟ୍ରାକ୍ଟରର ଚାଳକ ଜଣକ ରାସ୍ତା ମଝିରେ ଟ୍ରଲି ଛାଡ଼ିକି କେବଳ ଟ୍ରାକ୍ଟର ନେଇ ଚମ୍ପଟ ମାରିଥିଲେ। ପୁଲିସ ତାହାକୁ ପିଛା କରି ଜବତ କରିଛି। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। କୌଣସି କାଗଜପତ୍ର ନ ଥିବାବେଳେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଟ୍ରାକ୍ଟର ମାଲିକ କରଞ୍ଜିଆ ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମର ଶ୍ରୀହରି ମହାନ୍ତ (୪୦) ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ପୁଲିସ ପକ୍ଷରୁ କରଞ୍ଜିଆ ଥାନାରେ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

## ସଡ଼କ ସୁରକ୍ଷା ମାସ ପାଳନର ସଚେତନତା ପଦଯାତ୍ରା

ବଡ଼ବିଲ, ୭।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ଅବସରରେ ସହର ମଧ୍ୟରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଆରମ୍ଭ କରିବା ସହ ଜନତାଙ୍କୁ ହେଲମେଟ ପିନ୍ଧିବା, ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଯାନ ଚଳାଇବାରୁ ବିରତ ରହିବା ସହ ଯାତାୟାତ ନିୟମକୁ ମାନିବା ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ, ତହସିଲଦାର ରାକେଶ ପଣ୍ଡା, ପୌରନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ଥାନାଧିକାରୀ ଅଶୋକ ନାୟକଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଡ଼କ ପରିବହନ ଅଧିକାରୀ ବିଶ୍ୱରଂଜନ ସାହୁ, ଏମଭିଆଇ ଅରୁଣ ସାହୁ ଓ ପରିବହନ ବିଭାଗର କର୍ମଚାରୀ, ପୁଲିସ ପ୍ରଶାସନ ଓ ସହରବାସୀ ଯୋଗ ଦେଇଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ଚମ୍ପୁଆ/ତୁରୁମୁଙ୍ଗା/ଆନନ୍ଦପୁର, ୭।୧(ସମିସ)

ଚମ୍ପୁଆ ବ୍ଲକ ଜ୍ୟୋତିପୁର ନୋଡାଲ ଉଚ୍ଚବିଦ୍ୟାଳୟଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ସରପଞ୍ଚ ସ୍ନେହଲତା ନାଏକ, ଜିଲ୍ଲା ପରିଷଦ ସଭ୍ୟା ରମଣୀ ନାଏକ, ସାଂସଦ ଓ ବିଧାୟକ ପ୍ରତିନିଧି ସିଦ୍ଧାର୍ଥ ସିଂ ଓ ଭାବଗ୍ରାହୀ ମହାନ୍ତ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁବାଳା ଦାସ ଏହି ଭିତ୍ତିପ୍ରସ୍ତର ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଦୁଷ୍ମନ୍ତ ବାରିକ, ଭରତ ପଣ୍ଡା, ଶିକ୍ଷୟିତ୍ରୀ ଜୋସ୍ନାରାଣୀ ତ୍ରିପାଠୀ, ଗାୟତ୍ରୀ ଦାସ, ଶୁଭସ୍ମିତା ନାଏକ ସହଯୋଗ କରିଥିବା ବେଳେ ଶିକ୍ଷକ ସୁଦାମା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

ସେହିପରି କେନ୍ଦୁଝର ଜିଲ୍ଲାରେ ୧୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ଘସିପୁରା ବ୍ଲକର ମଦନପୁର ଓ ପଣ୍ଡୁଆଠାରେ ଖୋର୍ଦ୍ଧା ଜିଲ୍ଲା ବାଣପୁରରୁ ମୁଖ୍ୟମନ୍ତ୍ରୀ





ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସିଧାସଳଖ ପ୍ରସାରଣ କରାଯାଇ ବିଦ୍ୟାଳୟ ଭିତ୍ତିପ୍ରସ୍ତର ଉନ୍ମୋଚନ କରାଯାଇଛି। ମଦନପୁରଠାରେ ଏହି ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ସରପଞ୍ଚ ହିମାଂଶୁ ଜେନା, ସମିତିସଭ୍ୟା ମାମିନା ସାହୁ, ପୂର୍ବତନ ସରପଞ୍ଚ ହିମାଂଶୁ କୁଅଁର, ବିଇଓ ସଦ୍ୟସ୍ମାନ ପଣ୍ଡା ଏବଂ ପଣ୍ଡୁଆରେ ବରିଷ୍ଠ ନାଗରିକ ଗଣେଶ୍ୱର ସାହୁ, କେନ୍ଦୁଝର ଏମପିଙ୍କ ପ୍ରତିନିଧି ଶୁଭେନ୍ଦୁ ଚକ୍ର, ଏବିଇଓ ବସନ୍ତ ନାୟକ, ବରିଷ୍ଠ ବିଜେପି ନେତା ବସନ୍ତ ଚକ୍ର, ଅଜିତ ଜେନାଙ୍କ ସମେତ ଉଭୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମିରିଂସିଙ୍ଗାରେ ପଞ୍ଚାୟତପ୍ରତିନିଧିଙ୍କ ବନ୍ଧୁ ମିଳନ




ଯୋଡ଼ା, ୭।୧(ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ମିରିଂସିଙ୍ଗା ବୈତରଣୀ ନଦୀକୂଳରେ ପଞ୍ଚାୟତ ସମିତି ପ୍ରତିନିଧିଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ନୂଆ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ। ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ସଭା ପରିଚାଳନା କରିଥିଲେ। ଯୋଡ଼ା ଓ ଚମ୍ପୁଆ ବ୍ଲକ ମଧ୍ୟରେ ସଂଯୋଗ ନିମନ୍ତେ ମିରିଙ୍ଗସିଙ୍ଗଠାରେ ବୈତରଣୀ ନଦୀ ଉପରେ ନିର୍ମାଣାଧୀନ ପୋଲ କିପରି ଶୀଘ୍ର ସମ୍ପୂର୍ଣ୍ଣ ହୋଇ ଜନସାଧାରଣଙ୍କ କାର୍ଯ୍ୟରେ ଆସିପାରିବ ସେନେଇ ଆଲୋଚନା କରାଯାଇଥିଲା। ମିରିଂସିଙ୍ଗ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ଦାବି କରିଥିଲେ।

# ରାସ୍ତାକୁ ବୁଲା କୁକୁର ମୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭ ।୧(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ବୁଲା କୁକୁରଙ୍କ ମାମଲାରେ ଏକ ଶୁଣାଣି କରିଥିଲେ। କୋର୍ଟରେ ବିତର୍କ ସମୟରେ କକୁରଙ୍କ ଆଚରଣ ଓ କୁକୁରଙ୍କୁ ନେଇ ନୂଆ ଶବ୍ଦ ଶୁଣିବାକୁ ମିଳିଥିଲା। ଶୁଣାଣିରେ ବୁଲା କୁକୁରଙ୍କୁ ନେଇ କୋର୍ଟ କଠୋର ଆଭିମୁଖ୍ୟ ପୋଷଣ କରିଥିଲେ। କୋର୍ଟ କଠୋର ମନ୍ତବ୍ୟ ଦେଇ ପଚାରିଥିଲେ ଯେ, ଜନସାଧାରଣ କେତେଦିନ କୁକୁରଙ୍କ ଯୋଗୁଁ କଷ୍ଟ ଭୋଗିବେ। ଜଷ୍ଟିସ ବିକ୍ରମ ନାଥ, ସନ୍ଦୀପ ମେହେଟା ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାରୁ ଶୁଣାଣି କରିଥିଲେ। ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ, 'ଏହା କେବଳ କାମୁଡା ବିଷୟରେ ନୁହେଁ, କୁକୁରମାନେ ମଧ୍ୟ ବିପଦ ସୃଷ୍ଟି କରନ୍ତି। ଦୁର୍ଘଟଣା ମଧ୍ୟ ଏକ ବିପଦ। ରାସ୍ତାଗୁଡିକୁ ବୁଲାକୁକୁରଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ। ଆପଣ ସେମାନଙ୍କୁ କିପରି ଚିହ୍ନଟ କରିବେ? ସକାଳୁ ସକାଳୁ କେଉଁ କୁକୁରର କି ମନୋଭାବ ଅଛି ତାହା ଆପଣ କହିପାରିବେ ନାହିଁ। ନକାମୁଡିଲେ ମଧ୍ୟ କୁକୁର ଦୁର୍ଘଟଣା ଘଟାଉଛନ୍ତି। ରାସ୍ତା, ସ୍କୁଲ, ବିଭିନ୍ନ ପ୍ରତିଷ୍ଠାନ କୁକୁରମାନଙ୍କ କ'ଣ ଆବଶ୍ୟତା ଅଛି ବୋଲି କୋର୍ଟ କହିଥିଲେ। ଶୁଣାଣିରେ ବୁଲା କୁକୁରଙ୍କ ସପକ୍ଷରେ ବରିଷ୍ଠ ଓକିଲ କପିଲ ସିବଲ ତର୍କ ଦେଇ କହିଥିଲେ ଯେ, ମୁଁ ମନ୍ଦିର ଗଲା ବେଳେ ମୋତେ କୌଣସି କୁକୁର କାମୁଡି ନାହାନ୍ତି। ଏହାର ଉତ୍ତରରେ କୋର୍ଟ କହିଥିଲେ ଯେ, ତୁମେ ବହୁତ ଭାଗ୍ୟବାନ। କିନ୍ତୁ ଲୋକ, ପିଲାମାନଙ୍କୁ କୁକୁର କାମୁଡୁଛନ୍ତି। ଲୋକେ ମରୁଛନ୍ତି ମଧ୍ୟ। ସିବଲ କୁକୁରଙ୍କ ବନ୍ଧ୍ୟାକରଣକୁ ନେଇ ତର୍କ ଦେଇଥିଲେ। ତେବେ କୋର୍ଟ ଏଥିରେ ସନ୍ତୁଷ୍ଟ ହୋଇ ନଥିଲେ। ବୁଧବାର ପାଖାପାଖି ଅଢେଇ ଘଣ୍ଟା ଏ ନେଇ ଶୁଣାଣି ଚାଲିଥିଲା। ଗୁରୁବାର ପରବର୍ତ୍ତୀ ଶୁଣାଣି ହେବ।

# ଧୂରନ୍ଧର ସର୍ବାଧିକ ଆୟକାରୀ ଭାରତୀୟ ସିନେମା

ନୂଆଦିଲ୍ଲୀ, ୭ ।୧(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଅକ୍ଷୟ ଖାନ୍ନା, ରଣବୀର ସିଂହଙ୍କ ଅଭିନୀତ ବଲିଉଡି ସିନେମା ଧୂରନ୍ଧର ବକ୍ସ ଅଫିସରେ ଇତିହାସ ସୃଷ୍ଟି କରିଛି। ମାତ୍ର ଗୋଟିଏ ଭାଷା ହିନ୍ଦୀରେ ମୁକ୍ତିଲାଭ କରିଥିବା ଏହି ସିନେମା ମୁକ୍ତିଲାଭ କରିବାର ୩୨ତମ ଦିନରେ ଏପର୍ଯ୍ୟନ୍ତ ମୋଟ ଉପରେ ୧, ୨୫୩.୮ କୋଟି ଟଙ୍କା ଆୟ କରି ବଲିଉଡ ଇତିହାସରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି କ୍ରମରେ ଧୂରନ୍ଧର ପୁଷ୍ପା, ଜୱାନ, ପଠାନ ଓ କେଜିଏଫ୍‌କୁ ପଛରେ ପକାଇଛି। ଜାନୁଆରୀ ୬ରେ ଧୂରନ୍ଧର ଘରୋଇ ବକ୍ସ ଅଫିସ୍‌ରେ ୫.୭୦ କୋଟି ଟଙ୍କା ଆୟ କରିଛି। ଫଳରେ ଏହି ସିନେମା କେବଳ ଭାରତରେ ମୋଟ୍ ଉପରେ ୮୩୧. ୪୦ କୋଟି ଟଙ୍କା ଆୟ କରିଛି। କିନ୍ତୁ ସାରା ବିଶ୍ୱରେ ଏହା ମୋଟ ଉପରେ ୧, ୨୫୩.୮ କୋଟି ଟଙ୍କା ଆୟ କରିଛି। ଧୂରନ୍ଧର ଡିସେମ୍ବର ୫ରେ ବିଭିନ୍ନ ଥିଏଟରରେ ମୁକ୍ତିଲାଭ କରିଥିଲା। ପ୍ରଥମ ସପ୍ତାହରେ ଧୂରନ୍ଧର ୨୧୮, ଦ୍ୱିତୀୟ ସପ୍ତାହରେ ୨୬୧.୫୦, ତୃତୀୟ ସପ୍ତାହରେ ୧୮ ୯.୩୦, ଚତୁର୍ଥ ସପ୍ତାହରେ ୧୧୫.୭୦, ପଞ୍ଚମ ସପ୍ତାହରେ ୩୫.୮୦ କୋଟି ଟଙ୍କା ଆୟ କରିଛି। ସେହିପରି ଏହା ସୋମବାର ଅର୍ଥାତ ୩୨ତମ ଦିନରେ ୫.୪୦ ଓ ମଙ୍ଗଳବାର ୫.୭୦ କୋଟି ଟଙ୍କା ଆୟ କରିଥିଲା। ଏଥିରେ ଅକ୍ଷୟ, ରଣବୀରଙ୍କ ସମେତ ସଞ୍ଜୟ ଦତ୍ତ, ଆର ମାଧବନ ଓ ଅର୍ଜୁନ ରାମପାଲ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ସିନେମାର ସିକ୍ୱେଲ ୨୦୨୬ ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ। ଏହା ହିନ୍ଦି ସମେତ ତାମିଲ, ତେଲଗୁ, କନ୍ନଡ ଓ ମାଲାୟଲମରେ ମୁକ୍ତିଲାଭ କରିବ। ଧୂରନ୍ଧର ୨୫୦-୩୦୦ କୋଟି ଟଙ୍କା ନିର୍ମାଣ କରାଯାଇଥିଲା।

# ଫିଲିପାଇନ୍ସରେ ୬.୭ ତୀବ୍ରତାର ଭୂକମ୍ପ

ମାନିଲା, ୭ ।୧(ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ଦେଶ ଫିଲିପାଇନ୍ସରେ ବୁଧବାର ସକାଳେ ୬.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଏ ନେଇ ସୂଚନା ଦେଇଛି। ପ୍ରଥମେ ୬.୪ ତୀବ୍ରତାର ଭୂକମ୍ପ ହୋଇଥିଲା ଓ ଏହାର କେନ୍ଦ୍ର ୫୮.୫ କିମି ଗଭୀରରେ ଥିଲା। ଏହା ସାଣ୍ଟିଆଗୋ ସହରଠାରୁ ୨୭ କିମି ଦୂରରେ ଅନୁଭୂତ ହୋଇଥିଲା ବୋଲି କୁହାଯାଇଥିଲା। ତେବେ ଭୂକମ୍ପ କାରଣରୁ ସୁନାମୀ ସତର୍କତା ଜାରି କରାଯାଇନାହିଁ ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ଏଥିରେ କୌଣସି ଧନଜୀବନ କ୍ଷତି ହୋଇଥିବାର ରିପୋର୍ଟ ମିଳିନାହିଁ। ଭୂକମ୍ପ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ସମୁଦ୍ରରେ କୌଣସି ଲହରି ଉଠିବାର ଆଶଙ୍କା ନାହିଁ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଫିଲିପାଇନ୍ସ ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ। ଏଠାରେ ଟେକ୍ଟୋନିକ ପ୍ଲେଟ୍ କାରଣରୁ ପ୍ରାୟତଃ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ। ଏଠରେ ଶକ୍ତିଶାଳୀ ଭୂକମ୍ପ ହେବା ଏକ ସାଧାରଣ କଥା ବୋଲି ବିବେଚନା କରାଯାଏ।

# ମହାରାଷ୍ଟ୍ର କଂଗ୍ରେସ ନେତା ହିଦାୟତୁଲ୍ଲାଙ୍କୁ ହତ୍ୟା

ଅକୋଲା, ୭ ।୧(ଏଜେନ୍ସି): ମହାରାଷ୍ଟ୍ର କଂଗ୍ରେସ ଉପ-ସଭାପତି ହିଦାୟତୁଲ୍ଲା ପଟେଲଙ୍କୁ ହତ୍ୟା କରାଯାଇଛି। ମଙ୍ଗଳବାର ଅକୋଲା ଜିଲ୍ଲାରେ ଏକ ମସଜିଦ୍‌ରେ ନମାଜ ପାଠ କରିବା ପରେ ଛୁରି ଭୁଶି ଆକ୍ରମଣ କରାଯାଇଥିଲା। ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ବୁଧବାର ସେ ମୃତ୍ୟୁବରଣ କରିଛନ୍ତି। ପୁଲିସ ଅଭିଯୁକ୍ତ ଉବେଦ ଖାନ୍ କାଲୁ ଓରଫ ରଜିକ ଖାମ୍ ପଟେଲଙ୍କୁ ଗିରଫ କରିଛି। ପୁରୁଣା ଶତ୍ରୁତାକୁ ଆଧାର କରି ଏହି ତାଙ୍କୁ ଆକ୍ରମଣ କରାଯାଇଥିଲା ବୋଲି କୁହାଯାଇଛି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ପଟେଲ ମୋହଲା ଗାଁର ମସଜିଦକୁ ଦ୍ୱିପହରରେ ନମାଜ ପାଠ କରିବାକୁ ଯାଇଥିଲେ। କିନ୍ତୁ ଅପରାହ୍ଣ ୧.୩୦ରେ ମସଜିଦ୍‌ରୁ ବାହାରିବା ମାତ୍ରେ ହିଁ ଅଭିଯୁକ୍ତ ତାଙ୍କୁ ଗଳା ଓ ଛାତିରେ ବାରମ୍ବାର ଛୁରିରେ ଭୁଶିବାକୁ ଲାଗିଥିଲେ। ଏହାପରେ ସ୍ଥାନୀୟ ଲୋକ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସା କରାଯାଉଥିବା ବେଳେ ସେ ପ୍ରାଣ ହରାଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ପୁଲିସ ପ୍ରମାଣ ଏକାଠି କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ରାତି ୮ଟାରେ ନିକଟବର୍ତ୍ତୀ ଏକ ଗାଁରେ ପୁଲିସ ଗିରଫ କରିଥିଲା।

## 'ଅପରେସନ ସିନ୍ଦୂର'କୁ ନେଇ ଆମେରିକା କମ୍ପାନୀର ଦାବି

# ସଂଘର୍ଷ ବନ୍ଦ ପାଇଁ ୬୦ ଥର ଗୁହାରି କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଆମେରିକା ଜାରି କରିଥିବା ଫରେନ ଏଜେଣ୍ଟସ ରେଜିଷ୍ଟ୍ରେସନ ଆକ୍ଟ (ଫାରା)ର କାଗଜପତ୍ରରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ଗତ ବର୍ଷ ଭାରତ କରିଥିବା 'ଅପରେସନ ସିନ୍ଦୂର' ସମ୍ପର୍କରେ ଅନେକ ସୂଚନା ଦିଆଯାଇଛି। ଭାରତର କାର୍ଯ୍ୟାନୁଷ୍ଠାନକୁ ଦେଖି ପାକିସ୍ତାନ ଭୟଭୀତ ହୋଇଯାଇଥିଲା ବୋଲି କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକାରେ ଥିବା ନିଜ କୂଟନୀତିଜ୍ଞଙ୍କ ମାଧ୍ୟମରେ ଲବି କରିଥିଲା। ଥରେ କି ଦୁଇ ଥର ନୁହେଁ, ଯୁଦ୍ଧ ବନ୍ଦ କରାଇବା ପାଇଁ ପାକିସ୍ତାନ ୬୦ ଥର ଆମେରିକାକୁ ଗୁହାରି କରିଥିଲା। ଆମେରିକାର ପ୍ରମୁଖ ପ୍ରାଶାସନିକ ଅଧିକାରୀ, ସାଂସଦ, ପେଣ୍ଟାଗନ ଏବଂ ବିଦେଶ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲା।




■ ଲବି ଫାର୍ମ ପାଇଁ ୪୫ କୋଟି ଖର୍ଚ୍ଚ କରିଥିଲା
■ ଭାରତ ମଧ୍ୟ ଲବି କରିଥିଲା

ଫାରା ଅଧିନରେ ଆମେରିକା ନ୍ୟାୟ ବିଭାଗରେ ଦାଖଲ ଦଲିଲରେ କୁହାଯାଇଛି ଯେ ପାକିସ୍ତାନୀ କୂଟନୀତିଜ୍ଞମାନେ ଇମେଲ, ଫୋନ କଲ, ୱାନ-ଟୁ-ୱାନ ବୈଠକ ମାଧ୍ୟମରେ ଏପ୍ରିଲ ଶେଷରୁ ନେଇ ୪ ଦିନ ପର୍ଯ୍ୟନ୍ତ ଚାଲିଥିବା ଅପେରସନ ସିନ୍ଦୂର ଶେଷ ହେବା ପର୍ଯ୍ୟନ୍ତ ଅସ୍ତବିରତି ନେଇ ବୈଠକ ଜାରି ରଖିଥିଲେ। ଆମେରିକା ମାଧ୍ୟମରେ ଯେକୌଣସି ଭାବେ ଭାରତ ଉପରେ ଚାପ ପକାଇ ପାକିସ୍ତାନ ଯୁଦ୍ଧ ରୋକିବାକୁ ଚାହୁଁଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସହ ଦ୍ରୁତ ଯୋଗାଯୋଗ ପାଇଁ ବ୍ୟବସାୟ ଏବଂ କୂଟନୈତିକ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ୬ ଲବିଂ ଫାର୍ମ ଉପରେ ପାକିସ୍ତାନ ୪୫ କୋଟି ଟଙ୍କା ଖର୍ଚ୍ଚ କରିଦେଇଥିଲା। ସେହିପରି ଭାରତ ସରକାର ଏବଂ ଏଠକାର ଅଧିକାରୀ ମଧ୍ୟ ଆମେରିକା ସହ ଯୋଗାଯୋଗ କରିବା ପାଇଁ କମ୍ପାନୀର ସହାୟତା ନେଇଥିଲେ ବୋଲି ଲବିଂ ଫାର୍ମ ଏସଏଚଡବ୍ଲ୍ୟୁ ପାଟନର୍ସ ଏଲଏଲସି ନିଜ ରିପୋର୍ଟରେ କହିଛି। ଏହି କମ୍ପାନୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ସହ ଭାରତୀୟ ଦୂତାବାସ ମଧ୍ୟରେ ଆଲୋଚନା କରାଇଥିବା ଦାବି କରିଛି। ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ଏସଏଚଡବ୍ଲ୍ୟୁ ଭାରତୀୟ ଦୂତାବାସ ପାଇଁ କାମ କରିଥିଲା।

ଫାରା ସୂଚନା ଅନୁଯାୟୀ, ମେ'୧୦ରେ ଏହି ଫାର୍ମ ଭାରତୀୟ ଦୂତାବାସ ସହ ହ୍ୱାଇଟ ହାଉସ ଚିଫ୍ ଅଫ୍ ଷ୍ଟାଫ ସୁସି ୱାଇଲ୍ସ, ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀର ଏବଂ ନ୍ୟାସନାଲ ସିକ୍ୟୁରିଟି କାଉନସିଲର ରିକି ଗିଲଙ୍କ ସହ ଯୋଗାଯୋଗ କରିବାରେ ସହାୟତା କରିଥିଲେ। ଏଥିରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି, ଅପରେସନ ସିନ୍ଦୂର ସମ୍ବନ୍ଧିତ ଗଣମାଧ୍ୟମ ସୂଚନା ବିଷୟରେ ଚର୍ଚ୍ଚା କରାଯାଇଥିଲା। ସୂଚନାଯୋଗ୍ୟ ଯେ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଭାରତୀୟ ବିଦେଶ ମନ୍ତ୍ରାଳୟ ସୂତ୍ରରୁ କୁହାଯାଇଛି ଯେ ସମ୍ପର୍କ ବଢାଇବା ଆମେରିକାର ବିଭିନ୍ନ ଦୂତାବାସ, ଘରୋଇ କମ୍ପାନୀ ଏବଂ ବ୍ୟାବସାୟିକ ସଂଗଠନ ଲବିଂ ଫାର୍ମ ଓ କନସଲଟାନ୍‌ସିଙ୍କ ସହାୟତା ନିଆଯାଇଥାଏ। ଆମେରିକାରେ ବିଦେଶୀ ସରକାରଙ୍କ ସହ ଲବିଂ କରାଇବା ଆଇନଗତ। ନ୍ୟାୟ ବିଭାଗର ଆନୁଷ୍ଠାନିକ ୱେବସାଇଟରେ ଲବିଂର ସମ୍ପୂର୍ଣ୍ଣ ରେକର୍ଡ ରହିଛି। ଏହାକୁ କୌଣସି ପ୍ରକାରର ମଧ୍ୟସ୍ଥତା ଭାବେ ଦେଖିବା ଅନୁଚିତ। ଆମେରିକାର ଏହି ରିପୋର୍ଟକୁ ନେଇ ମେ' ୧୦ରେ ବହୁତ କିଛି ଘଟିଥିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଗ୍ରୀନଲାଣ୍ଡ ଦଖଲ ପାଇଁ ଆମେରିକା ସେନା ପଠାଇପାରେ

ୱାସିଂଟନ, ୭ ।୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ନେଇ କଥା ଉଠାଇଛନ୍ତି। ଗ୍ରୀନଲାଣ୍ଡ ଆମେରିକାର ସୁରକ୍ଷା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଓ ଏହି ଭୂଖଣ୍ଡକୁ ଅକ୍ତିଆର କରିବା ନିହାତି ଜରୁରୀ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ ଲେଭିଟ୍ କହିଛନ୍ତି। ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା ନେଇ ବିଭିନ୍ନ ଉପାୟ ସନ୍ଧାନ କରାଯାଉଛି। ଆର୍କଟିକ କ୍ଷେତ୍ରରେ ରୁଷ ଓ ଚୀନ୍ ସୈନ୍ୟଙ୍କ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି। ଏବେ ଏହାକୁ ରୋକିବାର ଆବଶ୍ୟକତା ଉପୁଜିଛି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ମଧ୍ୟ ଏକାଧିକ ବାର ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା କଥା ଖୋଲାଖୋଲି କହିସାରିଛନ୍ତି। ଟ୍ରମ୍ପ ସୋମବାର କହିଥିଲେ ଯେ, ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରୀନଲାଣ୍ଡ ବହୁତ ଜରୁରୀ। ଗ୍ରୀନ୍‌ଲାଣ୍ଡରେ ରୁଷି ଓ ଚୀନ୍ ସୈନିକଙ୍କ ଉପସ୍ଥିତି



ଚିନ୍ତା ସୃଷ୍ଟି କରିଛି। ଆଗାମୀ ୨୦ ଦିନ ମଧ୍ୟରେ ସେ ଗ୍ରୀନ୍‌ଲାଣ୍ଡ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ଗ୍ରୀନ୍‌ଲାଣ୍ଡ ହେଉଛି ସ୍କାଣ୍ଡିନାଭିଆନ ଦେଶ ଡେନ୍‌ମାର୍କରେ ଏକ ସ୍ୱଙ୍ଗ ଶାସିତ ଅଞ୍ଚଳ ଓ ଏହା ମଧ୍ୟ ସାମରିକ ମେଣ୍ଟର ନାଟୋର ଏକ ଅଂଶ ବିଶେଷ। ଗ୍ରୀନଲାଣ୍ଡରେ ଡେନମାର୍କର ୨୦୦ ସୈନ ମୁତୟନ ଅଛନ୍ତି। ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ସାମରିକ ପଦକ୍ଷେପ ନେବ ବୋଲି ଆଲୋଚନା ହେଉଥିବା ବେଳେ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଆ ଭିନ୍ନ କଥା କହିଛନ୍ତି। ଆମେରିକା ଗ୍ରୀନ୍‌ଲାଣ୍ଡ ଉପରେ ଆକ୍ରମଣ କରିବନାହିଁ। ବରଂ ଆମେରିକା ଏହାକୁ ଡେନମାର୍କଠାରୁ କ୍ରୟ କରିବ। ତେବେ ଏନେଇ ବିଭିନ୍ନ ବିକଳ୍ପର ସନ୍ଧାନ କରାଯାଉଛି। ଆମେରିକା ସରକାର ଚାହୁଁଛନ୍ତି ଗ୍ରୀନ୍‌ଲାଣ୍ଡ ତା'ର ଏକ ଅଂଶ ହେଉ ଓ ଭବିଷ୍ୟତରେ ଗ୍ରୀନ୍‌ଲାଣ୍ଡ ନେଇ ଆମେରିକା ସହ କାହାର ସଂଘର୍ଷ ନ ହେଉ ବୋଲି ସେ କହିଛନ୍ତି। ଗ୍ରୀନ୍‌ଲାଣ୍ଡର ନିଜର ସେନା ନାହିଁ। ଏଠାରେ ଆମେରିକାର ଓ ଡେନମାର୍କର ସୈନ ମୁତୟନ ଅଛନ୍ତି।

# ଅଗଷ୍ଟା ୱେଷ୍ଟଲାଣ୍ଡ ମାମଲା ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଅଗଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ଅଭିଯୁକ୍ତ ଓକିଲ ଗୌତମ ଖେତାନଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଆପଣାଇଛନ୍ତି। କୋର୍ଟ ଏହାକୁ ଟ୍ରାଏଲରୁ ବର୍ତ୍ତିବାର ପ୍ରୟାସ କହି ଆବେଦନ ଖାରଜ କରିଦେଇଛନ୍ତି। ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ)ର ଏକ ଧାରାକୁ ଖେତାନ ଚ୍ୟାଲେଞ୍ଜ କରିଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହାକୁ ନେଇ କହିଥିଲେ ଯେ ଏହା ଏକ ନିଆରା ମାମଲା। କାରଣ ବ୍ୟକ୍ତି ଧନୀ ହୋଇଥିବାରୁ ମାମଲାର ସ୍ୱତନ୍ତ୍ର ଶୁଣାଣି ଚାହୁଁଛନ୍ତି। ମାମଲା ରୁଜୁ ହେଲେ ଧନୀ ଅଭିଯୁକ୍ତ ଆଇନକୁ ଚ୍ୟାଲେଞ୍ଜ କରିଥାନ୍ତି। ଏହା ନୂଆ ଧାରା ପାଲଟି ଯାଇଛି। ଧନୀ ଅଭିଯୁକ୍ତ ଟ୍ରାଏଲକୁ ସାମ୍ନା କରିବା ପରିବର୍ତ୍ତେ ଆଇନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରୁଛନ୍ତି। ଏହି ଧାରା ବନ୍ଦ ହେବା ଉଚିତ। ଏଭଳି ଲୋକ ସିଷ୍ଟମକୁ ବାଇପାସ କରିଦେବେ ବୋଲି ଭାବୁଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ଏପରି ହେବାକୁ ଦେବେ ନାହିଁ।

# ମାଦୁରୋଙ୍କ ପରେ ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଭେନେଜୁଏଲା ଗୃହମନ୍ତ୍ରୀ



ୱାସିଂଟନ, ୭ ।୧(ଏଜେନ୍ସି): ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବା ସହ ବନ୍ଦୀ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଶାଣରେ ଆଉ ଜଣେ ମନ୍ତ୍ରୀ ତଥା ନେତା ରହିଛନ୍ତି। ସେ ହେଉଛନ୍ତି ଭେନେଜୁଏଲା ଗୃହମନ୍ତ୍ରୀ ତଥା ସୁରକ୍ଷା ପ୍ରମୁଖ ଡିୟୋସୋଦାଦୋ କାବେଲୋ। ଜଣାଶୁଣା ନ୍ୟୁଜ ଏଜେନ୍ସ ରଏଟର୍ସ ଦେଇଥିବା ସୂଚନା ଅନୁସାରେ, କାବେଲୋ ଅନ୍ତରୀଣ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗ୍ୱେଜଙ୍କ ସହ ଆମେରିକାର ସବୁ ସର୍ତ୍ତ ମାନିନ୍ତୁ ଓ ଶାନ୍ତି ବଜାୟ ରଖନ୍ତୁ। ଯଦି ଏଥିରେ କାବେଲୋ ସହଯୋଗ ନ କରିନ୍ତି, ତେବେ ଆମେରିକା ତାଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଆମେରିକା ମଧ୍ୟ ମଧ୍ୟସ୍ତିଙ୍କ ଜରିଆରେ କାବେଲୋଙ୍କୁ ଏ ନେଇ ସତର୍କ କରାଇଛି। ଯଦି କାବୋଲୋ ଆମେରିକାକୁ ବିରୋଧ କରନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଭଳି ହେବ। ମାଦୁରୋଙ୍କୁ ବନ୍ଦୀ କରି ଆମେରିକା ନ୍ୟୁୟର୍କରେ ତାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ କରିଛି। କିନ୍ତୁ ଆମେରିକା ଏବେ କାବେଲୋଙ୍କୁ ତୁରନ୍ତ ହଟାଇବାକୁ ଚାହୁଁନାହିଁ। ଏଭଳି କଲେ ସରକାଙ୍କର ସମର୍ଥନରେ ସାଧାରଣ ଲୋକେ ରାସ୍ତାକୁ ଓହ୍ଲାଇବାର ସମ୍ଭାବନା ରହିଛି ବୋଲି ଆମେରିକା ହୃଦୟଙ୍ଗମ କରିଛି। ଭେନେଜୁଏଲା ରାଜନୀତି ଓ ଶାସନରେ କାବେଲୋଙ୍କ ଯଥେଷ୍ଟ ପ୍ରଭାବ ରହିଛି। ପୂର୍ବରୁ ମଧ୍ୟ ଡ୍ରଗ୍ସ ଚୋରା ଚାଲାଣ ଓ ନାର୍କୋ ଆତଙ୍କବାଦ ସହିତ କାବୋଲୋ ଜଡିତ ଥିବା ନେଇ ଅଭିଯୋଗ ହୋଇଛି। ୨୦୨୦ ମାର୍ଚ୍ଚରେ ଆମେରିକା ନ୍ୟାୟ ବିଭାଗ କାବେଲୋଙ୍କୁ ବିଶ୍ୱର ସବୁଠାରୁ ନିଶାଦ୍ରବ୍ୟ ଚୋରାଚାଲାଣକାରୀ ତାଲିକାରେ ସାମିଲ କରିଥିଲେ।

# ବିଜେପି ମହିଳା କର୍ମୀଙ୍କୁ ଆକ୍ରମଣ, ପୋଷାକ ଚିରିବା ନେଇ ଅଭିଯୋଗ

ବେଙ୍ଗାଲୁରୁ, ୭ ।୧(ଏଜେନ୍ସି): କର୍ଣ୍ଣାଟକର ହୁବାଲିରେ ପୁଲିସ ହେପାଜତରେ ଥିବା ବେଳେ ଜଣେ ବିଜେପି ମହିଳାଙ୍କୁ ଆକ୍ରମଣ କରାଯିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଦାବି କରିଛନ୍ତି ଯେ, ତାଙ୍କୁ ପୁଲିସ କର୍ମଚାରୀମାନେ ମାଡ଼ ମାରିବା ସହ ତାଙ୍କ ପୋଷାକ ଚିରିଦେଇଛନ୍ତି। ଜଣେ କଂଗ୍ରେସ କର୍ମୀଙ୍କ ଅଭିଯୋଗ କ୍ରମେ ଏହି ମହିଳା ବିଜେପି କର୍ମୀଙ୍କୁ ପୁଲିସ ଅଟକ ରଖିଥିଲା। କଂଗ୍ରେସ କାଉନସିଲର ସୁବର୍ଣ୍ଣ କଲ୍ଲାକୁନ୍ତଳାଙ୍କ ଅଭିଯୋଗରେ ପୁଲିସ ମହିଳାଙ୍କୁ ଅଟକ ରଖିଥିଲା। କେଶପୁର ରାଣା ଅଞ୍ଚଳରେ ଭୋଟର ତାଲିକା ସଂଶୋଧନକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ଭୋଟର ତାଲିକାର କିଛି ନାମ ଦେବାରେ ସମ୍ପୃକ୍ତ ମହିଳା ଅଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ତେବେ ମହିଳା ଜଣଙ୍କ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଏହାକୁ ନେଇ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା। ଅନ୍ୟ ପଟେ ମହିଳା ଜଣଙ୍କ ପୁଲିସକୁ ଦୁର୍ବ୍ୟବହାର କରିଥିବାର ଅଭିଯୋଗ କରାଯାଇଛି। ମହିଳା ଜଣଙ୍କ ପୂର୍ବରୁ କଂଗ୍ରେସ ସହିତ ଜଡିତ ଥିଲେ ଓ ଏବେ ବିଜେପିରେ ଯୋଗ ଦେଇଛନ୍ତି। ଏହା ପରେ ଦୁଇ ଦଳର ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି।


ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିନ୍ତୁ ପୁଲିସ ଏପର୍ଯ୍ୟନ୍ତ ଏହି ଘଟଣା ସମ୍ପର୍କରେ କୌଣସି ବିବୃତି ଜାରି କରିନାହିଁ। ଭିଡିଓରେ, ମହିଳାଙ୍କୁ ଏକ ବସ୍‌ରେ ପୁରୁଷ ଓ ମହିଳା ପୁଲିସକର୍ମୀ ଘେରି ରହିଥିବା ଦେଖିବାକୁ ମିଳିଛି। ମହିଳା ଜଣକ ଅଟକ ଥିବା ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିବାଦ କରିଥିଲେ। ଫଳରେ ତାଙ୍କୁ ପୁଲିସ ଆକ୍ରମଣ କରିଥିଲା। ଏହି ସମୟରେ ତାଙ୍କ ପୋଷାକ ଚିରି ଦିଆଯାଇଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି।



ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଉଛନ୍ତି ଜଷ୍ଟିସ ସଙ୍ଗମ କୁମାର ସାହୁ

# ଦିଲ୍ଲୀରେ ରାତିଅଧରେ ଜବରଦଖଲ ଉଚ୍ଛେଦ

ନୂଆଦିଲ୍ଲୀ, ୭ ।୧(ଏଜେନ୍ସି): ଦିଲ୍ଲୀରେ ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନରେ ପୁଲିସ ଓ ମ୍ୟୁନିସପାଲ କର୍ପୋରେସନ ଦିଲ୍ଲୀ (ଏମ୍‌ସିଡି)ର ଟିମ୍ ଉପରେ ଆକ୍ରମଣ ହୋଇଛି। ଏଥିରେ ୫ଜଣ ପୁଲିସକର୍ମୀ ଆହତ ହୋଇଥିବା ବେଳେ ୫ ଜଣ ଆକ୍ରମଣକାରୀ ଗିରଫ ହୋଇଛନ୍ତି। ମଙ୍ଗଳବାର ରାତି ୧ଟାରେ ଦିଲ୍ଲୀର ରାମଲୀଳ ମଇଦାନ ନିକଟରେ ଏକ ମସଜିଦ ଓ କବରସ୍ଥାନ ସଂଲଗ୍ନ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏମ୍‌ସିଡି ୧୭ଟି ବୁଲଡୋଜର ବ୍ୟବହାର କରି ଏକ ବିବାହ ହଲ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ଏବଂ ଦୋକାନ ଘର ଭାଙ୍ଗିଥିଲା।



## ପୁଲିସ ସହ ମୁହାଁମୁହିଁ, ୫ ଗିରଫ

ତୁର୍କମାନ ଗେଟ୍‌ସ୍ଥିତ ଫୈଜ-ଇ- ଇଲାହି ମସଜିଦ ନିକଟରେ ଅପରେସନ ଚାଲିଥିବା ସମୟରେ ଏକ ଭିଡ଼ କର୍ମଚାରୀ ଓ ପୁଲିସ ଉପରେ ଢେଲା ମାଡ଼ କରିଥିଲେ। ଲୋକଙ୍କ ଭିଡ଼ ବ୍ୟାରିକେଡ୍ ଭାଙ୍ଗି ଅପରେସନ ବନ୍ଦ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରି ସେମାନଙ୍କୁ ଘଉଡାଇଥିଲା। କେନ୍ଦ୍ରୀୟ ରେଞ୍ଜର ଯୁଗ୍ମ ପୁଲିସ କମିଶନର ମଧୁର ବର୍ମା କହିଛନ୍ତି ଯେ, ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି। ସମଗ୍ର ଅଞ୍ଚଳକୁ ୯ଟି ଜୋନରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନର ଦାୟିତ୍ୱ ଜଣେ ଏଡିସିପିସ୍ତରୀୟ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପର୍ଯ୍ୟାପ୍ତ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଭିଡିଓ ମାଧ୍ୟମରେ ପଥର ଫୋପାଡୁଥିବା ଲୋକଙ୍କୁ ଚିହ୍ନଟ କରାଯିବ। ଡିସିପି ନିଧିନ ଭାଲସ କହିଛନ୍ତି ଯେ, ଏମ୍‌ସିଡି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିଛି ଓ ଏହା ଏପର୍ଯ୍ୟନ୍ତ ଜାରି ରହିଛି। ପୂର୍ବରୁ ହାଇକୋର୍ଟ ରାମଲୀଳ ମଇଦାନରୁ ୩୮, ୯୪୦ ବର୍ଗଫୁଟର ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ରାସ୍ତା, ଫୁଟପାଥ, ବିବାହ ହଲ୍, ପାର୍କିଂ ଓ ଘରୋଇ କ୍ଲିନ୍‌କ ଅନ୍ତର୍ଭୁକ୍ତ ଥିଲା। ତେବେ ମସ୍‌ଜିଦ କମିଟି କହିଛି ଯେ, କମିଟି ୱାକଫ୍ ସମ୍ପତ୍ତି ଓ ୱାକଫ୍ ବୋର୍ଡ ଲିଜ୍‌ରେ ଭଡ଼ା ଦେଇଥାଏ। ଜବରଦଖଲ ହଟାଇବାରେ କୌଣସି ଆପତ୍ତି ନାହିଁ। ବିବାହ ହଲ୍ ଓ କ୍ଲିନିକ ବନ୍ଦ କରାଯାଇଛି। ତେବେ କବରସ୍ଥାନ ସମ୍ପର୍କରେ ମୁଖ୍ୟ ଅଭିଯୋଗ ଓ ଆପତ୍ତି ରହିଛି ବୋଲି କମିଟି କହିଛି। ଜାନୁଆରୀ ୬ରେ ଜବରଦଖଲ ହଟାଇବାକୁ ହାଇକୋର୍ଟ ନୋଟିସ ଜାରି କରିଥିଲେ।

# ବାଂଲାଦେଶରେ କେନାଲକୁ ଡେଇଁ ହିନ୍ଦୁ ବ୍ୟକ୍ତି ମୃତ

ଢ଼ାକା, ୭ ।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ବିରୋଧୀ ହିଂସା ଥମିବାର ନାମ ନେଉନାହିଁ। ହିନ୍ଦୁଙ୍କ ଉପରେ ଅତ୍ୟାଚାର ଅତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ସୋମବାର ରାତିରେ ଜଣେ ହିନ୍ଦୁ ତେଜରାତି ଦୋକାନୀଙ୍କୁ ହତ୍ୟା କରିବାର ଗୋଟିଏ ଦିନ ପରେ ଅର୍ଥାତ ମଙ୍ଗଳବାର ଦ୍ୱିପହରରେ ଆଉ ଏକ ହିନ୍ଦୁ ବିରୋଧୀ ଘଟଣା ଘଟିଛି। ବାଂଲାଦେଶର ନାଓଗାଁ ଜିଲ୍ଲାରେ ଜଣେ ୨୫ ବର୍ଷୀୟ ହିନ୍ଦୁ ବ୍ୟକ୍ତି ନିଜ ଜୀବନ ବଞ୍ଚାଇବାକୁ କେନାଲକୁ ଡେଇଁ ଜୀବନ ହରାଇଛନ୍ତି। ଏହି ମୃତ ବ୍ୟକ୍ତି ହେଉଛନ୍ତି ଭଣ୍ଡାରପୁର ଗାଁ ବାସିନ୍ଦା ମିଥୁନ ସରକାର। ସ୍ଥାନୀୟ ପୁଲିସ ଦେଇଥିବା ସୂଚନା ଅନୁସାରେ ମିଥୁନଙ୍କୁ ଚୋରି ଅଭିଯୋଗରେ କିଛି ଲୋକ ତାଙ୍କୁ ହାଟ ଚକଗୋରୀ ବଜାରରେ କିଛି ଲୋକ ପିଛା କରିଥିଲେ। ଖସିଯିବାକୁ ଚେଷ୍ଟା କରି ସେ ନିକଟସ୍ଥ କେନାଲକୁ ଡେଇଁ ନିଖୋଜ ହୋଇଯାଇଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିସମ ସେବା ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୪ ଘଣ୍ଟା ଖୋଜିବା ପରେ ଅପରାହ୍ଣ ୪ଟାରେ ମିଥୁନଙ୍କ ମୃତଦେହ କେନାଲରୁ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ଶବବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତକ ମିଥୁନ ପ୍ରକୃତରେ ଚୋରିରେ ସମ୍ପୃକ୍ତ ଥିଲେ କି ନା ସେ ନେଇ ପୁଲିସ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ। ବାଂଲାଦେଶରେ କିଛି ମାସ ହେବ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଗତ ସୋମବାର ରାତିରେ ନରିସଙ୍ଗଡ଼ ଜିଲ୍ଲାରେ ୪୦ ବର୍ଷୀୟ ଶରତ ଚକ୍ରବର୍ତ୍ତୀ ମଣିଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିଲା। ଗତ ୧୮ ଦିନ ମଧ୍ୟରେ ୬ ଜଣ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ଶରତଙ୍କ ପୂର୍ବରୁ ଦୀପୁ ଚନ୍ଦ୍ର ଦାସ, ଅମୃତ ମଣ୍ଡଳ, ବ୍ରଜେନ୍ଦର ବିଶ୍ୱାସ, ଖୋକନ ଚନ୍ଦ୍ର ଦାସ, ରାଣା ପ୍ରତାପ ବୈରାଗୀଙ୍କୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରାଯାଇଥିଲା।

ଚୋରି ଅଭିଯୋଗରେ ଭିଡ଼ ପିଛା କରିଥିଲା, ବଞ୍ଚିବା ପାଇଁ ପାଣିକୁ ଡେଇଁଥିଲେ

# ମଖାନା ଦେଇଛି ପରିଚୟ

**ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛନ୍ତି। ସଫଳତାର ନୂଆ କାହାଣୀ ଲେଖୁଛନ୍ତି। ଦୃଢ଼ମନୋବଳ ଏବଂ ସାହସ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ ତାହା ପ୍ରମାଣ କରିଦେଖାଇଛନ୍ତି, ବିହାର ବଲ୍‌ହା ଗଡ଼ିଆ ଗାଁର ଉଦ୍ୟୋଗୀ ରେଣୁ ମିଶ୍ର। ସେ ବିଭିନ୍ନ ଫ୍ଲେଭର୍‌ର ମଖାନା ପ୍ରସ୍ତୁତ କରି ଏହାକୁ ଦେଶ ବିଦେଶରେ ବିକ୍ରି କରନ୍ତି। ଚାଟାର୍ଡ ଆକାଉଣ୍ଟାଣ୍ଟ ଚାକିରି ଛାଡ଼ି, ସେ ଏହି ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ସେ ଜଣେ ଉଦ୍ୟୋଗୀ ହେବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**






କୋଭିଡ୍ ମହାମାରୀ ସମୟରେ ସେ ମଖାନା ଚାଷ ଏବଂ ଏହାର ଚାହିଦାକୁ ଦେଖିଥିଲେ। ସେବେଠୁ ସେ ଏ ଦିଗରେ କିଛି ନୂଆ କରିବାକୁ ଭାବିଥିଲେ। ଏ ବାବଦରେ ସ୍ୱାମୀ ହରେକୃଷ୍ଣଙ୍କ ସହ ସେ ଆଲୋଚନା କରିଥିଲେ। ଏହାପରେ ୨୫ ଲକ୍ଷ ଟଙ୍କା ଋଣ ନେଇ ୨୦୨୦ ମସିହାରେ ସେ ଏହି ମଖାନା ବ୍ୟବସାୟ ଆରମ୍ଭ କରିଥିଲେ। ଅବଶ୍ୟ ଏହି ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନ ଥିଲା। ବଜାର ଚାହିଦା, ବ୍ରାଣ୍ଡିଙ୍ଗ୍, ପ୍ରକ୍ରିୟାକରଣ, ବଜାରରେ ପହଞ୍ଚାଇବା ସବୁ କ୍ଷେତ୍ରରେ ଏହା ଖୁବ୍ ଆହ୍ୱାନପୂର୍ଣ୍ଣ ଥିଲା। ଏହା ସତ୍ତ୍ୱେ ରେଣୁ ହାର ମାନି ନ ଥିଲେ। ସେ ସହରସା, ଦରଭଙ୍ଗାରେ ପ୍ରଥମେ ଛୋଟ ପ୍ରୋସେସିଙ୍ଗ୍ ୟୁନିଟ୍ ସ୍ଥାପନ କରିଥିଲେ। ଏଥିସହ ନୋଏଡ଼ାରେ ଏକ ବଡ଼ ୟୁନିଟ୍ ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ ଉତ୍ପାଦ ବଜାରରେ ପରିଚିତ ହେଲା। କେବଳ ମଖାନା ନୁହେଁ, ସେ ଏହାର ଭାଲ୍ୟୁ ଆଡିସନ୍ ଉପରେ ମଧ୍ୟ ଧ୍ୟାନ ଦେଲେ।

ମଖାନାକୁ ନେଇ ସେ ବହୁ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିରେ ସେ ଟମାଟର, ହିମାଳୟ ସଲ୍ଟ, ପେରୀ ପେରୀ ସମେତ ଅନ୍ୟ ୧୩ ପ୍ରକାରର ମଖାନା ଫ୍ଲେଭର ପ୍ୟାକେଟ୍ ପ୍ରସ୍ତୁତ କରି ବଜାରରେ ବିକ୍ରି କରିଥିଲେ। ଏଥିସହ ରେଡି ଟୁ - ଇଟ୍ ମଖାନା ଏବଂ କ୍ଷୀରି ମଧ୍ୟ ପ୍ରସ୍ତୁତ କରିଥିଲେ। ଏହାକୁ ଗ୍ରାହକମାନେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ। ଏବେ ତାଙ୍କ କମ୍ପାନୀ ନିର୍ମିତ ଉତ୍ପାଦ- ଦିଲ୍ଲୀ, ନୋଏଡ଼ା, ଝାଡ଼ଖଣ୍ଡ, ଆସାମ ସମେତ ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଛି। କେବଳ ସେତିକି ନୁହେଁ, ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ୍ ଭଳି ଦେଶରେ ଏହି ଉତ୍ପାଦର ଚାହିଦା ବୃଦ୍ଧିପାଉଛି। ରେଣୁଙ୍କ କହିବାନୁଯାୟୀ ୨୦୨୬ରେ ସିୟାରାମ୍ ଫୁଡ୍ ଇଣ୍ଡଷ୍ଟ୍ରୀଙ୍କୁ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାକୁ ପ୍ରୟାସ କରୁଛନ୍ତି। ସେହିପରି ସେ ଏଥିରେ ମହିଳାଙ୍କ ପାଇଁ ରୋଜଗାରର ମାଧ୍ୟମ ସୃଷ୍ଟି କରିଛନ୍ତି। ବିଭିନ୍ନ ୟୁନିଟ୍‌ରେ ୫୦ ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ କାର୍ଯ୍ୟରତ ଅଛନ୍ତି। ଏହାଦ୍ୱାରା ସ୍ଥାନୀୟ ମହିଳାମାନେ ଆତ୍ମନିର୍ଭର ହୋଇପାରୁଛନ୍ତି। ରେଣୁଙ୍କ କହିବାନୁଯାୟୀ କଠିନ ପରିଶ୍ରମ ପରେ ତାଙ୍କୁ ଏହି ସଫଳତା ମିଳିଛି। ଆଗାମୀ ଦିନରେ ସହରସାରେ ଏକ ବଡ଼ ପ୍ରୋସେସିଙ୍ଗ୍ ୟୁନିଟ୍ କରିବାକୁ ଆଶା ରଖିଛନ୍ତି। ତାଙ୍କ କହିବାନୁଯାୟୀ, ସହରସା, ମଧୁବନୀ ଏବଂ ଦରଭଙ୍ଗାରେ ଅଧିକ ମଖାନା ଚାଷ କରାଯାଏ। ତେଣୁ ସେ ସିଧା କୃଷକଙ୍କ ଠାରୁ ସେ ଏହି ମଖାନା କିଣନ୍ତି। ଏହାଦ୍ୱାରା କୃଷକଙ୍କର ମଧ୍ୟ ଭଲ ଆୟ ହୋଇଥାଏ।

# ଶୀତଦିନେ ମେହେନ୍ଦି ଲଗାଉଥିଲେ...

**ଖରାଦିନେ ମେହେନ୍ଦି ଲଗାଇଲେ ଏହା ମୁଣ୍ଡକୁ ଥଣ୍ଡା ରଖିଥାଏ; କିନ୍ତୁ ଶୀତଦିନେ ଏହା କେଶକୁ ଶୁଷ୍କ କରିବା ସହ ଥଣ୍ଡା ଜ୍ୱର ହେବାର ଆଶଙ୍କା ଥାଏ। ତେଣୁ ଶୀତଦିନେ କେଶରେ ମେହେନ୍ଦି ଲଗାଇବା ପୂର୍ବରୁ ଧ୍ୟାନ ଦିଅନ୍ତୁ।**



### ମେହେନ୍ଦି ଓ ଲବଙ୍ଗ ପାଣି

ଶୀତରେ ମେହେନ୍ଦି ଲଗାଇବାକୁ ଚାହୁଁଥିଲେ, ଏଥିରେ ଲବଙ୍ଗପାଣି ମିଶାଇ କେଶରେ ଲଗାଇପାରିବେ। ଏହାଦ୍ୱାରା କେଶ ଘନ କଳା ଦିଶିଥାଏ। ଏଥିସହ ଥଣ୍ଡା ମଧ୍ୟ ହୁଏ ନାହିଁ। ତେଣୁ ଚାରିପାଞ୍ଚଟି ଲବଙ୍ଗକୁ ପାଣିରେ ବୁଡ଼ାଇ ଦୁଇ ତିନି ଘଣ୍ଟା ରଖନ୍ତୁ। ପରେ ସେଥିରୁ ଲବଙ୍ଗ କାଢ଼ି ମେହେନ୍ଦି ମିଶାଇ କେଶରେ ଲଗାନ୍ତୁ।

### ଦହି ପରିବର୍ତ୍ତେ ଫିଟିକିରି

ସାଧାରଣତଃ ମେହେନ୍ଦିରେ ଦହି, ଲେମ୍ବୁ ମିଶାଇ ଲଗାଯାଏ। ଏହା ରୂପି ଏବଂ ସ୍କାଲ୍‌ପ ସମସ୍ୟାରୁ ମୁକ୍ତି ଦେଇଥାଏ। କିନ୍ତୁ ଶୀତଦିନେ ଦହି ଲଗାଇଲେ ଥଣ୍ଡା ହୋଇଥାଏ। ତେଣୁ ଏହା ବଦଳରେ ଫିଟ୍‌କିରି ବ୍ୟବହାର କରିପାରିବେ ଏହା କେଶ ପାଇଁ ଲାଭଦାୟକ ହେବା ସହ ରୂପି ଦୂର କରିଥାଏ।

### ଦ୍ୱିପ୍ରହରରେ ଲଗାନ୍ତୁ

ଦ୍ୱିପ୍ରହରରେ ମେହେନ୍ଦି ଲଗାଇବା ଲାଭଦାୟକ। ଏଥିରୁ ଦୁଇଟି ଫାଇଦା ମିଳିଥାଏ। ଏହା ଥଣ୍ଡାରୁ ସୁରକ୍ଷା ଦେବା ସହ ଶୀଘ୍ର ଶୁଖିଯାଏ। ତେଣୁ ଶୀତ ସମସ୍ୟା ଦୂର ହୋଇଥାଏ। ଖରା ନଥିଲେ, ମେହେନ୍ଦି ନ ଲଗାଇବା ଭଲ। ସେହିପରି ଏ ଦିନେ ଦହି ପରିବର୍ତ୍ତେ, ପିଆଜ ତେଲ ଅଁଳା ଆଦି କେଶରେ ଲଗାଇବା ଆବଶ୍ୟକ।

### ଅଳସୀ

ଅଳସୀ କେଶ ପାଇଁ ଖୁବ୍ ଫାଇଦା ହୋଇଥାଏ। ଏଥିରେ ପ୍ରୋଟିନ୍ ଏବଂ ଭିଟାମିନ୍ ଭରପୂର ମାତ୍ରାରେ ଥାଏ। କେଶବୃଦ୍ଧିରେ ସହାୟକ ହୋଇଥାଏ। ଏଥିପାଇଁ ଗୋଟିଏ ପାତ୍ରରେ ଅଳସୀ ନେଇ ସେଥିରେ ପାଣି ମିଶାଇ ଛଅ,ସାତ ଘଣ୍ଟା ଘୋଡ଼ାଇ ସେହି ପାଣିରେ କେଶ ଧୁଅନ୍ତୁ। ସମୟ ପରେ ଏହାକୁ ଖାଲିପାଣିରେ ପୁଣି ଥରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ରୂପି ସମସ୍ୟାରୁ ମୁକ୍ତି ମିଳିଥାଏ।

# ବାଦାମ ଚୋପାରେ ଫୁଟ୍‌କ୍ରିମ୍

**ସାଧାରଣତଃ ଲୋକେ ଚିନାବାଦାମ ଖାଇବା ପରେ ଚୋପାକୁ ଫୋପାଡ଼ି ଦିଅନ୍ତି; କିନ୍ତୁ ଏହାକୁ ନ ଫୋପାଡ଼ି ଏଥିରୁ ଫୁଟ୍‌କ୍ରିମ୍ ପ୍ରସ୍ତୁତ କରିପାରିବେ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ, ଫାଇବର ମୃତକୋଷ କାଢ଼ିବାରେ ସାହାଯ୍ୟ କରିଥାଏ। ଏଥିସହ ଏହା ଫଟା ଗୋଇଠି ସମସ୍ୟା ଦୂର କରି ପାଦରେ ଆର୍ଦ୍ରତା ବଜାୟ ରଖିଥାଏ।**



### ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ବାଦାମଚୋପାକୁ ଧୋଇ ଖରାରେ ଶୁଖାଇ ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି ଜାରରେ ଦେଇ ଏକ ପାଉଡର ପ୍ରସ୍ତୁତ କରନ୍ତୁ। ଏହାପରେ ଗୋଟିଏ ପାତ୍ରରେ ନେଇ ସେଥିରେ ବାଦାମଗୁଣ୍ଡ କାଢ଼ି ଏକ ଚାମଚ ନଡ଼ିଆ ତେଲ, ଏକ ଚାମଚ ଦହି ଏବଂ ସାମାନ୍ୟ କ୍ଷୀର ପକାଇ ଏକ ବହଳିଆ ପେଷ୍ଟ ପ୍ରସ୍ତୁତ କରନ୍ତୁ।

### ଲଗାଇବା ବିଧି

ଏଥିପାଇଁ ପାଦକୁ ପାଞ୍ଚମିନିଟ୍ ନଖ ଉଷୁମ ପାଣିରେ ବୁଡ଼ାଇ ରଖନ୍ତୁ। ଏହା ପରେ ପାଦକୁ ଶୁଖିଲା ଟାୱେଲରେ ପୋଛି ପ୍ରସ୍ତୁତ କରି ରଖିଥିବା ଫୁଟ୍‌କ୍ରିମ୍ ଲଗାନ୍ତୁ। ଏହାକୁ ହାଲୁକା ହାତରେ ପାଞ୍ଚ ମିନିଟ୍ ମସାଜ କରନ୍ତୁ। ଏହାଦ୍ୱାରା ପାଦରେ ଥିବା ଡେଡ୍ ସ୍କିନ୍ ସହଜରେ ଦୂର ହୋଇଥାଏ। ଏହାପରେ ଆଉ ଅଳ୍ପ କ୍ରିମ୍ ଲଗାଇ ପାଦକୁ ଶୁଖିବା ପାଇଁ ଛାଡ଼ନ୍ତୁ। ପରେ ଗୋଡ଼ ଧୋଇ ଦିଅନ୍ତୁ। ପାଦ ଶୁଖିଗଲେ ଗ୍ଲିସେରିନ୍ ଲଗାଇ ମୋଜା ପିନ୍ଧନ୍ତୁ। ଫଟା ଗୋଇଠି ସମସ୍ୟା ଅଧିକ ଥିଲେ ଏହି ଫୁଟ୍‌କ୍ରିମ୍‌କୁ ସପ୍ତାହରେ ଦୁଇଥର ଲଗାଇପାରିବେ। ଏହା ଫଟା ଗୋଇଠି ସମସ୍ୟା ଦୂର କରିଥାଏ।

ମୋ ହାଣ୍ଡିଶାଳରୁ...

# ପନିର୍ ଫ୍ରାଏଡ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ଭାତ - ଦୁଇ କପ୍, କଟା ଗାଜର୍- ଅଧା କପ୍, ବ୍ରୋକଲି- ଅଧା କପ୍, ପନିର୍ - ୨୦୦ ଗ୍ରାମ୍, ହଳଦୀଗୁଣ୍ଡ - ଅଧା ଚାମଚ, ଜିରାଗୁଣ୍ଡ - ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, ଗ୍ରୀନ୍ ମଟର୍ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ମିଠା ମକ୍କା - ଅଧା କପ୍, ବିନ୍‌ସ- ଅଧା କପ୍, ତେଲ - ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦାନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପନିର୍ ନେଇ ସେଥିରେ ମ୍ୟାଗି ମସଲା, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଜିରାମସଲା ସମେତ ତେଲ ପକେଇ ଭଲରେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ ପନିର୍ ଖଣ୍ଡ ଦେଇ ଭାଜନ୍ତୁ। ଏହା ସୁନେଲି ରଙ୍ଗ ହୋଇଆସିଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ବିନ୍, କ୍ୟାପ୍‌ସିକମ୍, ଗାଜର୍, ବ୍ରୋକ୍‌ଲି, ମକା, ଗ୍ରୀନ୍‌ମଟର୍, ରସୁଣ, ଦେଇ ଭଲଭାବେ ଗୋଳାଇ ଭାଜନ୍ତୁ। ଅଧା ଭାଜି ହୋଇଗଲେ, ସେଥିରେ ଭାତ ଦେଇ ଗୋଲମରିଚ ଗୁଣ୍ଡ, ଲୁଣ ସହ ସେଜୁଆନ୍ ଚଟଣୀ ଦେଇ ଗୋଳାନ୍ତୁ। ଏହାପରେ ଭାଜି ରଖିଥିବା ପନିର୍‌କୁ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ‘ପନିର୍ ଫ୍ରାଏଡ୍ ରାଇସ୍’।



# କାଶ୍ମୀର୍ ଭେଲ୍‌ଭେଟ୍ ସୁଟ୍



**ବିବାହ, ପାର୍ଟି, ଫଙ୍କ୍‌ସନ୍‌ରେ ମହିଳାମାନେ ଷ୍ଟାଇଲିଶ୍ ଏବଂ ସୁନ୍ଦର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହି କ୍ରମରେ ଏବେ କାଶ୍ମୀର ଡିଜାଇନର ଭେଲ୍‌ଭେଟ୍ ସୁଟ୍ ଲୋକପ୍ରିୟ ରହିଛି। ଏହାକୁ ପିନ୍ଧି ବିବାହ ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେଇପାରିବେ।**

### ବ୍ଲାକ୍, ମେରୁନ୍ ସୁଟ୍

ବର୍ତ୍ତମାନ ଏହି ରଙ୍ଗ ସୁଟର ଖୁବ୍ ଚାହିଦା ରହିଛି। ଏହାକୁ ଗୋଲ୍‌ଡେନ୍ ରଙ୍ଗ ଓଢ଼ଣୀ ଭଲ ମାନିଥାଏ। ସେହିପରି ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ ଏଥିରେ ଭାରି ଅଳଙ୍କାର ପିନ୍ଧିପାରିବେ। ଏଥିରୁ ଏକ ଷ୍ଟାଇଲିଶ୍ ପାର୍ଟି ଲୁକ୍ ମିଳିଥାଏ।

### କୁର୍ତ୍ତା ସହ ପ୍ଲାଜୋ

ବିଶେଷ କରି ଶୀତଦିନେ ଗାଢ଼ ରଙ୍ଗ ସୁନ୍ଦର ଦେଖାଯାଏ। ତେଣୁ ଏଦିନେ ଗାଢ଼ ନୀଳରଙ୍ଗ କୁର୍ତ୍ତା, ସହ ପ୍ଲାଜୋ ପିନ୍ଧିପାରିବେ। ଏହି ସୁଟ୍ ବେକରେ ଭାରି କାମଥାଏ। ଏଥିସହ ଏଥରେ ଏମ୍ବ୍ରୋଡୋରୀ କାମ ଥାଏ। ଯାହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏହାକୁ ପିନ୍ଧିଲେ ଏଥିରୁ ପାର୍ଟି ଲୁକ୍ ମିଳିଥାଏ।

### ମୋଗଲ ନେକ୍‌ଲାଇନ୍

ମୋଗଲ ନେକ୍‌ଲାଇନର ଏହି ସୁଟ୍‌ରେ ଭାରିକାମ ଥାଏ। ସେହିପରି ଏଥିରେ ଥିବା ଭେଲ୍‌ଭେଟ୍ ଦୁପଟ୍ଟା ଶୀତଦିନେ ଶାଲ ଭଳି କାର୍ଯ୍ୟ କରିଥାଏ। ଏହାକୁ ପିନ୍ଧିଲେ ଶାଲ କିମ୍ବା ସ୍ୱେଟର ଆବଶ୍ୟକ ନଥାଏ। ଏହା ଉଭୟ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ।

### ମିରର୍ ୱାର୍କ ସୁଟ୍

ହାଲୁକା କାମଯୁକ୍ତ ଭେଲ୍‌ଭେଟ୍ ସୁଟ୍ ପିନ୍ଧିବାକୁ ଚାହୁଁଥିଲେ , ମିରର୍ ୱାର୍କ ଥିବା ସୁଟ୍ ପିନ୍ଧିପାରିବେ। ଏଥିରେ ସୂତାକାମ ସହ ମିରର କାମ ମଧ୍ୟ ରହିଛି। କୌଣସି ପାର୍ଟି, ଫଙ୍କ୍‌ସନ୍‌ରେ ଲେହେଙ୍ଗା, ଗାଉନ ପିନ୍ଧିବାକୁ ପସନ୍ଦ ନ ଥିଲେ ଏହା ପିନ୍ଧିପାରିବେ। ଏଥିରୁ ଖୁବ୍ ସୁନ୍ଦର ଆକର୍ଷଣୀୟ ଲୁକ୍ ମିଳିଥାଏ।

# କପଡ଼ା, ଚାଦରକୁ ରଖନ୍ତୁ ଜୀବାଣୁ ମୁକ୍ତ

**ଶୀତଦିନେ କପଡ଼ା, ଚାଦରରେ ଧୂଳି, ମଳି ଜମିଯାଏ। ଏହାଦ୍ୱାରା ଆଲର୍ଜି ଓ ସଂକ୍ରମଣ ହୋଇଥାଏ। ଏପରିସ୍ଥଳେ କପଡ଼ାକୁ ନିୟମିତ ପରିଷ୍କାର ରଖିବା, ଖରାରେ ଶୁଖାଇବା ସହ ଆଣ୍ଟି ବ୍ୟାକ୍ଟେରିୟଲ୍ ଡିଟର୍‌ଜେଣ୍ଟ ପକାଇ ସଫା କରିବା ଆବଶ୍ୟକ, ଏହାଦ୍ୱାରା ଜୀବାଣୁ ମରିଯାନ୍ତି।**

### ସଫା କରିବା

ଶୀତଦିନେ ଚାଦରରେ ଧୂଳି ମଳି ଜମିଯାଏ। ତେଣୁ ଚାଦର,ତକିଆଖୋଳ ଏବଂ ଦିନପିନ୍ଧା ଡ୍ରେସ୍‌କୁ ସପ୍ତାହକୁ ଥରେ ଧୋଇବା ଆବଶ୍ୟକ। ଏହାଦ୍ୱାରା କପଡ଼ା ଦୀର୍ଘସମୟ କୀଟାଣୁ ମୁକ୍ତ ରହେ।

### ଖରାରେ ସୁଖାଇବା

ଖରା ପ୍ରାକୃତିକ ଜୀବାଣୁନାଶକ ଭାବେ କାର୍ଯ୍ୟ କରିଥାଏ। ତେଣୁ ଧୂଆ ଚାଦର, ତକିଆ, କପଡ଼ାକୁ ଟାଣଖରାରେ ଶୁଖାଇବା ଜରୁରୀ। ଏହାଦ୍ୱାରା ବ୍ୟାକ୍ଟେରିଆ ଏବଂ ଫଙ୍ଗସ୍ ଆପେ ନଷ୍ଟ ହୋଇଯାଏ। ଯଥାସମ୍ଭବ କପଡ଼ା ଏବଂ ବେଡ୍‌ସିଟ୍‌କୁ ଉଷୁମପାଣିରେ ଧୋଇବାକୁ ଚେଷ୍ଟା କରନ୍ତୁ। ଏହି ପ୍ରକ୍ରିୟା ଜୀବାଣୁ ନାଶ କରିବାରେ ଅଧିକ ପ୍ରଭାବୀ। ପିଲା ଏବଂ ବୟସ୍କଙ୍କ ପାଇଁ ଏହି ଉପାୟ ଖୁବ୍ ଲାଭଦାୟକ ହୋଇଥାଏ।

### ଭଲରେ ସାଇତି ରଖନ୍ତୁ

କପଡ଼ା ଧୋଇବା ଯଥେଷ୍ଟ ହୋଇ ନ ଥାଏ। ଏହାକୁ ଭଲରେ ସାଇତ ରଖିବାର ମଧ୍ୟ ଆବଶ୍ୟକତା ରହିଛି। ଋତୁ ଅନୁଯାୟୀ ଆଲମିରାକୁ ଝାଡ଼ି ସଫା କରିବା ଆବଶ୍ୟକ। ଶୁଖିଲା ନିମ୍ବପତ୍ର, କର୍ପୁର ତଥା ଲାଭେଣ୍ଡର ପାଉଡ୍ ରଖିବା ଦ୍ୱାରା ଜୀବାଣୁ ମରିଯାଏ।



# ବିଟ୍ ଫେସ୍ ପ୍ୟାକ୍



**ବିଟ୍ ତ୍ୱଚା ପାଇଁ ଖୁବ୍ ଉପକାରୀ। ଏହାର ଉପଯୋଗ ଦ୍ୱାରା ତ୍ୱଚା କୋମଳ ଓ ଉଜ୍ଜ୍ୱଳ ରହିଥାଏ। ତେବେ ସ୍ୱଚ୍ଛ ଓ ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

### ବିଟ୍-ଘିକୁଆଁରି ପ୍ୟାକ୍

ପ୍ରଥମେ ବିଟ୍‌ର ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ ଘିକୁଆଁରି ରସ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ -୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାକୁ ସପ୍ତାହକୁ ଦୁଇଥର ଲଗାଇଲେ ଫରକ ଜାଣିପାରିବେ।

### ବିଟ୍- ମୁଲ୍‌ତାନି ମାଟି ପ୍ୟାକ୍

ବିଟ୍ ପେଷ୍ଟରେ ମୁଲତାନି ମାଟିକୁ ଭଲଭାବେ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ରଖନ୍ତୁ। ଏହି ପ୍ୟାକ୍ ଶୁଖିଯିବା ପରେ ମୁହଁ ଧୋଇ ଦିଅନ୍ତୁ। ମୁହଁ ଉଜ୍ଜ୍ୱଳ ଦିଶିବ।

### ବିଟ୍- ବେସନ ପ୍ୟାକ୍

ବିଟ୍ ପେଷ୍ଟରେ ବେସନ, ଦହିକୁ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁରେ ଲଗାଇ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାକୁ ସପ୍ତାହକୁ ଥରେ ଲଗାନ୍ତୁ।

# ମିନିମାଲିଷ୍ଟ ଅଳଙ୍କାର

**ପାରମ୍ପରିକ ଓଜନିଆ ଅଳଙ୍କାର ବଦଳରେ ଏବେ ମହିଳାମାନେ ସାଧା, ସିମ୍ପଲ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହା ଆଧୁନିକ ହେବା ସହ ଆଖିକୁ ସୁନ୍ଦର ମଧ୍ୟ ଦିଶିଥାଏ। ଏହାକୁ ଦୃଷ୍ଟିରେ ରଖି ଏବେ ମହିଳାଙ୍କ ମଧ୍ୟରେ ମିନିମାଲିଷ୍ଟ ଅଳଙ୍କାରର ଖୁବ୍ ଚାହିଦା ରହିଛି, ଜାଣିବା ସେ ବିଷୟରେ।**

### କଫ୍ ବ୍ରେସ୍‌ଲେଟ୍

କଫ ବ୍ରେସ୍‌ଲେଟ୍ ବ୍ଲଗର୍ସ ଛାତ୍ରଛାତ୍ରୀ ଏବଂ ମଡେଲ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ଏହାକୁ ଘଣ୍ଟା ସହିତ ମଧ୍ୟ ପିନ୍ଧିପାରିବେ। ଏହା କାଜୁଆଲ୍‌ରୁ ନେଇ ପାର୍ଟି, ଫଙ୍କ୍‌ସନ୍‌ରେ ମଧ୍ୟ ପିନ୍ଧିପାରିବେ।

### ଟ୍ୟୁବ୍ ରିଙ୍ଗ୍

ଏଥିରୁ ଏକ ଆଧୁନିକ ଲୁକ୍ ମିଳିଥାଏ। ସୁନା, ରୂପା ଅବା ରୋଜଗୋଲ୍‌ଡରେ



ନିର୍ମିତ ଏହି ମୁଦି ପିନ୍ଧିପାରିବେ। ଏହାକୁ ଅଙ୍ଗୁଳିର ଗୋଟିଏ ହାତରେ ପିନ୍ଧି ବାକିଗୁଡ଼ିକୁ ଖାଲି ରଖିଲେ ଏହା ହାତକୁ ସୁନ୍ଦର ଦେଖାଯାଏ।

### ହୁପ୍ କାନଫୁଲ

ହୁପ୍ କାନଫୁଲ ସବୁ ମହିଳା ପିନ୍ଧିବାକୁ ପସନ୍ଦ କରନ୍ତି। ଏହା କେବେହେଲେ ପୁରୁଣା ହୁଏନି। ଏହା ଜ୍ୟାମିତିକ ଆକାର, ସାର୍ପ ଲାଇନ, ମିଶ୍ରଧାତୁର ଥାଏ। ଏହା ପ୍ରଫେସ୍‌ନାଲ ଏବଂ କାଜୁଆଲ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ।

**ଆସେସ୍ ସିରିଜ ୫ମ ଟେଷ୍ଟ**

# ଆଉ ଏକ ପରାଜୟ ଦ୍ୱାରରେ ଇଂଲଣ୍ଡ

ସିଡନୀ, ୭।୧ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ଐତିହାସିକ ଆସେସ ସିରିଜର ଅନ୍ତିମ ତଥା ୫ମ ଟେଷ୍ଟ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ୧୮୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଇଂଲଣ୍ଡ ବୁଧବାର ୪ର୍ଥ ଦିବସ ଶେଷ ସୁଦ୍ଧା ୮ ୱିକେଟ୍ ହରାଇ ୩୦୨ ରନ ସଂଗ୍ରହ କରିଛି। ଯୁବ ବାମହାତୀ ବ୍ୟାଟର୍ ଜ୍ୟାକବ ବେଥେଲ ୧୪୨ ରନ କରି ଅପରାଜିତ ରହିଛନ୍ତି। ନିଜର ଏହି ପ୍ରଥମ ଟେଷ୍ଟ ଶତକୀୟ ପାଳିରେ ବେଥେଲ ୨୩୨ ବଲ୍ ସାମ୍ନା କରି ୧୪୨ ରନ ସଂଗ୍ରହ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଡକେଟ୍ଟ ଓ ହ୍ୟାରୀ ବ୍ରୁକ୍ ୪୨ ରନ ଲେଖାଏ, ଜେମି ସ୍ମିଥ ୨୬, ବ୍ରାୟଡନ କ୍ରାସ ୧୬ ରନ କରି ଆଉଟ୍ ହୋଇଛନ୍ତି। ତେବେ ଓପନର୍ ଜ୍ୟାକ୍ କ୍ରଲୀ (୧), ପ୍ରଥମ ପାଳିର ଶତକ ହାସଲକାରୀ ଜୋ ରୁଟ୍ (୬), ଅଧିନାୟକ ବେନ୍ ଷ୍ଟୋକ୍ସ (୧) ଓ ୱିଲ୍ ଜ୍ୟାକ୍ସ (୦) ନିରାଶ କରିବା ଇଂଲଣ୍ଡ ପାଇଁ ପରାଜୟର


ଜ୍ୟାକବ ବେଥେଲ୍ ୧୪୨*

ଆଶଙ୍କା ସୃଷ୍ଟି କରିଛି। ଘରୋଇ ଦଳ ପକ୍ଷରୁ ଦୁଇ ଦ୍ରୁତ ବୋଲର ବିଉ ୱେବଷ୍ଟର ୩ ଏବଂ ସ୍କଟ ବୋଲାଣ୍ଡ ୨ଟି ୱିକେଟ୍ ନେଇଛନ୍ତି। ହାତରେ ୨ଟି ୱିକେଟ୍ ବଳକାଥାଇ ଇଂଲଣ୍ଡ ମୋଟ ଉପରେ ୧୧୯ ରନରେ ଅଗ୍ରଣୀ ହାସଲ କରିଛି। ଗୁରୁବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ ହୋଇଥିବାରୁ ଅଷ୍ଟ୍ରେଲିଆ ବଳକା ୨ଟି ୱିକେଟ୍ ନେଇ ମ୍ୟାଚକୁ ହାତେଇ ନେବାକୁ ଲକ୍ଷ୍ୟ ରଖିଛି।

ପୂର୍ବରୁ ଇଂଲଣ୍ଡର ପ୍ରଥମ ପାଳି ସ୍କୋର ଜବାବରେ ଅଷ୍ଟ୍ରେଲିଆ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୭ ୱିକେଟରେ ୫୧୮ ରନ ସଂଗ୍ରହ କରିଥିଲା। ଏହି ଅସମାପ୍ତ ସ୍କୋରରୁ ବୁଧବାର ବ୍ୟାଟିଂ ଆରମ୍ଭ କରି ଘରୋଇ ଦଳ ଆଉ ୪୯ ରନ ଯୋଡ଼ି ୫୬୭ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ବିଉ ୱେବଷ୍ଟର ୭୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟ୍ରାଭିସ ହେଡ୍ ଟେଷ୍ଟ କ୍ୟାରିୟର ୧୧ତମ ଶତକ ସହ ୧୬୩, ଅଧିନାୟକ ଷ୍ଟିଭ ସ୍ମିଥ ୧୩୭ ରନ କରିଥିଲେ। ବୋଲିଂରେ ଜୋଶ୍ ଟଙ୍ଗ ଓ କ୍ରାସଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ୩-୧ରେ ଅଗ୍ରଣୀ ରହି ଏହି ଟେଷ୍ଟ ସିରିଜକୁ ଆଗୁଆ କବଜା କରିନେଇଛି। ଯଦି ଏହି ୫ମ ମୁକାବିଲାରେ ବିଜୟୀ ହୁଏ ତେବେ ଘରୋଇ ଦଳ ୪-୧ରେ ଐତିହାସିକ ବିଜୟ ଲାଭ କରିବ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ପାଳି: ୩୮୪/୧୦** (ରୁଟ୍-୧୬୦, ବ୍ରୁକ୍-୮୪, ନେସର- ୪/୬୦)

**ଅଷ୍ଟ୍ରେଲିଆ ପ୍ରଥମ ପାଳି: ୫୬୭/୧୦, ୧୩୩.୫ ଓଭର** (ହେଡ୍- ୧୬୩, ସ୍ମିଥ- ୧୪୮, ୱେବଷ୍ଟର- ଅପରାଜିତ- ୭୧, ଟଙ୍ଗ -୩/୯୭)

**ଇଂଲଣ୍ଡ ୨ୟ ପାଳି: ୩୦୨/୮, ୭୫ ଓଭର** (ଜାକବ ବେଥେଲ- ୧୪୨, ଡକେଟ୍- ୪୨, ବ୍ରୁକ୍- ୪୨, ରୁଟ୍- ୬, ଷ୍ଟୋକ୍ସ- ୧, ୱେବଷ୍ଟର- ୩/୫୧)।

**■ ମାଲେସିଆ ଓପନ୍**

## ସିନ୍ଧୁ, ସାତ୍ୱିକ-ଚିରାଗ ଆଗେଇଲେ

କ୍ୱାଲାଲୁମ୍ପୁର, ୭।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ମାଲେସିଆ



ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ସିନ୍ଧୁ ୨୧-୧୩, ୨୨-୨୦ ସିଧାସଳଖ ଗେମରେ ଚାଇନିଜ ତାଇପେଇର ସୁଙ୍ଗ୍ ସୁଓ-ୟୁନଙ୍କୁ ହରାଇଦେଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୫୧ ମିନିଟ୍ ସମୟ ଲାଗିଥିଲା। ତାଇପେଇର ସୁଙ୍ଗଙ୍କ ବିପକ୍ଷରେ ସିନ୍ଧୁଙ୍କ ଏହା କ୍ରମାଗତ ୩ୟ ବିଜୟ ଥିଲା। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାତ୍ୱିକ-ଚିରାଗ ଯୋଡ଼ି ୨୧-୧୩, ୨୧-୧୫ ସିଧାସଳଖ ଗେମରେ ଚାଇନିଜ ତାଇପେଇର ଲି ଝେ-ହୁଇ ଓ ୟାଙ୍ଗ ପୋ-ସୁଆନଙ୍କ ପରାସ୍ତ କରିଥିଲେ। ଚାଇନିଜ ଯୋଡ଼ିଙ୍କ ବିପକ୍ଷରେ ୬ଷ୍ଠ ମ୍ୟାଚରୁ ସାତ୍ୱିକ-ଚିରାଗଙ୍କ ଏହା ୬ଷ୍ଠ ବିଜୟ। ଉଭୟ ନିଜର ଅପରାଜେୟ ରେକର୍ଡକୁ ବଜାୟ ରଖିଛନ୍ତି। ତେବେ ମିକ୍ସଡ ଡବଲ୍ସରେ ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ ଯୋଡ଼ି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।

**■ ପୁରୁଷ ହକି ଇଣ୍ଡିଆ ଲିଗ୍**

## ଏଚ୍ଆଇଏଲ୍ ଜିସିକୁ ଜିତାଇଲେ ରସେଲ୍

ଚେନ୍ନଇ, ୭।୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ପୁରୁଷ ଇଭେଣ୍ଟରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଏଚ୍ଆଇଏଲ୍ ଗଭର୍ଣ୍ଣି କାଉନସିଲ୍ (ଜିସି) ବଡ଼ ବିଜୟ ହାସଲ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଏଚ୍ଆଇଏଲ୍ ଜିସି ୬-୩ ଗୋଲ୍‌ର ବଡ଼ ବ୍ୟବଧାନରେ ଶାରଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ବିଜୟୀ ଦଳର ନ୍ୟୁଜିଲାଣ୍ଡ ତାରକା କେନ୍ ରସେଲ ହ୍ୟାଟ୍ରିକ ଗୋଲ୍ ଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରସେଲ ମ୍ୟାଚର ୧୯ତମ, ୩୬ତମ ଓ ୪୪ତମ ମିନିଟରେ ଏହି ୩ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ, ସାମ୍ ୱାର୍ଡ ଓ ଜେମ୍ସ ଆଲବାରୀଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହ ଏଚଆଇଏଲ୍ ଜିସି ୬ ପଏଣ୍ଟ ପାଇ ୮ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ସେହିଭଳି ପୁରୁଷ ବିଭାଗରେ ହାଇଦରାବାଦ୍ ତୁଫାନ୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଜାରି ରହିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ଏକ ମ୍ୟାଚରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ ୩-୨ ଗୋଲ୍‌ରେ ବେଙ୍ଗଲ ଟାଇଗର୍ସକୁ ହରାଇଛି। ଷଷ୍ଠ ମ୍ୟାଚରୁ ସୁରମାର ଏହା ୨ୟ ବିଜୟ ଥିଲା।



**ଟି-୨୦ ବିଶ୍ୱକପ୍**

## ସାଣ୍ଟନରଙ୍କୁ ନେତୃତ୍ୱ

ଅକଲାଣ୍ଡ, ୭।୧ (ଏଜେନ୍ସି): ଆସନ୍ତା ମାସରେ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ମିଚେଲ ସାଣ୍ଟନରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଦ୍ରୁତ ବୋଲର ଜାକବ ଡଫିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ୩୧ ବର୍ଷୀୟ ଡଫିଙ୍କ ଏହା ପ୍ରଥମ ଟି-୨୦ ବିଶ୍ୱକପ୍ ହେବ। ଡଫି ବିଦାୟୀ ବର୍ଷ ୨୦୨୫ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତିନୋଟି ଯାକ ଫର୍ମାଟ୍‌ରେ ସେ ମୋଟ୍ ୮୧ଟି ୱିକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ନ୍ୟୁଜିଲାଣ୍ଡ ସହ ଆଫଗାନିସ୍ତାନ, ଦକ୍ଷିଣ ଆଫ୍ରିକା, କାନାଡା ଓ ୟୁଏଇ ରହିଛି। ଫେବୃଆରୀ ୮ରେ ଆଫଗାନିସ୍ତାନ ବିପକ୍ଷରେ ଖେଳି ନ୍ୟୁଜିଲାଣ୍ଡ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ଚେନ୍ନଇରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳ**

ମିଚେଲ ସାଣ୍ଟନର (ଅଧିନାୟକ), ଫିନ ଆଲେନ, ମାଇକେଲ ବ୍ରାସୱେଲ, ମାର୍କ ଚାପମାନ, ଡେଭନ କନୱେ, ଜାକବ ଡଫି, ଲକି ଫର୍ଗୁସନ, ମାଟ୍ଟ ହେନରୀ, ଡାରୀଲ ମିଚେଲ, ଆଦାମ ମିଲନେ, ଜେମ୍ସ ନିଶାମ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, ଟିମ ସୌଦୀ ଓ ଇଶ ସୋଧୀ। ରିଜର୍ଭ ଖେଳାଳି: କାଏଲ ଜେମିସନ।

## ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ

ବେନୋନି, ୭।୧ (ଏଜେନ୍ସି): ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ୟୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚକୁ ଭାରତ ୨୩୩ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ୬୩ ବଲରେ ଶତକୀୟ ପାଳି ଖେଳି ଯୁବ ଓପନର୍ ତଥା ଅଧିନାୟକ ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚର ହିରୋ ରହିଥିଲେ। ପୂର୍ବରୁ ପ୍ରଥମ ଦୁଇଟି ଦିନିକିଆକୁ ଡିଏଲ୍ ପଦ୍ଧତିରେ ଯଥାକ୍ରମେ ୨୫ ରନ ଓ ୮ ୱିକେଟ୍‌ରେ ଜିତିଥିବା ଭାରତୀୟ ୟୁଥ୍ ଦଳ ଏଥିସହ ୩-୦ରେ ସିରିଜ କ୍ଲିନସୁଇପ୍ କରିଛି।

ତୃତୀୟ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଅଧିନାୟକ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ଓପନିଂ ୱିକେଟରେ ୨୫.୪ ଓଭରରେ ୨୨୭ ରନ ଉଠାଇ ଦୃଢ଼ ମୂଳଦୁଆ ପକାଇଥିଲେ। ଫଳରେ ଭାରତ ୫୦ ଓଭରରେ ୭ ୱିକେଟ୍ ହରାଇ ୩୯୩ ରନର ବିଶାଳ ସ୍କୋର କରିଥିଲା। ୬୩ ବଲରେ ଶତକ ପୂରଣ କରିଥିବା ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୭୪ ବଲରେ ୧୨୭ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୯ଟି ଚୌକା ଓ ୧୦ଟି ଛକା ମାରିଥିଲେ। ଏଥିସହ ୟୁଥ୍ ଦିନିକିଆ କ୍ରିକେଟ୍‌ରେ ସର୍ବକନିଷ୍ଠ ଅଧିନାୟକ ଭାବେ ଶତକ ହାସଲ କରିବାର ରେକର୍ଡ ମଧ୍ୟ କରିଛନ୍ତି। ସେହିଭଳି ଆରୋନ ୧୦୬ ବଲରେ ୧୧୮ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୩୫ ଓଭରରେ ୧୬୦ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ବିଜୟୀ ଭାରତୀୟ ଦଳର କିଶାନ କୁମାର ସିଂ ୩ଟି ଓ ମହମ୍ମଦ ଏନାନ ୨ଟି ୱିକେଟ ନେଇଥିଲେ।


ରନ-୧୨୭
ବଲ-୭୪

**ଭାରତୀୟ ୟୁଥ୍ ଦଳର ସିରିଜ କ୍ଲିନସୁଇପ୍**

## ଜାତୀୟ ଅସିଚାଳନା: ହରିୟାଣାକୁ ଡବଲ୍ ଟାଇଟଲ୍




କଟକ,୭।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପରେ ହରିୟାଣା ଦଳ ପ୍ରାଧାନ୍ୟ ବିସ୍ତାର କରି ରଖିଛି। ଫଏଲ ଇଭେଣ୍ଟରେ ହରିୟାଣା ବାଳିକା ଦଳଗତ ଚାମ୍ପିଅନ ହୋଇଥିବାବେଳେ ବାଳକ ବର୍ଗରେ ମଧ୍ୟ ହରିୟାଣାକୁ ଦଳଗତ ସଫଳତା ମିଳିଛି। ମହିଳା ଏକକ ବର୍ଗରେ ହରିୟାଣାର ପ୍ରାଚୀ ଲୋହାନ ସ୍ୱର୍ଣ୍ଣ ଓ ଅନୁପ୍ରିୟା ରୌପ୍ୟ ପଦକ ହାସଲ କରିଛନ୍ତି। କେରଳର ନିଭେଘ୍ୟା ନାୟର ଏବଂ ମଣିପୁରର ନେଲସିରୋଜ୍ ଦେବୀ ଯୁଗ୍ମ ଭାବେ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଅସିଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ମଲ୍ଲିକ, ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ରହି ପଦକ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**ଜାତୀୟ ସିନିଅର ପୁରୁଷ ଭଲିବଲ୍**

## ଓଡ଼ିଶା ଦଳର ହ୍ୟାଟ୍ରିକ ବିଜୟ



ଭୁବନେଶ୍ୱର, ୭।୧ (ସମିସ): ବାରଣାସୀରେ ଅନୁଷ୍ଠିତ ଜାତୀୟ ସିନିଅର ପୁରୁଷ ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣରେ ଓଡ଼ିଶା ଏହାର ବିଜୟଧାରା ଜାରି ରଖିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଦଳ ୩-୧ (୧୯-୨୫, ୨୫-୧୪, ୨୬-୨୪, ୨୫-୧୯) ସେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାରେ ହ୍ୟାଟ୍ରିକ ବିଜୟ ଲାଭ କରିଛି। ପୂର୍ବ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୩-୧ ସେଟରେ ତେଲଙ୍ଗାନାକୁ ଏବଂ ୩-୦ ସେଟରେ ବିହାରକୁ ମାତ୍ ଦେଇଥିଲା। ଓଡ଼ିଶା ଦଳର ଏହି ସଫଳତାରେ ରାଜ୍ୟ ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ, ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାର ଦ୍ୱିତୀୟ ବିଜୟ



କଟକ,୭।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଓଡ଼ିଶା ମହିଳା ଫୁଟବଲ୍ ଦଳ ୮-୪ ଗୋଲରେ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଛି। ପ୍ରଥମ ପିରିୟଡରେ ଓଡ଼ିଶା ୨ଟି ଗୋଲ ସ୍କୋର କରିଥିବା ବେଳେ ଅବଶିଷ୍ଟ ୨ଟି ପିରିୟଡରେ ଦଳ ପକ୍ଷରୁ ୩ଟି ଲେଖାଏ ଗୋଲ ହୋଇଥିଲା। ଓଡ଼ିଶା ପକ୍ଷରୁ ମନୀଷା ନାଏକ ସର୍ବାଧିକ ୫ଟି, ସତ୍ୟବତୀ ଖାଡିଆ ୨ଟି ଏବଂ ପ୍ରଜ୍ଞା କିଶାନ ଗୋଟିଏ ଗୋଲ ଦେଇଥିଲେ।

## ଅସ୍ମିତା ଜାତୀୟ ଜୋନାଲ ଆନ୍ତଃ ଭାରୋତ୍ତୋଳନରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୭।୧ (ସମିସ): ଉତ୍ତର ପ୍ରଦେଶର ମୋଦୀନଗରଠାରେ ଗୁରୁବାରଠାରୁ ଅସ୍ମିତା ଜାତୀୟ ଆନ୍ତଃଜୋନାଲ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆରମ୍ଭ ହେବ। ଗତ ଜୋନାଲ ପ୍ରତିଯୋଗିତାରେ ଯେଉଁମାନେ ପଦକ ବିଜୟୀ ହୋଇଥିଲେ ସେମାନେ ଏଥିରେ ଭାଗନେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ପ୍ରତିଯୋଗୀମାନେ ହେଲେ ମୀନା ସାନ୍ତା (ବି), ମୀନା ସିଂ, ବନିତା ନାଏକ, ଶ୍ୱେତାଲିନା ମହାନ୍ତି, ଅଙ୍କିତା ପ୍ରଧାନ, ଆଲିଶା ବେହେରା, ରିମଝିମ ନାଏକ, ରୁମାଲି ପ୍ରଧାନ, ଟିନା ରାଉତ, ପ୍ରତିଭାରାଣୀ ପ୍ରତ୍ରା ଓ ମୌସୁମୀ ଦାସ। ତେବେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ପରୀକ୍ଷା ଲାଗି ପ୍ରୀତିମୟୀ ମହାନ୍ତି ଦଳ ସହ ଯାଇପାରୁନାହାନ୍ତି। ଯଜ୍ଞ ନାରାୟଣ ନନ୍ଦ, ଗୋପାଳ କୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର ସମସ୍ତ କର୍ମକର୍ତ୍ତା ଏହି ଅବସରରେ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଥଲେଟ୍ ଜିନ୍‌ସନ୍ ଜନ୍‌ସନ୍‌ଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ, ୭।୧(ଏଜେନ୍ସି): ତାରକା ଭାରତୀୟ ଆଥଲେଟ ତଥା ମଧ୍ୟମ ଦୂରତା ଧାବକ ଜିନସନ ଜନସନ ବୁଧବାର ଅବସର ଘୋଷଣା କରିଛନ୍ତି। ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ୩୪ ବର୍ଷୀୟ ଜିନସନ ଗତ କେତେବର୍ଷ ହେବ ଆଘାତ ସମସ୍ୟା ଦେଇ ଗତି କରୁଥିଲେ। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ସେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ଦୀର୍ଘ ୧୫ ବର୍ଷର ତାଙ୍କ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରର ଅନ୍ତ ଘଟିଛି। ଜିନସନ ୨୦୨୩ ଅକ୍ଟୋବରରେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୧୫୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଥିଲେ ଓ ଏହା ଥିଲା ତାଙ୍କ କ୍ୟାରିଅରର ଅନ୍ତିମ ଅନ୍ତର୍ଜାତୀୟ ପଦକ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ୧୫୦୦ମିରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଥିଲେ ଓ ଏହା ଥିଲା ତାଙ୍କ କ୍ୟାରିଅରର ଶ୍ରେଷ୍ଠ ମୁହୂର୍ତ୍ତ। ସେ ୩ ମିନିଟ୍ ୪୪.୭୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ।

# ରେଭେନ୍ସାରେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦

**ଭାଗନେବେ ୭୪ ବିଶ୍ୱବିଦ୍ୟାଳୟ; ଓଡ଼ିଶାରୁ ୧୩**

କଟକ,୭।୧(ସମିସ):



ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି(ଏଆଇୟୁ) ର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟକୁ ମିଶାଇ ଦେଶର ମୋଟ୍ ୭୪ଟି ବିଶ୍ୱବିଦ୍ୟାଳୟ ଦଳ ଭାଗନେବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ହଲ୍‌ରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ବାବଦରେ ବିସ୍ତୃତ ସୂଚନା ଦିଆଯାଇଥିଲା।

ଆୟୋଜକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗ୍ରାଉଣ୍ଡ ସମେତ ଟାଙ୍ଗୀସ୍ଥିତ ଡ୍ରିମସ ବିଶ୍ୱବିଦ୍ୟାଳୟ, କିଟ ବିଶ୍ୱବିଦ୍ୟାଳୟ, ଏମଜିଏମ ଏକାଡେମୀ ଏବଂ ବିଡାନାସୀ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶାର ବ୍ରହ୍ମପୁର, ଏନଏଲୟୁ, ଏମଏସସିବି, ଓୟୁଏଟି, ଉତ୍କଳ, କିସ, ସମ୍ବଲପୁର, କିଟ୍, ସୋଆ, ବୁର୍ଲା, ଶ୍ରୀଶ୍ରୀ, ରେଭେନ୍ସା ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ୭୪ଟି ଯାକ ଦଳକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ଲିଗ୍ ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ନକଆଉଟ୍ ଭିତ୍ତିରେ ଖେଳାଯିବ। ତେବେ ଗତ ସଂସ୍କରଣରେ ଶ୍ରେଷ୍ଠ ଚାରି ଦଳ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ, ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ, ବିନୋବା ଭାବେ ବିଶ୍ୱବିଦ୍ୟାଳୟ ଓ ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟ ସିଧାସଳଖ ଲିଗ୍ ପର୍ଯ୍ୟାୟର ଫାଇନାଲ ରାଉଣ୍ଡ ଖେଳିବେ।

ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଦୁଇ ଦଳ ଅଲଇଣ୍ଡିଆ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏତଦବ୍ୟତୀତ ଗୋଟିଏ ଦଳ ଭିଜି ଟ୍ରଫି ଖେଳିବ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଭୟ କ୍ୟାମ୍ପସରେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ରହଣୀ ବ୍ୟବସ୍ଥା କରାଯିବ। ୨୨ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଫାଇନାଲ ମୁକାବିଲା ହେବ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସ୍ପୋର୍ଟସ କାଉନସିଲ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, କ୍ରୀଡ଼ାଧିକାରୀ ଡଃ ଅଞ୍ଜନ କୁମାର ଖୁଣ୍ଟିଆ, କୁଳସଚିବ କାହ୍ନୁଚରଣ ମଲ୍ଲିକ, ପ୍ରଫେସର ସୁଦର୍ଶନ ମିଶ୍ର, ଡଃ ଇଶ୍ୱର ନାୟକ, ଡଃ ଯାଜ୍ଞସେନୀ ରାଉତ, ଡଃ ମନୋଜ ଦାସ, ଡଃ ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS